


ଅଲଗା ହେଲେ ତାରା-ବୀର!
▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-198 •TUESDAY •13 JANUARY 2026 •PAGE-12 •₹ 7.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୧୯୮ •ମଙ୍ଗଳବାର •୧୩ ଜାନୁଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ଇସ୍ରୋ ମିଶନ ବିଫଳ: ପିଏସ୍‌ଏଲ୍‌ଭି ସି୬୨ ବାଟବଣା


## ଉତ୍‌କ୍ଷେପଣ ପରେ ଗତିପଥରୁ ବିଚ୍ୟୁତ

■ **ଶ୍ରୀହରିକୋଟା, ୧୨।୧:** ଭାରତର ପୋଲାର ସାଟେଲାଇଟ୍ ଲଞ୍ଚ ଭେହିକଲ୍ (ପିଏସ୍‌ଏଲ୍‌ଭି)ର ୬୪ତମ ମିସନ ଆଜି ଫେଲ୍ ମାରିଛି। ଉତ୍‌କ୍ଷେପଣ ହେବାର କିଛି ସମୟ ପରେ ରକେଟ୍ ବାଟବଣା ହେବାରୁ ଏହା ସହିତ ଯାଇଥିବା ୧୬ଟି ଉପଗ୍ରହ ମହାକାଶରେ ହଜିଯାଇଛନ୍ତି। କ୍ରମାଗତ ଦ୍ୱିତୀୟ ଥର ଲାଗି ପିଏସ୍‌ଏଲ୍‌ଭିର ତୃତୀୟ ପର୍ଯ୍ୟାୟରେ ଏଭଳି ତ୍ରୁଟି ଇସ୍ରୋ ପାଇଁ ବଡ଼ ଧରଣର ଝଟକା ବୋଲି କୁହାଯାଉଛି।

ପିଏସ୍‌ଏଲ୍‌ଭି-ସି୬୨ର ଉତ୍‌କ୍ଷେପଣ ପାଇଁ ଗତକାଲି ରାତିରୁ ଚଳଚଞ୍ଚଳ ଥିଲା ଶ୍ରୀହରିକୋଟା ସ୍ଥିତ ସତୀଶ ଧାବନ ମହାକାଶ କେନ୍ଦ୍ର। ଆଜି ଦିନ ଠିକ୍ ୧୦ଟା ୧୮ ମିନିଟରେ ପିଏସ୍‌ଏଲ୍‌ଭି ସଫଳତା ସହ ଉତ୍‌କ୍ଷେପଣ ହୋଇଥିଲା। ଏହା ଇଓଏସ୍-ଏନ୍୧ ସମେତ ୧୬ଟି ଉପଗ୍ରହ ନେଇ ଯାତ୍ରା କରିଥିଲା। ପ୍ରଥମ ଦୁଇଟି ପର୍ଯ୍ୟାୟ ଠିକ୍ ଭାବେ କାର୍ଯ୍ୟ କରିଥିଲା। ମାତ୍ର ତୃତୀୟ ପର୍ଯ୍ୟାୟ ଶେଷ ଆଡ଼କୁ ରକେଟ୍ ଏହାର ନିର୍ଦ୍ଧାରିତ ଗତିପଥରୁ ହଟିବା ଆରମ୍ଭ କରିଥିଲା। ଏହାକୁ ନେଇ ମହାକାଶ କେନ୍ଦ୍ରରେ ନିରବତା ଛାଇ ଯାଇଥିଲା। ପରେ ଭାରତୀୟ ମହକାକାଶ ଅନୁସନ୍ଧାନ କେନ୍ଦ୍ର ଇସ୍ରୋ ପକ୍ଷରୁ ଘୋଷଣା କରାଯାଇଥିଲା ଯେ ପିଏସ୍‌ଏଲ୍‌ଭି-ସି୬୨ ମିସନ ବିଫଳ ହୋଇଛି। ଚାରୋଟି ପର୍ଯ୍ୟାୟ ବିଶିଷ୍ଟ ଏହି ରକେଟ ପ୍ରଥମ ଦୁଇଟି ପର୍ଯ୍ୟାୟ ସଫଳତା ସହିତ କାର୍ଯ୍ୟ କରିଥିଲା। କିନ୍ତୁ ତୃତୀୟ ପର୍ଯ୍ୟାୟ ଶେଷ ଆଡ଼କୁ ଏହା ନିଜର ଗତିପଥରୁ ଅଲଗା ହୋଇଯାଇଥିଲା। ଏପରି କାହିଁକି ହେଲା? ଡାଟା ବିଶ୍ଳେଷଣ କରିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଇସ୍ରୋ ମୁଖ୍ୟ ଡ. ଭି. ନାରାୟଣନ୍ ପ୍ରକାଶ କରିଛନ୍ତି। ଫଳରେ କୌଣସି ଉପଗ୍ରହକୁ ଏହାର କକ୍ଷପଥରେ ସ୍ଥାପିତ କରାଯାଇ ପାରିନାହିଁ। ତେବେ ଏସଂପର୍କରେ ଅଧିକ କିଛି କହିବାକୁ ସେ ମନା କରିଦେଇଛନ୍ତି। ପିଏସ୍‌ଏଲ୍‌ଭି ସହ ଆଜି ଯେଉଁ ଉପଗ୍ରହ ପ୍ରେରଣ କରାଯାଇଥିଲା ▸ପୃଷ୍ଠା-୭

**ମହାକାଶରେ ହଜିଗଲା ୧୬ ଉପଗ୍ରହ**





# ଆଡ଼ବାୟା ଟ୍ରମ୍ପ

## 'ମୁଁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି'



■ **ୱାଶିଂଟନ୍, ୧୨।୧ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି। ସେ ନିଜକୁ ଭେନେଜୁଏଲାର କାର୍ଯ୍ୟକାରୀ ରାଷ୍ଟ୍ରପତି ଘୋଷଣା କରିଛନ୍ତି। ସେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲ୍‌ରେ ଏକ ପୋଷ୍ଟ କରି ଏହି କଥା ଉଲ୍ଲେଖ କରିଛନ୍ତି। ଏହି ପୋଷ୍ଟରେ ଟ୍ରମ୍ପଙ୍କ ଫଟୋ ଓ 'ଭେନେଜୁଏଲା କାର୍ଯ୍ୟକାରୀ ରାଷ୍ଟ୍ରପତି'ର କ୍ୟାପସନ ରହିଛି। ଏଥିରେ ସେ ୨୦୨୬ରୁ ଦାୟିତ୍ୱ ଗ୍ରହଣ କରିବା ବିଷୟରେ ଉଲ୍ଲେଖ କରିଛନ୍ତି। ଟ୍ରମ୍ପ ନିଜକୁ ୪୫ ଓ ୪୭ତମ ରାଷ୍ଟ୍ରପତି ଭାବେ ମଧ୍ୟ ବର୍ଣ୍ଣନା କରିଛନ୍ତି। ତେବେ ଏହି ପଦବୀ ସମ୍ପର୍କରେ ହ୍ୱାଇଟ୍ ହାଉସ କିମ୍ବା ଆମେରିକା ପ୍ରଶାସନ ପକ୍ଷରୁ କୌଣସି ଆନୁଷ୍ଠାନିକ ବିବୃତ୍ତି ଜାରି କରାଯାଇନାହିଁ। ସୂଚନାଯୋଗ୍ୟ ଯେ, ଜାନୁଆରୀ ୨ରେ ଆମେରିକା ଭେନେଜୁଏଲ ବିରୋଧରେ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀ ସିଲିଆ ଫ୍ଲୋରେସଙ୍କୁ ଗିରଫ କରି ନ୍ୟୁୟର୍କକୁ ଆଣିଥିଲେ। ଏହି ଦୁଇଜଣଙ୍କ ବିରୋଧରେ କୋର୍ଟରେ ମକଦ୍ଦମା ରୁଜୁ କରାଯାଇଛି। ଟ୍ରମ୍ପ କହିଛନ୍ତି ଯେ, ଭେନେଜୁଏଲା ପ୍ରଶାସନକୁ ଆମେରିକା ହିଁ ଚଳାଇବ। ମାଦୁରୋଙ୍କୁ ଗାଦିଚ୍ୟୁତ କରିବା ପରେ ଉପ- ରାଷ୍ଟ୍ରପତି ରୋଡ୍ରିଗ୍ୱେଜଙ୍କୁ ଗତ ସପ୍ତାହରେ ଦେଶର ଅନ୍ତରୀଣ ରାଷ୍ଟ୍ରପତି ନଯୁକ୍ତି କରାଯାଇଥିଲା। ଏବେ ଭେନେଜୁଏଲା ତୈଳ ପାଇଁ କେଉଁ କମ୍ପାନୀ ଆମେରିକା ଯିବ ତାହା ଆମେରିକା ନିଷ୍ପତ୍ତି ନେବ। ଆମେରିକାର ଆକ୍ରମଣରେ ଭେନେଜୁଏଲାର ୧୦୦ ଜଣ ସୈନିକ ମୃତ୍ୟୁବରଣ କରିଥିଲେ।

## ବଡ଼ ଚାଷୀଙ୍କୁ ସରକାରୀ ଝଟ୍‌କା

# ମିଳିବନି ୮୦୦ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି

**୧୫୦ କ୍ୱିଣ୍ଟାଲ ପରେ ଅବଶିଷ୍ଟ ଧାନ କ୍ୱିଣ୍ଟାଲ ପିଛା ୨୩୬୯ ଟଙ୍କା**

**କ୍ଷତିଗ୍ରସ୍ତ ହେବେ ୭ ଏକରରୁ ଅଧିକ ଚାଷ କରିଥିବା ଚାଷୀ**



■ **ଭୁବନେଶ୍ୱର, ୧୨।୧(ସମିସ):** ରାଜ୍ୟରେ ଧାନ କିଣାକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ମଧ୍ୟରେ ଚାଷୀ ଦହଗଞ୍ଜ ହେଉଥିବାବେଳେ ସେମାନଙ୍କ କଟା ଘା'ରେ ଚୂନ ମାରିଛନ୍ତି ରାଜ୍ୟ ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ବଡ଼ ଚାଷୀ ଅର୍ଥାତ୍ ୧୫୦ କ୍ୱିଣ୍ଟାଲଠାରୁ ଅଧିକ ଧାନ ବିକ୍ରି କରୁଥିବା ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ମିଳୁଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ମିଳିବ ନାହିଁ ବୋଲି ଯୋଗାଣମନ୍ତ୍ରୀଙ୍କ ଘୋଷଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ନିଜ ଘୋଷଣା ଅନୁଯାୟୀ ଚାଷୀଙ୍କଠାରୁ ସବୁ ଧାନ ଉଠାଇବେ। ମାତ୍ର ୧୫୦ କୁଇଣ୍ଟାଲ ଧାନ ପରେ ଆଉ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ଦିଆଯିବ ନାହିଁ। ୧୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ଚାଷୀ ୩୧୦୦ ଟଙ୍କା ପାଇବେ। ଏହା ପରେ ଆଉ ଯେତେ ଧାନ ଦେବେ, ସରକାର ତାହାକୁ ୨୩୬୯ ଟଙ୍କାରେ କିଣିବେ। ଅର୍ଥାତ୍ ହାରାହାରି ୭ ଏକରରୁ ଅଧିକ ଜମିରେ ଧାନ ଚାଷ କରିଥିବା ଚାଷୀ ସିଧାସଳଖ କ୍ଷତିଗ୍ରସ୍ତ ହେବେ।

ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ପରେ ସାରା ରାଜ୍ୟରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ରାଜ୍ୟ ସରକାର ଚାଷୀଙ୍କୁ ଇନ୍‌ପୁଟ ସହାୟତା ଘୋଷଣା କରିବା ପରେ ଅନେକ ପ୍ରଶଂସା ନେଇଥିଲେ; ହେଲେ ପ୍ରଥମ ବର୍ଷରୁ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ସହ କଟ୍‌ନୀଛଟ୍‌ନୀ ପରିମାଣ ବଢ଼ିଗଲା। କ୍ୱିଣ୍ଟାଲ ପିଛା ୧୨-୧୫ କିଲୋ ଧାନ କଟ୍‌ନୀଛଟ୍‌ନୀ କରିବା ପରେ ସରକାରଙ୍କ ଉପରେ ଚାଷୀଙ୍କ ଅସନ୍ତୋଷ ବଢ଼ିଥିଲା। ଚଳିତ ବର୍ଷ ବର୍ତ୍ତମାନ ପର୍ଯ୍ୟନ୍ତ ଧାନ କିଣା ସ୍ୱାଭାବିକ ହୋଇପାରୁ ନାହିଁ। ପଶ୍ଚିମ ଓଡ଼ିଶାରେ ୨ ମାସ ହେବ ସରକାରୀ ଭାବେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଏବେ ପର୍ଯ୍ୟନ୍ତ ସବୁ ଚାଷୀଙ୍କୁ ଟୋକନ ମଧ୍ୟ ମିଳିପାରି ନାହିଁ। ଏହାକୁ ନେଇ ଉପକୂଳରୁ-ପଶ୍ଚିମ ଓ ଦକ୍ଷିଣ ଓଡ଼ିଶା ସବୁଠି ଚାଷୀ ପ୍ରତିକ୍ରିୟାଶୀଳ ହେଉଛନ୍ତି। ଏହାକୁ ପ୍ରଶମିତ କରିବା ବଦଳରେ ଚାଷୀ ନୌଟଙ୍କି କରୁଛନ୍ତି ଓ ଦଲାଲଗିରି କରୁଥିବା ଉପମୁଖ୍ୟମନ୍ତ୍ରୀ ଆକ୍ଷେପ କରିଛନ୍ତି। ଏହି ସମୟରେ ଯୋଗାଣ ମନ୍ତ୍ରୀ ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି ଉପରେ ଚାଷୀଙ୍କୁ ଇନ୍‌ପୁଟ ସବସିଡ଼ି ▸ପୃଷ୍ଠା-୭

# ଜଗଦୀପ ଧନଖଡ଼ ଅସୁସ୍ଥ



■ **ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼ ସୋମବାର ଅସୁସ୍ଥତା କାରଣରୁ ଦିଲ୍ଲୀର ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଗତ ସପ୍ତାହନ୍ତରେ ଦୁଇଥର ବେହୋଶ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୭୪ ବର୍ଷୀୟ ଧନଖଡ଼ ଜାନୁଆରୀ ୧୦ରେ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଓ ତାଙ୍କୁ ଏମ୍ସ ନିଆଯାଇଥିଲା। ଡାକ୍ତରମାନେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ଭର୍ତ୍ତି ହେବାକୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଧନଖଡ଼ ଗତବର୍ଷ ଜୁଲାଇ ୨୧ରେ ଉପ-ରାଷ୍ଟପତି ପଦରୁ ଇସ୍ତଫା ଦେଇଥିଲେ। ଏହାକୁ ନେଇ ସେତେବେବେ ବେଶ ଚର୍ଚ୍ଚା ଚାଲିଥିଲା। ସେ ଶନିବାର ଦିନ ଶୌଚାଳୟକୁ ଯିବା ସମୟରେ ଦୁଇଥର ଚେତାଶୂନ୍ୟ ହୋଇପଡିଥିଲେ ବୋଲି ଅଧିକାରୀମାନେ କହିଛନ୍ତି। ଫଳରେ ତାଙ୍କୁ ଡାକ୍ତରୀ ପରୀକ୍ଷା ପାଇଁ ନିଆଯାଇଥିଲା। ତାଙ୍କର ଏମ୍‌ଆରଆଇ କରାଯିବ ବୋଲି ଏମ୍ସର ତରଫରୁ କୁହାଯାଇଛି। ତେବେ ଏପର୍ଯ୍ୟନ୍ତ ଧନଖଡ଼ କିମ୍ବା ତାଙ୍କ ପରିବାର ତରଫରୁ ସ୍ୱାସ୍ଥ୍ୟାବସ୍ଥା ନେଇ କୌଣସି ସରକରୀ ସୂଚନା ଦିଆଯାଇନାହିଁ।

## ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲା

# ୭ ପରୀକ୍ଷାର୍ଥୀଙ୍କୁ ନୋଟିସ

■ **ଭୁବନେଶ୍ୱର, ୧୨।୧ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପୂର୍ବରୁ ପୁଲିସ ଦ୍ୱାରା ଗିରଫ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭ ଜଣଙ୍କୁ ଜେରା କରିବ ସିବିଆଇ। ଏ ସଂକ୍ରାନ୍ତରେ ସିବିଆଇ ପକ୍ଷରୁ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ନୋଟିସ ଜାରି କରାଯାଇଛି। ସମସ୍ତ ପରୀକ୍ଷାର୍ଥୀ ବ୍ରହ୍ମପୁରର ବୋଲି ଜଣାପଡ଼ିଛି। ଓପିଆର୍‌ବି, ସିଲିକନ୍ ଏବଂ ଶଙ୍କର ପୃଷ୍ଟି ଏବଂ ପରୀକ୍ଷାର୍ଥୀଙ୍କ ମଧ୍ୟରେ କ'ଣ ଲିଙ୍କ୍ ରହିଥିଲା, ପରୀକ୍ଷା ପୂର୍ବରୁ ସେମାନଙ୍କୁ କିଭଳି ପ୍ରଶ୍ନପତ୍ର ମିଳି ଯାଉଥିଲା ଏବଂ ଓପିଆର୍‌ବିର କିଏ ଏହି ପ୍ରଶ୍ନପତ୍ର ଲିକ୍‌ରେ ସାମିଲ ଅଛି ସେ ସମ୍ପର୍କରେ ପଚରାଉଚରା କରାଯିବ ବୋଲି ସୂଚନା ମିଳିଛି। ତେବେ ସିବିଆଇ ଆଜି ଆଉ ୭ ଜଣଙ୍କୁ ଏହି ମାମଲାରେ ଜେରା କରିଥିବା ଜଣାପଡ଼ିଛି।

ସିବିଆଇ ଦାଖଲ କରିଥିବା ଚାର୍ଜସିଟ୍ ଅନୁସାରେ, ମାର୍ଚ୍ଚ ମାସରୁ ଚାକିରି ବିକ୍ରି ପାଇଁ ନକ୍ସା ପ୍ରସ୍ତୁତ ହୋଇଥିଲା। ପରୀକ୍ଷା ପ୍ରଶ୍ନପତ୍ର ଛାପିବା ଦାୟିତ୍ୱ ଓପିଆର୍‌ବିର ରହିଥିଲା। ପ୍ରଶ୍ନପତ୍ରକୁ ଦେଖାଇ ଆଶାୟୀ ପରୀକ୍ଷାର୍ଥୀଙ୍କୁ ପ୍ରଲୋଭିତ କରିବା ସହ ୨୫ ଲକ୍ଷ ଟଙ୍କାରେ ଦଲାଲ୍‌ମାନେ ପୁଲିସ ଏସଆଇ ପଦବୀର ଡିଲ୍ କରିଥିଲେ; ମାତ୍ର ଏହି ଖବର କୌଣସି ସୂତ୍ରରୁ ▸ପୃଷ୍ଠା-୭

## ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ପରେ ବଢ଼ିଲା ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଚର୍ଚ୍ଚା

# ୨୦୦ ଛୁଇଁବ ବିଧାନସଭା ଆସନ !

■ **ଭୁବନେଶ୍ୱର, ୧୨।୧ (ସମିସ):** ରାଜ୍ୟରେ ବିଧାନସଭା ଓ ଲୋକସଭା ଆସନର ସୀମା ପୁନଃନିର୍ଦ୍ଧାରଣ (ଡିଲିମିଟେସନ) ପରେ ବିଧାନସଭା ଆସନ ସଂଖ୍ୟା ପ୍ରାୟ ୨୦୦ ଛୁଇଁପାରେ। ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଟିପ୍ପଣୀ ପରେ ରାଜ୍ୟରୁ ଜାତୀୟସ୍ତର ପର୍ଯ୍ୟନ୍ତ ବିଭିନ୍ନ ମହଲରେ ସୀମା ପୁନଃନିର୍ଦ୍ଧାରଣକୁ ନେଇ ପୁଣି ଗୁଞ୍ଜରଣ ସୃଷ୍ଟି ହୋଇଛି। ପୂର୍ବରୁ ଜନସଂଖ୍ୟା ଆଧାରରେ ଡ଼ିଲିମିଟେସନ ହେବ ବୋଲି ହେଉଥିବା ଚର୍ଚ୍ଚା ସତ୍ୟ ହେଲେ ଓଡ଼ିଶା କ୍ଷତିରେ ପଡ଼ିବାର ସମ୍ଭାବନା ରହିଛି। ମାତ୍ର ମୁଖ୍ୟମନ୍ତ୍ରୀ ବିଧାନସଭା ଆସନ ସଂଖ୍ୟା ୨୦୦ ଛୁଇଁବ ବୋଲି ଦେଇଥିବା ଟିପ୍ପଣୀ ରାଜ୍ୟରେ ରାଜନୈତିକ ମହଲକୁ ଉଷ୍ମ କରି ଦେଇଛି।

**▸ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେଲେ କ୍ଷତିରେ ପଡ଼ିବ ଓଡ଼ିଶା**

**▸ ୨୦୨୯ ନିର୍ବାଚନ ପୂର୍ବରୁ ସମ୍ଭବ ହେବନି ସୀମା ପୁନଃ ନିର୍ଦ୍ଧାରଣ**



ସଡ଼କ ସୁରକ୍ଷା ସଂକ୍ରାନ୍ତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଯେଉଁ ରାଜ୍ୟ ବିଧାନସଭା ଅଛି, ସେଥିରେ ଅତି ବେଶିରେ ଆଉ ୩-୪ ଜଣ ବସିପାରିବେ। ନୂଆଦିଲ୍ଲୀରେ ଯେପରି ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ ହୋଇଛି, ଠିକ୍ ସେପରି ଭାବେ ରାଜ୍ୟରେ ନୂଆ ବିଧାନସଭା ଗଠନ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଡିଲିମିଟେସନ ପ୍ରକ୍ରିୟାରେ ପ୍ରାୟ ୫୦ଟି ବିଧାନସଭା ଆସନ ବଢ଼ି ଏହା ୨୦୦ରେ ପହଞ୍ଚିବାର ସମ୍ଭାବନା ରହିଛି। ଆଗାମୀ ୫୦ରୁ ୧୦୦ ବର୍ଷକୁ ଆଖି ଆଗରେ ରଖି ୩୦୦ ସିଟ୍ ବିଶିଷ୍ଟ ବିଧାନସଭା ସୌଧ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ▸ପୃଷ୍ଠା-୭

## ବିଶ୍ୱର ୪ର୍ଥ ବୃହତ୍ ମହଙ୍ଗା ଛାଡ଼ପତ୍ର

# ପତ୍ନୀଙ୍କୁ ୧୪ ହଜାର କୋଟି ଦେବେ ଜୋହୋ ପ୍ରତିଷ୍ଠାତା



■ **ନୂଆଦିଲ୍ଲୀ, ୧୨।୧(ଏଜେନ୍ସି):** ଛାଡପତ୍ର ଘଟଣାକୁ ନେଇ ଚର୍ଚ୍ଚାରେ ଜୋହୋ ପ୍ରତିଷ୍ଠାତା ଏବଂ ସିଇଓ ଶ୍ରୀଧର ଭେମ୍ବୁ। କାରଣ ଭେମ୍ବୁ ଛାଡ଼ପତ୍ରରେ ପତ୍ନୀଙ୍କୁ ଦେବେ ୧୪,୦୦୦ କୋଟି ଟଙ୍କା କ୍ଷତିପୂରଣ। ତେବେ ଏହାକୁ ବିଶ୍ୱର ୪ର୍ଥ ବୃହତ୍ ଏବଂ ଭାରତର ସବୁଠାରୁ ମହଙ୍ଗା ଛାଡ଼ପତ୍ର ବୋଲି କୁହାଯାଉଛି। ଆମେରିକାର କାଲିଫର୍ଣ୍ଣିଆରେ ଚାଲିଥିବା ଛାଡପତ୍ର ମାମଲାରେ କୋର୍ଟ ଭେମ୍ବୁଙ୍କୁ ୧.୭ ବିଲିୟନ ଡଲାର (୧୪ ହଜାର କୋଟି ଟଙ୍କା)ର ବଣ୍ଡ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀଧର ଭେମ୍ବୁ ଏବଂ ତାଙ୍କ ପତ୍ନୀ ପ୍ରମିଳା ଶ୍ରୀନିବାସନଙ୍କ ମଧ୍ୟରେ ଛାଡପତ୍ରର ମୁଖ୍ୟ କାରଣ ହେଉଛି, ▸ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ସଂକଟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

# ବିନା ବନ୍ଧକରେ ୪୭ ଲକ୍ଷ କୋଟି ଋଣ

**୨୦ ବର୍ଷରେ ଋଣ ପରିମାଣ ବଢ଼ିଛି ୨୩ ଗୁଣା**

**୨୦୦୫ରେ ୨ ଲକ୍ଷ କୋଟି, ୨୦୨୫ରେ ୪୭ ଲକ୍ଷ କୋଟି**



■ **ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି):** ଦେଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଅସ୍ତିତ୍ୱ ଏବେ ବିପଦରେ। ପୂର୍ବରୁ ଅଣ-କାର୍ଯ୍ୟକାରୀ ସମ୍ପତ୍ତି(ଏନ୍‌ପିଏ)ରେ ବୃଦ୍ଧିକୁ ନେଇ ବ୍ୟାଙ୍କଗୁଡିକ ସମସ୍ୟାରେ ରହିଥିବାବେଳେ ଏବେ ବିନା ଗ୍ୟାରେଣ୍ଟିଯୁକ୍ତ ଋଣ ପରିମାଣରେ ବୃଦ୍ଧି ଆଉ ଏକ ଚିନ୍ତାର ବିଷୟ ହୋଇଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଏବେ ବିନା ବନ୍ଧକରେ ଲକ୍ଷ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ବିନା କୌଣସି ବନ୍ଧକ ବା ଗ୍ୟାରେଣ୍ଟିରେ ବ୍ୟାଙ୍କଗୁଡିକ ଦେଇଛନ୍ତି ୪୬.୯ ଲକ୍ଷ କୋଟି ଟଙ୍କାର ଋଣ। ଗତ ୨୦ ବର୍ଷରେ ଏହି ବିନା ଗ୍ୟାରେଣ୍ଟିରେ ଦିଆଯାଇଥିବା ଋଣ ପରିମାଣ ୨୩ ଗୁଣ ବୃଦ୍ଧି ପାଇଛି। ୨୦୦୫ରେ ବିନା କୌଣସି ବନ୍ଧକରେ ବ୍ୟାଙ୍କଗୁଡିକ ୨ ଲକ୍ଷ କୋଟି ଟଙ୍କାର ଋଣ ଦେଇଥିବାବେଳେ ୨୦୨୫ରେ ଏହି ପରିମାଣ ୪୬ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଯାଇଛି, ଯାହା ଗତ ଦୁଇ ଦଶନ୍ଧି ମଧ୍ୟରେ ବ୍ୟାଙ୍କଗୁଡ଼ିକର ଅସୁରକ୍ଷିତ ଋଣକୁ ଦ୍ରୁତ ଗତିରେ ବଢ଼ାଇ ଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ସଦ୍ୟତମ ରିପୋର୍ଟରେ କୁହାଯାଇଛି।

ଭାରତୀୟ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଋଣ ପ୍ରଦାନ ପଦ୍ଧତିରେ ଏକ ବଡ଼ ସାଂରଚନିକ ପରିବର୍ତ୍ତନ ଦେଖିବାକୁ ମିଳିଛି। ଷ୍ଟେଟ୍ ବ୍ୟାଙ୍କର ଏହି ସଦ୍ୟତମ ରିପୋର୍ଟ ଅନୁଯାୟୀ, ଦେଶରେ ଅସୁରକ୍ଷିତ ଋଣ ପରିମାଣ ରେକର୍ଡ ୪୬.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। କୌଣସି ବନ୍ଧକ କିମ୍ବା ସୁରକ୍ଷା ବିନା ଦିଆଯାଇଥିବା ଏହି ଋଣରେ ଏଭଳି ଘାତକ ବୃଦ୍ଧି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ପ୍ରତି ବଡ଼ ବିପଦ କୁହାଯାଉଛି। ଏଥିଯୋଗୁ ମୋଟ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ମଧ୍ୟ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ୨୦୦୫ ଆର୍ଥିକବର୍ଷରେ ବ୍ୟାଙ୍କ ଋଣରେ ଅସୁରକ୍ଷିତ ଋଣର ଅଂଶ ୧୭.୭% ରହିଥିବାବେଳେ ୨୦୦୫ ଆର୍ଥିକବର୍ଷରେ ଏହା ୨୪.୫%କୁ ବୃଦ୍ଧି ପାଇଛି। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ୨୦୧୯ ଆର୍ଥିକବର୍ଷଠାରୁ ମୋଟ ଋଣରେ ଅସୁରକ୍ଷିତ ଋଣର ଅଂଶ କ୍ରମାଗତ ଭାବରେ ୨୦% ଉପରେ ରହିଛି। ଯେହେତୁ ଏହି ଋଣଗୁଡ଼ିକ ▸ପୃଷ୍ଠା-୭






# ମକରରେ ବଦଳିବ ପ୍ରଧାନମନ୍ତ୍ରୀ ଅଫିସ ଠିକଣା

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ଦିଲ୍ଲୀର ରାଇସିନା ହିଲ୍ସ ନିକଟରେ ପ୍ରଧାନମନ୍ତ୍ରୀଙ୍କ ନୂଆ କର୍ଯ୍ୟାଳୟର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମକର ସଂକ୍ରାନ୍ତିରେ ନୂଆ କାର୍ଯ୍ୟାଳୟରେ କାର୍ଯ୍ୟ ଆରମ୍ଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି । ନୂଆ କାର୍ଯ୍ୟାଳୟ ପ୍ରସ୍ତୁତିର ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କୁହାଯାଉଛି । ଏହି ନୂଆ କର୍ଯ୍ୟାଳୟ ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପର ଅଂଶବିଶେଷ । କାର୍ଯ୍ୟାଳୟ ନିକଟରେ ପ୍ରାଧାନମନ୍ତ୍ରୀଙ୍କ ବାସଭବନ ମଧ୍ୟ ନିର୍ମାଣ କରାଯାଉଛି । ଏହାର ନିର୍ମାଣ ଶେଷ ପରେ ପ୍ରଧାନମନ୍ତ୍ରୀ ୭ ଲୋକକଲ୍ୟାଣ ମାର୍ଗସ୍ଥିତ ଏବେକାର ବାସଭବନ ଛାଡି ନୂଆ ବାସଭବନକୁ ଯିବେ । ପ୍ରଧାନମନ୍ତ୍ରୀଙ୍କ ନୂଆ ଅଫିସର ନାମ ପ୍ରଥମେ ଏକଜିକ୍ୟୁଟିଭ କମ୍ପେ୍ଲକ୍ସ ରଖାଯାଇଥିଲା । ତେବେ ପରେ ଏହାକୁ ବଦଳାଯାଇ 'ସେବା ତୀର୍ଥ' ରଖାଯାଇଛି । ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ ଅନୁସାରେ ନୂଆ ସଂସଦ ଭବନ ଓ ଉପ-ରାଷ୍ଟ୍ରପତି ଏନକ୍ଲେଭ ପୂର୍ବରୁ ପ୍ରସ୍ତୁତ ହୋଇସାରିଛି । ସେବା ତୀର୍ଥ କମ୍ପେ୍ଲକ୍ସରେ ୩ଟି କୋଠା ରହିଛି । ସେବା ତୀର୍ଥ-୧ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର କାର୍ଯ୍ୟ ହେବ । ସେବା ତୀର୍ଥ-୨ କ୍ୟାବିନେଟ ସଚିବାଳୟ ହେବ । ସେବା ତୀର୍ଥ-୩ ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟାଙ୍କ କାର୍ଯ୍ୟାଳୟ ହେବ । ୭୮ ବର୍ଷ ପରେ ପ୍ରଧାନମନ୍ତ୍ରୀ ଅଫିସ ନର୍ଥ ବ୍ଲକରୁ ସ୍ଥାନାନ୍ତର ହେବ ।



# ଇରାନରେ ବ୍ୟାପୁଛି ହିଂସା; ୫୫୦ ମୃତ

ଲସ୍ ଏଞ୍ଜେଲସ, ୧୨ ।୧(ଏଜେନ୍ସି): ଗତ ଦୁଇ ସପ୍ତାହ ଧରି ଇରାନରେ ସରକାର ବିରୋଧୀ ପ୍ରତିବାଦ ଜାରି ରହିଛି । ଇରାନରେ ମାନବାଧିକାର କର୍ମୀ ସମ୍ବାଦ ସଂସ୍ଥା (ଏଚ୍‌ଆରଏଏନ୍‌ଏ) ଦେଇଥିବା ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ ୮ ଜଣ ଶିଶୁଙ୍କ ସମେତ ଏହି ହିଂସ୍ରକ ଆନ୍ଦୋଳନରେ ମୋଟ୍ ୫୪୪ ଜଣ ମୃତ୍ୟୁବରଣ କରିଛନ୍ତି । ୧୦ହଜାର ଲୋକଙ୍କୁ ଗିରଫ କରାଯାଇ ଜେଲ୍‌ରେ ଭର୍ତ୍ତି କରାଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଏଭଳି ଦମନ ଚଳାଇ ଇରାନ ତା'ର ରେଡ୍ ଲାଇନ୍ ଅର୍ଥାତ ଲକ୍ଷ୍ମଣ ରେଖା ପାର୍ କରିଛି । ତେଣୁ ଆମେରିକା ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ଚିନ୍ତା କରୁଛି । ।।ସେ କହିଛନ୍ତି ଯେ, ଇରାନ ବି ।।କ୍ଷୋଭକାରୀଙ୍କ ଉପରେ କି କାର୍ଯ୍ୟାନୁଷ୍ଠାନ ନେଉଛି ଓ କ'ଣ କରୁଛି ସେ ତାହା ଉପରେ ଆମେରିକା ତୀକ୍ଷ୍ଣ ନଜର ରଖିଛି । ଇତିମଧ୍ୟରେ ଇରାନ ଆଲୋଚନା ପାଇଁ ଏକ ପ୍ରସ୍ତାବ ଦେବା ସହ ଆମେରିକା ସହ ଯୋଗାଯୋଗ କରିଛି । ଏ ନେଇ ଏକ ବୈଠକ ସ୍ଥିତ କରିବା ପାଇଁ ଆଲୋଚନା ଚାଲିଛି । ତଥାପି, ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଥମ ପଦକ୍ଷେପ ନେବାକୁ ପଡ଼ିପାରେ । କାରଣ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି ଓ ଗିରଫ ହେଉଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ତେଣଉ ବୈଠକ ପୂର୍ବରୁ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ।

ଅନପଟେ ଇରାନ ବୈଦେଶିକ ମନ୍ତ୍ରୀ ଅଭିଯୋଗ କରିଛନ୍ତି ଯେ, ଦେଶରେ ଚାଲିଥିବା ହିଂସାତ୍ମକ ଆନ୍ଦୋଳନ ଏବେ ରକ୍ତାକ୍ତ ହୋଇଛି ଓ ଏହା ଟ୍ରମ୍ପଙ୍କୁ ହସ୍ତକ୍ଷେପ କରିବା ପାଇଁ ବାହାନା ଦେଉଛି । ବି ।।କ୍ଷୋଭକାରୀମା ।।ନେ ପୁଲିସକର୍ମୀଙ୍କୁ ମାରିବା ସହ ଜିଅନ୍ତା ଜଳାଉଛନ୍ତି । ଦେଶବ୍ୟାପୀ ଚାଲିଥିବା ପ୍ରତିବାଦ ଏବେ ନିୟନ୍ତ୍ରଣକୁ ଆସିଛି । ଅନ୍ୟପକ୍ଷରେ ଆନ୍ଦୋଳନ ଚାଲିଥିବା ବେଳେ ଭାରତୀୟ ନାଗରିକଙ୍କୁ ଗିରଫ କରାଯିବା କଥା ମିଛ ବୋଲି ଇରାନ ରାଷ୍ଟ୍ରଦୂତ ମୋହମ୍ମଦ ଫଥାଲୀ ଏକ୍ସରେ ସୂଚନା ଦେଇଛନ୍ତି । ଯଦି ଆମେରିକା ଆକ୍ରମଣ କରେ ତେବେ ଇରାନ ଆମେରିକା ସମେତ ଇସ୍ରାଏଲ ସୈନ୍ୟଙ୍କୁ ଆକ୍ରମଣ କରିବ ବୋଲି ସେ ଧମକ ଦେଇଛନ୍ତି ।

ଆମେରିକାରେ ଇରାନ ସର୍ବୋଚ୍ଚ ନେତା ଅଲି ହୋସେଇନି ଖାମେନେଇଙ୍କ ବିରୋଧରେ ଆୟୋଜିତ ରାଲି ଭିତରକୁ ଏକ ଟ୍ରକ ମାଡିଯିବା ଫଳରେ ଆତଙ୍କ ସୃଷ୍ଟି ହୋଇଥିଲା । ଏହି ଘଟଣା ରବିବାର ଅପରାହ୍ଣରେ ଲସ୍ ଏଞ୍ଜେଲ୍ସର ୱେଷ୍ଟଉଡ ଅଞ୍ଚଳରେ ଘଟିଥିଲା । ଏଠାରେ ଇରାନରେ ଚାଲିଥିବା ପ୍ରତିବାଦକୁ ସମର୍ଥନ କରି ଶହଶହ ଲୋକ ଶୋଭାଯାତ୍ର କରୁଥିଲେ । ତେବେ ଏହି ଘଟଣାରେ କେତେଲୋକ ଆହତ ହୋଇଛନ୍ତି ସେ ନେଇ କିଛି କୁହାଯାଇନାହିଁ । ରାଲି ଭିତରକୁ ଟ୍ରକ୍ ମାଡିଯିବା ଫଳରେ ଲୋକମାନେ ଜୀବନ ବଞ୍ଚାଇବାକୁ ଦୌଡ଼ିବା ଆରମ୍ଭ କରିଥିଲେ । ଉତ୍ତ୍ୟକ୍ତ ପ୍ରଦର୍ଶନକାରୀମାନେ ସମ୍ପୃକ୍ତ ଟ୍ରକ ଡ୍ରାଇଭରଙ୍କୁ ଅଟକାଇ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ।




### ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ କରିପାରେ ଆମେରିକା

**ଇରାନରେ ଥିବା ନାଗରିକଙ୍କୁ ସତର୍କ କରାଇଲା ଭାରତ**

ଇରାନରେ ଚାଲିଥିବା ହିଂସାତ୍ମକ ଆନ୍ଦୋଳନ ଦିନକୁ ଦିନ ଉଗ୍ର ହେବାରେ ଲାଗିଥିବା ବେଳେ ଭାରତ ସେଠାରେ ଥିବା ନିଜର ନାଗରିକଙ୍କୁ ସତର୍କ କରାଇଛି । ଭାରତ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି । ବୈଦେଶିକ ମନ୍ତ୍ରଣାଳୟ ଭାରତୀୟ ନାଗରିକଙ୍କୁ ବାହାରକୁ ନ ବହାରିବା ପାଇଁ ଓ କୌଣସି ପ୍ରକାର ଘଟଣାରେ ନ ଫସିବା ସତର୍କ କରାଇଛି । ଇରାନ୍‌ରେ ବହୁ ସଂଖ୍ୟାରେ ଭାରତୀୟ ଛାତ୍ର ଓ ପ୍ରବାସୀ ରହୁଛନ୍ତି । ପ୍ରତିବନ୍ଧକ ସତ୍ତ୍ୱେ ରାଜଧାନୀ ତେହେରାନସ୍ଥିତ ଭାରତୀୟ ଦୂତାବାସ ଛାତ୍ରଙ୍କ ସଂଘଗୁଡିକ ସହ ସମ୍ପର୍କ ରକ୍ଷା କରିଛି । ଏପର୍ଯ୍ୟନ୍ତ ସମସ୍ତେ ସୁରକ୍ଷିତ ଅଛନ୍ତି ଓ କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇନାହାନ୍ତି । ଘରୁ ବାହାରକୁ ବାହାରିଲେ ଭାରତୀୟ ନାଗରିକମାନେ ବିପଦର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ।

# ବିଜୟଙ୍କୁ ସିବିଆଇର ୬ ଘଣ୍ଟା ଜେରା

ଚେନ୍ନଇ, ୧୨ ।୧(ଏଜେନ୍ସି): ସିବିଆଇ ସୋମବାର ତାମିଲ ଅଭିନେତା ତଥା ତାମିଲିଗା ଭେଟ୍ରୀ କାଝଗମ (ଟିଭିକେ) ପାର୍ଟି ମୁଖ୍ୟ ବିଜୟ ଥାଲାପତିଙ୍କୁ ୬ ଘଣ୍ଟା ପଚରାଉଚରା କରିଛି । ବିଜୟ ସକାଳ ୧୧.୨୯ରେ କଡ଼ା ସୁରକ୍ଷା ବଳୟ ଭିତରେ ସିବିଆଇ ମୁଖ୍ୟ କାର୍ଯ୍ୟାଳୟ ପହଞ୍ଚିଥିଲେ ଓ ସନ୍ଧ୍ୟା ୬ଟାରେ ବାହାରକୁ ବାହାରିଥିଲେ । କରୁର ଦଳାଚକଟା ମାମଲାରେ ତାଙ୍କୁ ପଚରା ଉଚରା କରାଯାଇଥିଲା । ତେବେ ଏହି ଘଟଣା ପାଇଁ ତାଙ୍କ ପାର୍ଟି ଦାୟୀ ନୁହେଁ ବୋଲି ସେ ସିବିଆଇକୁ ସ୍ପଷ୍ଟ କରିଥିଲେ । ଦଳାଚକଟା ଆଗକୁ ନ ବଢ଼ିବା ପାଇଁ ସେ ତୁରନ୍ତ ସେ ସ୍ଥାନ ଛାଡି ଚାଲିଯାଇଥିଲେ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ୨୦୨୫ ସେପ୍ଟେମ୍ବର ୨୭ରେ କରୁରରେ ବିଜୟଙ୍କ ରାଲିରେ ଦଳାଚକଟା ହୋଇଥିଲା । ଏଥିରେ ୪୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୬୦ରୁ ଅଧିକ ଲୋକ ଆହତ ହୋଇଥିଲେ । ବିଜୟଙ୍କୁ ପାଖରୁ ଦେଖିବା ପାଇଁ ଆବଶ୍ୟକତାଠାରୁ ଭିଡ଼ ଏକାଠି ହେବା କାରଣରୁ ଏହି ଘଟଣା ଘଟିଥିଲା । ସେତେବେଳେ ଏହି ଘଟଣାକୁ ନେଇ ଦେଶ ସାରା ଚର୍ଚ୍ଚା ଚାଲିଥିଲା । ଏହାପୂର୍ବରୁ ସିବିଆଇ ଜାନୁଆରୀ ୬ରେ ବିଜୟଙ୍କ ସମନ ଜାରି କରିଥିଲା । ରାଲି ପାଇଁ ବିଜୟଙ୍କୁ ୧୦ ହଜାର ଲୋକଙ୍କ ପାଇଁ ଅନୁମତି ଥିଲା । ପ୍ରଶାସନ ୫୦ ହଜାର ଲୋକ ଏକାଠି ହେବେ ବୋଲି ଅନୁମାନ କରୁଥିଲା । କିନ୍ତୁ ୧ ଲକ୍ଷ ୨୦ ହଜାର ଲୋକ ଏକାଠି ହେବା ଫଳରେ ଦଳଚକଟା ସ୍ଥିତି ସୃଷ୍ଟି ହୋଇଥିଲା ।



# ଦିଲ୍ଲୀରେ ତାପମାତ୍ରା ୩.୨ ଡିଗ୍ରୀ

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ଦିଲ୍ଲୀ ସମେତ ସାରା ଉତ୍ତର ଭାରତରେ ପ୍ରବଳ ଶୀତ ଓ ଥଣ୍ଡା ଜାରି ରହିଛି । ରାଜଧାନୀ ଦିଲ୍ଲୀରେ ଚଳିତ ଶୀତଋତୁରେ ପ୍ରଥମଥର ପାଇଁ ତାପମାତ୍ରା ୩ ଡିଗ୍ରୀ ତଳକୁ ଖସିଛି । ଆୟା ନଗରରେ ସର୍ବନିମ୍ନ ତାପମାତ୍ରା ୨.୯ ଡିଗ୍ରୀ ରେକର୍ଡ କରାଯାଇଛି । ରବିବାର ପାଲମ ବିମାନ ବନ୍ଦରରେ ୧୩ ବର୍ଷ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ପୁରୁଣା ରେକର୍ଡ ଭାଙ୍ଗିଛି । ସେହିପରି ପ୍ରବଳ ଥଣ୍ଡା ପାଇଁ ନୋଏଡ଼ାରେ ଜାନୁଆରୀ ୧୫, ଗୋରଖପୁର-

**ସବୁଠାରୁ ଶୀତୁଆ ସକାଳ; ୧୩ ବର୍ଷର ରେକର୍ଡ ଭାଙ୍ଗିଲା**



ଆଗ୍ରାରେ ୧୩, ମିରଟ୍‌ରେ ୧୨ ତାରିଖ ପର୍ଯ୍ୟନ୍ତ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି । ପାର୍ବତ୍ୟାଞ୍ଚଳରେ ତୁଷାରପାତ କାରଣରୁ ସାରା ଉତ୍ତର ଭାରତରେ କଡ଼ା ଥଣ୍ଡା ଅନୁଭୂତ ହେଉଛି । ରବିବାର ରାଜସ୍ଥାନରେ ବହୁ ଅଞ୍ଚଳରେ ତାପମାତ୍ରା ଶୂନ ଡିଗ୍ରୀକୁ ଖସିଛି । ଫତେପୁରରେ ସର୍ବନିମ୍ନ ତାପମାତ୍ରା ବିୟୁକ୍ତ ୨ ଓ ନାଗୋରରେ ବିୟୁକ୍ତ ୧ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ଉତ୍ତରାଖଣ୍ଡର ପିଥୋରାଗଡ଼, ଆଦି କୈଳାଶ, ରୁଦ୍ରପ୍ରୟାଗ ଓ କେଦାନାଥଧାମରେ ତାପମାତ୍ରା ବିୟୁକ୍ତ ୧୬ ଡିଗ୍ରୀରେ ପହଞ୍ଚିଛି । ମଧ୍ୟପ୍ରଦେଶରେ ଅଧିକାଂଶ ଜିଲ୍ଲାରେ ରାତିରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଥିଲା । ସେହିପରି ବିହାରର ୫ଟି ଜିଲ୍ଲାରେ ସର୍ବନିମ୍ନ ତାପମାତ୍ର ୬ ଓ ୧୧ ଜିଲ୍ଲାରେ ୮ ଡିଗ୍ରୀ ଥିଲା ଏବଂ ୨୪ଟି ଜିଲ୍ଲାରେ ଘନ କୁହୁଡି ଦେଖିବାକୁ ମିଳିଥିଲା ।

# ଆସନ୍ତାବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ଭାରତରେ ଆମେରିକାର ନୂଆ ରାଷ୍ଟ୍ରଦୂତ ସର୍ଗିଓ ଗୋର ସୋମବାର ନୂଆଦିଲ୍ଲୀରେ ଦାୟିତ୍ୱ ସମ୍ଭାଳିଛନ୍ତି । ପଦ ସମ୍ଭାଳିବା ପରେ ସେ ଭାରତ ଓ ଆମେରିକା ମଧ୍ୟରେ ଥିବା ସମ୍ପର୍କକୁ ନେଇ ସକାରାତ୍ମକ ବାର୍ତ୍ତା ଦେଇଛନ୍ତି । ଭାରତ ଅପେକ୍ଷା ଆମେରିକା ପାଇଁ କୌଣସି ଦେଶ ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଦୁଇଦେଶ ଆସନ୍ତାକାଲି ଫୋନ୍ ମାଧ୍ୟମରେ ଏକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଗୋର କହିଛନ୍ତି । ସେ ଏହି କ୍ରମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଥିବା ବନ୍ଧୁତାକୁ ପ୍ରକୃତ ବୋଲି ବର୍ଣ୍ଣନା କରିଥିଲେ । ପ୍ରକୃତ ବନ୍ଧୁଙ୍କ ମଧ୍ୟରେ ମତଭେଦ ରହିଥାଏ, କିନ୍ତୁ ଶେଷରେ ସେମାନେ ସର୍ବଦା ମତଭେଦକୁ ଦୂର କରିବାରେ ସକ୍ଷମ ହୋଇଥାନ୍ତି । ଦୁଇ ରାଷ୍ଟ୍ର ମଧ୍ୟରେ ଥିବା ସହଭାଗୀତାକୁ ପରବର୍ତ୍ତୀ ସ୍ତରକୁ ନେବା ଆମର ଲକ୍ଷ୍ୟ । ଆସନ୍ତାବର୍ଷ ଟ୍ରମ୍ପ ଭାରତ ଆସିପାରନ୍ତି ବୋଲି ସେ କହିଛନ୍ତି ।

ରାଷ୍ଟ୍ରଦୂତ ଭାବେ ଦାୟିତ୍ୱ ନେବା ପରେ ଗୋର ପ୍ରଥମେ 'ନମସ୍ତେ' ସହିତ ତାଙ୍କର ଭାଷଣ ଆରମ୍ଭ କରିଥିଲେ । ଭାରତରେ ଆମେରିକା ରାଷ୍ଟ୍ରଦୂତ ଭାବେ ନିଯୁକ୍ତ ହେବା ମୋ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ କହିଥିଲେ । ସେ ଭାରତକୁ ଏକ ଅସାଧାରଣ ରାଷ୍ଟ୍ର ଭାବେ ବର୍ଣ୍ଣନା କରିଥିଲେ । ଭାରତରେ କାର୍ଯ୍ୟ କରିବା ନିଶ୍ଚିତ ଭାବେ ଏକ ସମ୍ମାନର ବିଷୟ । ଭାରତ ହେଉଛି ବିଶ୍ୱର ସର୍ବପୁରାତନ ଗଣତନ୍ତ୍ର ଓ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ସଂଗମ । ଭାରତ ଏକ ବଡ଼ ଦେଶ । ତେଣୁ ବାଣିଜ୍ୟ ନେଇ ଚୁକ୍ତି ପ୍ରକ୍ରିୟା ସେତେଟା ସହଜ ନୁହେଁ । କିନ୍ତୁ ଦୁଇ ଦେଶ ଏ ନେଇ ଚେଷ୍ଟିତ ଅଛନ୍ତି ବୋଲି ସେ କହିଛନ୍ତି । ଗୋରଙ୍କୁ ଭାରତର ରାଷ୍ଟ୍ରଦୂତ ଚୟନ କରିବାକୁ ଟ୍ରମ୍ପ ୭ ମାସ ସମୟ ନେଇଥିଲେ । ୨୦୨୫ ଜାନୁଆରୀରେ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପ ଗୋରଙ୍କୁ ଭାରତର ରାଷ୍ଟ୍ରଦୂତ ଭାବେ ମନୋନୀତ କରିଥିଲେ । ରାଷ୍ଟ୍ରପତି ନିର୍ବାଚନ ସମୟରେ ଟ୍ରମ୍ପଙ୍କ ପାଇଁ ଗୋର ପାଣ୍ଠି ସଂଗ୍ରହ କରିବାରେ ଆଗୁଆ ରହିଥିଲେ । ଗୋର ଟ୍ରମ୍ପଙ୍କ ପୁଅ ଜୁନିଅର ଟ୍ରମ୍ପଙ୍କ ବନ୍ଧୁ ଭାବେ ଜଣାଶୁଣା ।


ସର୍ଗିଓ ଗୋର

# ଥାନାରେ ପତ୍ନୀଙ୍କୁ ଗୁଳିକରି ହତ୍ୟା

ହରଦୋଇ, ୧୨ ।୧(ଏଜେନ୍ସି): ଉତ୍ତରପ୍ରଦେଶର ହରଦୋଇରେ ଜଣେ ସ୍ୱାମୀ ଥାନା ଭିତରେ ହିଁ ନିଜ ସ୍ତ୍ରୀଙ୍କୁ ଗୁଳିକରି ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି । ପତ୍ନୀ ୫ ଦିନପୂର୍ବେ ନିଜ ପ୍ରେମିକଙ୍କ ସହ ପଳାଇଯାଇଥିଲେ । ପୁଲିସ ରବିବାର ମହିଳା ଓ ତାଙ୍କ ପ୍ରେମିକଙ୍କୁ ଥାନାକୁ ଆଣିଥିଲେ ଓ ପତିଙ୍କୁ ଫୋନ କରି ସୂଚନା ଦେଇଥିଲେ । ସୋମବାର ସକାଳେ ୩୦ ବର୍ଷୀୟ ସୋନୀ ଜଳଖିଆ କରି ଥାନା ମେସ୍‌ରୁ ବାହରୁଥିବା ସମୟରେ ସ୍ୱାମୀ ଅନୁପ (୩୮) ସେଠାରେ ପହଞ୍ଚିଥିଲେ । ହଠାତ ସେ ପିସ୍ତଲ ବାହାର କରି ସୋନୀଙ୍କୁ ଗୁଳି କରିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲେ । ଗୁଳି ତାଙ୍କ ଛାତିର ଏପଟରୁ ସେପଟକୁ ବାହରି ଯାଇଥିଲା । ଫଳରେ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ । ଏହି ସମୟରେ ଅନୁପ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ତାଙ୍କୁ ପୁଲିସ କର୍ମୀ ଧରି ପକାଇଥିଲେ । ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା ପାଇଁ ପୁଲିସ ଅଧିକ୍ଷକ ସବ-ଇନ୍ସପେକ୍ଟରଙ୍କ ସମେତ ଦୁଇଜଣଙ୍କୁ ନିଲମ୍ବିତ କରିଛନ୍ତି । ସହର ମୁଖ୍ୟାଳୟଠାରୁ ୫୦ କିମି ଦୂରରେ ଥିବା ପାଲି ଥାନାରେ ଏହି ଘଟଣା ଘଟିଛି । ସୋନୀ ଓ ଅନୁପ ୧୭ ବର୍ଷ ତଳେ ବିବାହ କରିଥିଲେ । ହରିୟାଣାର ଗୁରୁଗ୍ରାମର ଏକ କମ୍ପାନୀରେ ଚାକିରି କରୁଥିବା ବେଳେ ଅନୁପଙ୍କ ସହ ସୁରଜିତଙ୍କ ପରିଚୟ ହୋଇଥିଲା ଓ ଦୁହିଁଙ୍କ ମଧ୍ୟରେ ବନ୍ଧୁତ୍ୱ ସୃଷ୍ଟି ହୋଇଥିଲା । କିନ୍ତୁ ସୁରଜିତଙ୍କ ସହ ସୋନୀ ସମ୍ପର୍କ ସ୍ଥାପନ କରିଥିଲେ । ପୁଲିସଠାରୁ ସୂଚନା ପାଇବା ପରେ ରାତିସାରା ଶୋଇ ନଥିଲି ବୋଲି ଅନୁପ କହିଛନ୍ତି । ଶେଷରେ ସକାଳ ୪ଟାରେ ସୋନୀଙ୍କୁ ମାରିବାକୁ ନିଷ୍ପତ୍ତି ନେଇଥିଲି ବୋଲି ସେ କହିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଚାଲିଛି ।


**ପ୍ରେମିକ ସହ ପଳାଇଯାଇଥିଲେ**



# ଏକତରଫା ପ୍ରେମ; ଇଞ୍ଜିନିୟରଙ୍କୁ ହତ୍ୟା

ବେଙ୍ଗାଲୁରୁ, ୧୨ ।୧(ଏଜେନ୍ସି): ବେଙ୍ଗାଲୁରୁରେ ଜାନୁଆରୀ ୩ରେ ଜଣେ ସଫ୍ଟଓୟାର ଇଞ୍ଜିନିୟର ଶର୍ମିଳା ଡିକେ (୩୪)ଙ୍କୁ ହତ୍ୟା କରାଯାଇଥିଲା । ଏହି ମାମଲାରେ ଜଣେ ୧୮ ବର୍ଷୀୟ ପଡୋଶୀ ଯୁବକ କର୍ଣ୍ଣେଲ କୁରାଇଙ୍କୁ ପୁଲିସ ଗିରଫ କରିଛି ବୋଲି ରବିବାର ସୂଚନା ଦେଇଛି । ପୁଲିସ ପଚରାଉଚରା ପରେ ସେ ହତ୍ୟା କରିଥିବା ସ୍ୱୀକାର କରିଛି । ଶର୍ମିଳା ଅଭିଯୁକ୍ତ କୁରାଇଙ୍କ ସହ ଯୌନ ସମ୍ପର୍କ ରକ୍ଷା କରିବାକୁ ମନା କରିଥିଲେ । ଏଥିରେ ଉତକ୍ଷୀପ୍ତ ହୋଇ ସେ ଏହି କାଣ୍ଡ ଘଟାଇଥିଲା । ପୁଲିସର କହିବା ଅନୁଯାୟୀ ଜାନୁଆରୀ ରାତି ୩ ରାତି ପ୍ରାୟ ୧୦.୩୦ରେ ରାମମୂର୍ତ୍ତି ନଗରର ସୁବ୍ରମଣ୍ୟ ଲେଆଉଟରେ ଏକ ଭଡ଼ା ଆପାର୍ଟମେଣ୍ଟରେ ନିଆଁ ଲାଗିଥିଲା । ଅଗ୍ନିଶମ ବାହିନୀ ନିଆଁ ଲିଭାଇବା ସମୟରେ ଶର୍ମିଳାଙ୍କ ମୃତଦେହ ଶୋଇବା ଘରୁ ମିଳିଥିଲା । ପ୍ରାରମ୍ଭିକ ଭାବେ ଏହା ସର୍ଟ ସର୍କିଟ କାରଣରୁ ଘଟିଥିବା ସନ୍ଦେହ କରାଯାଇଥିଲା । କିନ୍ତୁ ଫରେନସିକ ଯାଞ୍ଚ୍ ପରେ ମାମଲାଟି ସନ୍ଦେହଜନକ ବୋଲି ଜଣାପଡ଼ିଥିଲା । ପୁଲିସ ପଡୋଶୀ କୁରାଇକୁ ସନ୍ଦେହ କରିଥିଲା । କୁରାଇ ରାତି ୯ଟାରେ ସ୍ଲାଇଡିଂ ଝରକା ଜରିଆରେ ଫ୍ଲାଟ ଭିତରରେ ପ୍ରବେଶ କରିଥିଲା । ସେ ଶର୍ମିଲାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚାହୁଁଥିଲା । କିନ୍ତୁ ଶର୍ମିଳା ପାଟି କରିଥିଲେ । ଏହାପରେ ଦୁହିଁଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା । ସେ ଶର୍ମିଳାକଙ୍କ ମୁହଁ ବନ୍ଦ କରିବାକୁ ଚେଷ୍ଟା କରିଥିଲା । ଫଳରେ ଶର୍ମିଳା ବେହୋସ ହୋଇଯାଇଥିଲେ । ଏହାପରେ ଅଭିଯୁକ୍ତ କୋଠରୀରେ ନିଆଁ ଲଗାଇ ଦେଇଥିଲା ଓ ତାଙ୍କ ମୋବାଇଲ ଫୋନ ନେଇ ସେଠାରୁ ପଳାଇଯାଇଥିଲା । ଶ୍ୱାସରୁଦ୍ଧ ହୋଇ ଶର୍ମିଳା ମୃତ୍ୟୁବରଣ କରିଛନ୍ତି ବୋଲି ପୁଲିସ କହିଛି । ଅଧିକ ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

**୧୮ ବର୍ଷୀୟ ପଡ଼ୋଶୀ ଗିରଫ**



# କେନ୍ଦ୍ର ଓ ନିର୍ବାଚନ କମିସନଙ୍କୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ଭାରତର ମୁଖ୍ୟ ନିର୍ବାଚନ କମିସନର ଏବଂ ଅନ୍ୟ ନିର୍ବାଚନ କମିସନରଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରିଥିବା ନୂଆ ଆଇନକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ କରାଯାଇଛି । ଏହାକୁ ବିଚାର ପାଇଁ ଗ୍ରହଣ କରି ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିସନଙ୍କୁ ନୋଟିସ ଜାରି କରିଛନ୍ତି । ତେବେ ଏସଂକ୍ରାନ୍ତ ନୂଆ ଆଇନ ଉପରେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏହି ଆଇନର ଅନୁଧ୍ୟାନ କରାଯିବ । ଲୋକ ପ୍ରହରୀ ନାମକ ଏକ ଏନ୍‌ଜିଓ ଜନସ୍ୱାର୍ଥ ମାମଲା ଦାୟର କରି ଏହି ଆଇନକୁ ଚାଲେଞ୍ଜ କରିଛି । ସଂସଦ ଦ୍ୱାରା ଅନୁମୋଦିତ ନିର୍ବାଚନ କମିସନ ନିଯୁକ୍ତି ସର୍ତ୍ତ ଆଇନରେ ମୁଖ୍ୟ ନିର୍ବାଚନ କମିସନ ଏବଂ ଅନ୍ୟ ନିର୍ବାଚନ କମିସନଙ୍କୁ ଯେକୌଣସି ସିଭିଲ ଏବଂ ଫୌଜଦାରୀ ମାମଲାରୁ ଆଜୀବନ ମୁକ୍ତି ପ୍ରଦାନ କରାଯାଇଛି । ନିଜ କାର୍ଯ୍ୟକାଳ ସମୟରେ ନେଇଥିବା ନିଷ୍ପତ୍ତି ସଂପର୍କରେ ସେମାନଙ୍କ ବିରୋଧରେ କୌଣସି ମାମଲା ଦାୟର କରାଯାଇପାରିବ ନାହିଁ ବୋଲି ଆଇନରେ ବ୍ୟବସ୍ଥା କରାଯାଇଛି । ସମ୍ବିଧାନରେ ଯେଉଁ ବ୍ୟବସ୍ଥା ରାଷ୍ଟ୍ରପତି, ରାଜ୍ୟପାଳ କିମ୍ବା ବିଚାରପତିମାନଙ୍କ ପାଇଁ କରାଯାଇ ନାହିଁ, ତାହା ନିର୍ବାଚନ କମିସନଙ୍କ ପାଇଁ କାହିଁକି କରାଯାଇଛି ବୋଲି ସଂଗଠନ ପ୍ରଶ୍ନ କରିଛି ।

# ତେଲଙ୍ଗାନାରେ ବିଷ ଦେଇ ୩୦୦ ବୁଲା କୁକୁରଙ୍କୁ ହତ୍ୟା

ହାଇଦରାବାଦ୍, ୧୨ ।୧(ଏଜେନ୍ସି): ତେଲଙ୍ଗାନାର ହନମକୋଣ୍ଡା ଜିଲ୍ଲାରେ ୩୦୦ ବୁଲା କୁକୁରଙ୍କ ହତ୍ୟା କରାଯିବା ଘଟଣା ସାମ୍ନାକୁ ଆସିଛି । ପଶୁଙ୍କ ପ୍ରତି ନିଷ୍ଠୁରତା ନିବାରଣ ଆଇନ୍‌ର ପ୍ରାସଙ୍ଗିକ ଧାରା ଅନୁଯାୟୀ ୨ ଜଣଙ୍କ ବିରୋଧରେ ଏହି ମାମଲା ନେଇ ଏଫ୍‌ଆଇଆର ରୁଜୁ କରାଯାଇଛି । ପଶୁ କଲ୍ୟାଣ କର୍ମୀ ଆଦୁଲାପୁରମ ଗୌତମ ଓ ଫରଜାନା ବେଗମ ଜାନୁଆରୀ ୨ରେ ଶ୍ୟାମପେଟ ଥାନାରେ ଅଭିଯୋଗ କରିଥିଲେ । ଜାନୁଆରୀ ୬ରୁ ଆରମ୍ଭ ହୋଇ ତିନିଦିନ ମଧ୍ୟରେ ଶ୍ୟାମପେଟ ଓ ଆରେପାଲି ଗାଁରେ ୩୦୦ ବୁଲା କୁକୁରଙ୍କୁ ବିଷ ଦେଇ ହତ୍ୟା କରାଯାଇଛି ବୋଲି ଅଭିଯୋଗ ହୋଇଛି । ହତ୍ୟା ପରେ ମୃତଦେହଗୁଡ଼ିକୁ ଗାଁ ବାହାରେ ପୋତି ଦିଆଯାଇଥିଲା । ଗାଁର ସରପଞ୍ଚ ଓ ଗ୍ରାମ ପଞ୍ଚାୟତ ସଚିବଙ୍କ ସମେତ ୮ ଜଣ ଲୋକ ହିଁ ଏହି ଅପରାଧ ଘଟାଇଛନ୍ତି ବୋଲି ଅଭିଯୋଗ କରାଯାଇଛି । ସରପଞ୍ଚ ଓ ସଚିବ ଦୁଇ ଲୋକଙ୍କୁ ପଇସା ଦେଇ ବୁଲା କୁକୁରଙ୍କୁ ହତ୍ୟା କରିବା ପରେ ମୃତଦେହ ଗୁଡିକୁ ପୋତିବା ପାଇଁ ନିୟୋଜିତ କରିଥିଲେ । ପୁଲିସ ମଧ୍ୟ ଏନେଇ ମାମଲା ରୁଜୁ କରିଛି । ପ୍ରଶାସନ ଏହି ମାମାଲାକୁ ଗମ୍ଭୀରତା ସହ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ କରିବ ବୋଲି ପ୍ରତିଶ୍ରୁତି ଦେଇଛି ।

# ଜର୍ମାନୀରେ ଭାରତୀୟଙ୍କ ପାଇଁ ଭିସା ମୁକ୍ତ ଟ୍ରାନ୍‌ଜିଟ୍

ନୂଆଦିଲ୍ଲୀ, ୧୨ ।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଜର୍ମାନୀ ଚାନ୍ସଲର ଫ୍ରେଡ୍ରିଚ ମର୍ଜ ଗୁଜରାଟର ଗାନ୍ଧୀନଗରରେ ପରସ୍ପରକୁ ଭେଟିଛନ୍ତି । ଦୁହେଁ ମହାତ୍ମା ମନ୍ଦୀର କନଭେନସନରେ ଏକାଠି ବସି ଦ୍ୱିପାକ୍ଷିକ ସମ୍ପର୍କ ନେଇ ଆଲୋଚନା କରିଥିଲେ । ଆଲୋଚନା ପରେ ମୋଦୀ କହିଥିଲେ ଯେ, ଭାରତ ଓ ଜର୍ମାନୀ ଘନିଷ୍ଠ ସହଯୋଗୀ । ଏଥିପାଇଁ ଭାରତରେ ଆଜି ଜର୍ମାନୀର ୨୦୦୦ କମ୍ପାନୀ ଅଛନ୍ତି । ଦୁଇ ଦେଶ ନୂଆ ପ୍ରକଳ୍ପକୁ ଆଗକୁ ବଢ଼ାଉଛନ୍ତି ଓ ପ୍ରତ୍ୟେକ କ୍ଷେତ୍ରରେ ଏକାଠି କାର୍ଯ୍ୟ କରୁଛନ୍ତି । ଦୁଇ ଦେଶ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ଓ ଏହା ଦୁଇ ଦେଶର ସମ୍ପର୍କକୁ ଆହୁରି ମଜଭୁତ କରିବ ବୋଲି ସେ କହିଥିଲେ । ଦୁଇ ନେତା ସବୁ କାର୍ଯ୍ୟକ୍ରମରେ ଗୋଟିଏ କାର୍‌ରେ ହିଁ ସାଥି ହୋଇ ଯାତ୍ରା କରିଥିଲେ । ସୋମବାର ସକାଳେ ଦୁହେଁ ସାବରମତୀ ଆଶ୍ରମରେ ପହଞ୍ଚିଥିଲେ । ଦୁହେଁ ସେଠାରେ ସାଥି ହୋଇ ଗୁଡ଼ି ଉଡାଇଥିଲେ । ଆଜିର ଯୁଗରେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ନୀତିର ବହୁତ ଆବଶ୍ୟକତା ରହିଛି ବୋଲି ମର୍ଜ କହିଛନ୍ତି । ଏହାସହିତ ସେ ଘୋଷଣା କରିଛନ୍ତି ଯେ, ଜର୍ମାନୀରେ ପାସପୋର୍ଟ ଧାରୀ ଭାରତୀୟ ପର୍ଯ୍ୟଟକଙ୍କୁ ଭିସା ମୁକ୍ତ ଟ୍ରାନଜିଟ ସୁବିଧା ଯୋଗାଇ ଦିଆଯିବ ।

# ପକ୍ଷୀ ମାଡ଼ ପରେ ବାରାଣସୀରେ ବିମାନର ଜରୁରୀ ଅବତରଣ

ବାରଣାସୀ, ୧୨ ।୧(ଏଜେନ୍ସି): ଗୋରଖପୁରରୁ ବେଙ୍ଗାଲୁରୁ ଯାଉଥିବା ଏକ ଇଣ୍ଡିଗୋ ବିମାନ ବାରାଣସୀରେ ଜରୁରୀକାଳୀନ ଅବତରଣ କରିଛି । ପକ୍ଷୀ ମାଡ଼ ହେବା କାରଣରୁ ଏଭଳି ସ୍ଥିତି ଉପୁଜିଥିଲା । ଏହି ବିମାନରେ ୨୧୬ ଜଣ ଯାତ୍ରା କରୁଥିଲେ । ସୁରକ୍ଷା କାରଣରୁ ବିମାନକୁ ଅବତରଣ କରାଯାଇଥିଲା ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ପକ୍ଷୀ ମାଡ଼ ହେବା ପରେ ବିମାନକୁ ଆଗକୁ ଯିବା ପାଇଁ ଅନୁମତି ଦିଆଯାଇ ନଥିଲା । ଗୋରଖପୁରରୁ ଏହି ୬ଇ-୪୩୭ ବିମାନ ରବିବାର ସନ୍ଧ୍ୟା ୬.୨୫ରେ ଉଡାଣ ଭରିଥିଲା ଓ ଏହା ବେଙ୍ଗାଲୁରୁରେ ୯.୦୨ରେ ଅବତରଣ କରିଥାନ୍ତା । କିନ୍ତୁ ଟେକଅଫ୍‌ର ୧୫ ମିନିଟ ପରେ ହିଁ ବିମାନରେ ପକ୍ଷୀ ମାଡ଼ ହୋଇଥିଲା । ଏହି ସମୟରେ ବିମାନ ଜୋନପୁରର ଆଖପାଖ ଆକାଶରେ ଥିଲା । ଫଳରେ ପାଇଲଟ ତୁରନ୍ତ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି) ସହ ଯୋଗାଯୋଗ କରିଥିଲେ । ଏହାପରେ ବିମାନ ୬.୫୬ରେ ବାରଣାସୀ ବିମାନ ବନ୍ଦରରେ ଅବତରଣ କରିଥିଲା ।

# ସମୀର ପୁଟାଟୁଣ୍ଡୁଙ୍କ ପରଲୋକ

କୋଲକାତା, ୧୨ ।୧(ଏଜେନ୍ସି): ପଶ୍ଚିମବଙ୍ଗର ବରିଷ୍ଠ ବାମପନ୍ଥୀ ନେତା ସମୀର ପୁଟାଟୁଣ୍ଡୁ ରବିବାର ରାତିରେ ପରଲୋକ ଗମନ କରିଛନ୍ତି । କୋଲକାତାର ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ପରଲୋକ ହୋଇଥିଲା । ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ । ମୃତ୍ୟୁବେଳକୁ ତାଙ୍କୁ ୭୪ ବର୍ଷ ହୋଇଥିଲା ଓ ତାଙ୍କ ନିକଟରେ ପତ୍ନୀ ଅନୁରାଧା ଉପସ୍ଥିତ ଥିଲେ । ପୁଟାଟୁଣ୍ଡୁ ପଶ୍ଚିମବଙ୍ଗ ବାମପନ୍ଥୀ ଆନ୍ଦୋଳନର ଜଣେ ପ୍ରମୁଖ ଅଗ୍ରଣୀ ବ୍ୟକ୍ତିଥିଲେ । ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ର ଜଣେ ପ୍ରଭାବଶାଳୀ ନେତା ଥିଲେ ।

# ସମୂହ ଛୁଟିରେ ଯିବେ ପ୍ରାଥମିକ ଶିକ୍ଷକ

## ଛୁଟି ପୂର୍ବରୁ ସଚିବଙ୍କୁ ଦେବେ ବସ୍ତା ଭର୍ତ୍ତି ଦରଖାସ୍ତ

ଭୁବନେଶ୍ୱର, ୧୨।୧(ସମିସ): ବାରମ୍ବାର ଦାବି ଓ ଆନ୍ଦୋଳନ ସତ୍ତ୍ୱେ ପ୍ରାଥମିକ ଶିକ୍ଷକଙ୍କ ଦାବି ସରକାର ପୂରଣ କରୁନାହାଁନ୍ତି। ଏକାଧିକ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇ ମଧ୍ୟ ବିଳମ୍ବିତ କରୁଛନ୍ତି। ଏଣୁ ଜାନୁଆରୀ ଶେଷ ସୁଦ୍ଧା ଶିକ୍ଷକଙ୍କ ସମସ୍ତ ଦାବିକୁ ସରକାର ପୂରଣ ନକଲେ ଫେବୃଆରୀ ପହିଲାରୁ ସମୂହ ଭାବେ ଛୁଟିରେ ଯିବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ରବିବାର ଅନୁଷ୍ଠିତ ରାଜ୍ୟ ଷ୍ଟିଅରିଂ କମିଟି ସଦସ୍ୟ ଓ ଜିଲ୍ଲା ପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଛି। ସେମାନଙ୍କ ଏକାଧିକ ଦାବିକୁ ପୂରଣ ପାଇଁ ପ୍ରକ୍ରିୟା ଓ ସରକାରଙ୍କ ଆନ୍ତରିକତା ସମ୍ପର୍କରେ ଆଲୋଚନା ଓ ସମୀକ୍ଷା କରିଛନ୍ତି। ସରକାର ଦାବି ପୂରଣ କରିବା ବଦଳରେ ଏକ କମିଟି ଗଢ଼ି କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବାରୁ ଶିକ୍ଷକମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏଣୁ ରାଜ୍ୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ରାଜ୍ୟରେ କାର୍ଯ୍ୟରତ ଲକ୍ଷଲକ୍ଷ ଶିକ୍ଷକ ସେମାନଙ୍କ ଜିଲ୍ଲା ସଭାପତି ଓ ସମ୍ପାଦକଙ୍କ ମାଧ୍ୟମରେ ଦୁଇଟି ଛୁଟି ଦରଖାସ୍ତ ପ୍ରଦାନ କରିବେ। ତନ୍ମଧ୍ୟରୁ ଗୋଟିଏ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ଏବଂ ଅନ୍ୟଟି ଶିକ୍ଷା ବିଭାଗ ସଚିବଙ୍କୁ ପ୍ରଦାନ କରିବେ। ଜାନୁଆରୀ ଶେଷ ସପ୍ତାହରେ ବିଇଓଙ୍କୁ ଏବଂ ଫେବୃଆରୀ ପହିଲାରେ ସମସ୍ତ ଦରଖାସ୍ତକୁ ବସ୍ତାରେ ଭର୍ତ୍ତି କରି ସଚିବଙ୍କୁ ପ୍ରଦାନ କରିବେ। ଏହା ସହିତ ସମୂହ ଛୁଟି ସମ୍ପର୍କରେ ସେହିଦିନ ଘୋଷଣା କରାଯିବ ବୋଲି ମହାସଂଘର ଆବାହକ ରାମଲାଲ ପଟେଲ କହିଛନ୍ତି।

ଶିକ୍ଷକଙ୍କ ଏହି ନିଷ୍ପତ୍ତି ଅଭିଭାବକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ପରୀକ୍ଷା ପୂର୍ବରୁ ଶିକ୍ଷକମାନେ ଆନ୍ଦୋଳନ କଲେ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ପ୍ରଭାବିତ ହେବାର ଆଶଙ୍କା କରୁଛନ୍ତି। ଅପରପକ୍ଷରେ ଶିକ୍ଷକଙ୍କ ନିଷ୍ପତ୍ତିରେ ସରକାର ମଧ୍ୟ ଅଡୁଆରେ ପଡ଼ିବାର ଆଶଙ୍କା ଅଧିକ ରହିଛି। ସାରା ରାଜ୍ୟରେ ଶିକ୍ଷାଦାନ ଠପ୍ ହୋଇଗଲେ ଛାତ୍ରଛାତ୍ରୀ ଓ ଅଭିଭାବକ ମଧ୍ୟ ଆନ୍ଦୋଳନକୁ ଓହ୍ଲାଇ ପାରନ୍ତି। ଏଣେ ଶିକ୍ଷକମାନେ ସେମାନଙ୍କ ଦାବି ପୂରଣ ପାଇଁ ଚୂଡ଼ାନ୍ତ ଲଢ଼େଇ ଲଢ଼ିବାକୁ ପ୍ରସ୍ତୁତିକୁ ଜୋରଦାର କରୁଛନ୍ତି। ଏହି ବୈଠକରେ ମହାସଂଘର ସମସ୍ତ ଜିଲ୍ଲା ସଭାପତି ସମେତ ବ୍ଲକ୍ ସ୍ତରୀୟ ଶିକ୍ଷକ ନେତୃତ୍ୱ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି।

# ଦୁର୍ଘଟଣାରେ ଦୁଇ ଭାଇ ମୃତ

ଗୁଣୁପୁର,୧୨।୧(ସମିସ): ଗୁଣୁପୁର ସହର ନିକଟସ୍ଥ ଲିମାମଡ଼ା ଗ୍ରାମ ମୁଖ୍ୟ ରାସ୍ତାରେ ଗତ ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ସମ୍ପର୍କୀୟ ଭାଇଙ୍କର ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଗୁଡାରି ବ୍ଲକ୍ କଦମା ପଞ୍ଚାୟତ ନିଲାଗୁଡା ଗ୍ରାମର ମୁନା କିମ୍ବାକା (୨୪) ଏବଂ କ୍ରିଷ୍ଣା କିମ୍ବାକା(୨୧)। ସୂଚନାନୁଯାୟୀ, ମୁନା ଓ କ୍ରିଷ୍ଣା କୌଣସି କାମରେ ଗୁଣୁପୁର ଆସିଥିଲେ। କାମ ସାରି ବିଳମ୍ବିତ ରାତିରେ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଲିମାମଡା ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟ ସହ ସେମାନଙ୍କ ବାଇକ୍ ଧକ୍କା ହୋଇଥିଲା। ଉଭୟ ରାସ୍ତା ଉପରକୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଗୁଣୁପୁର ପୁଲିସ ସେମାନଙ୍କୁ ଉଦ୍ଧାର କରି ଗୁଣୁପୁର ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

# ନବୀନଙ୍କୁ ଭେଟିଲେ ୧୦ ବିଧାୟକ



**ଲୋକ ସମ୍ପର୍କ ସହ ସଙ୍ଗଠନକୁ ଦୃଢ଼ କରିବାକୁ ନବୀନଙ୍କ ପରାମର୍ଶ**

ଭୁବନେଶ୍ୱର,୧୨।୧(ସମିସ): ସୋମବାର ସନ୍ଧ୍ୟାରେ ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ବିଜେଡିର ୧୦ ଜଣ ବିଧାୟକ ସାକ୍ଷାତ କରିଛନ୍ତି । ଏହି ଅବସରରେ ସେମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀର ବିକାଶ ଓ ସଂଗଠନ ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି। ତୃଣମୂଳ ସ୍ତରରେ ଦଳର ସଂଗଠନକୁ ମଜଭୁତ କରିବା ସହ ଲୋକଙ୍କ ସହ ସିଧା ସଳଖ ସମ୍ପର୍କ ରଖିବା ପାଇଁ ନବୀନ ସେମାନଙ୍କୁ ପରାମର୍ଶ ଦେଇଛନ୍ତି।

ସାକ୍ଷାତ ସମୟରେ ନବୀନ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ପଚାରି ବୁଝିବା ସହ ଲୋକଙ୍କ ସୁବିଧା ଅସୁବିଧାକୁ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏହା ସହିତ ବିଧାୟକମାନଙ୍କ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଶ୍ରୀ ପଟ୍ଟନାୟକ ପଚାରି ବୁଝିଥିଲେ। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ବିଧାୟକ ମାନଙ୍କୁ ପରାମର୍ଶ ଦେଇଥିଲେ। ବିଧାୟିକା ପ୍ରମିଳା ମଲ୍ଲିକ,ବିଧାୟିକା ସୁଜାତା ସାହୁ,ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରଦୀପ ସାହୁ, ତୁଷାରକାନ୍ତି ବେହେରା, ନବ ମଲ୍ଲିକ, ସାରଦା ଜେନା ଓ ରମାକାନ୍ତ ଭୋଇ ପ୍ରମୁଖ ନବୀନଙ୍କୁ ଭେଟିଛନ୍ତି ।

# ପୁଣି ଫେରିଲା ଶୀତ

ଭୁବନେଶ୍ୱର,୧୨।୧(ସମିସ): ପୁଣି ଫେରିଲା ଶୀତ। ପାକିସ୍ତାନ ଏବଂ ଆଫଗାନିସ୍ତାନ ବାୟୁମଣ୍ଡଳର ମଧ୍ୟ ଭାଗରେ ସକ୍ରିୟ ପଶ୍ଚିମାଝଡ଼ ବର୍ତ୍ତମାନ ଅପସାରଣ ହୋଇଛି। ଏହାସହ ଦେଶର ମଧ୍ୟ ଭାଗରେ ଗୁରୁଚାପବଳୟ ସକ୍ରିୟତା ହେତୁ ଉତ୍ତର ତଥା ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହ ବଢ଼ିଛି। ଫଳରେ ରାଜ୍ୟରୁ ଜଳୀୟବାଷ୍ପର ହ୍ରାସ ହେବା ସହ ତାପମାତ୍ରା ହ୍ରାସ ହୋଇଛି। ଏଥିଯୋଗୁଁ ରାଜ୍ୟରେ ପୁଣି ହାଡ଼ଭଙ୍ଗା ଶୀତ ଦେଖାଦେଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ପ୍ରାୟ ୩-୪ ଡିଗ୍ରୀ ତାପମାତ୍ରା ହ୍ରାସ ପାଇଛି। ପାଣିପାଗ କେନ୍ଦ୍ର କହିଛି, ଗତ ୨୪ ଘଣ୍ଟାରେ ରାଉରକେଲାରେ ତାପମାତ୍ରା ୬.୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଝାରସୁଗୁଡ଼ାରେ ୭, କେନ୍ଦୁଝରରେ ୧୦, ସମ୍ବଲପୁରରେ ୧୧.୭, ବାଲେଶ୍ୱରରେ ୧୧.୮, ଭୁବନେଶ୍ୱର ୧୨.୩, ହୀରାକୁଦରେ ୧୩.୧, ଚାନ୍ଦବାଲିରେ ୧୩.୬ ଓ ପାରାଦୀପରେ ୧୪ଡିଗ୍ରୀ ରେକର୍ଡ ହୋଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ରାଜ୍ୟରେ ତାପମାତ୍ରା ଆହୁରି ୧ରୁ ୨ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ପାରଦ ତଳମୁହାଁ ହେବା ସହ ଆଜିଠୁ ପୁଣି ଶୀତ ଅନୁଭବ ହେବ। ଆଗାମୀ ୩ ଦିନ ପର୍ଯ୍ୟନ୍ତ ଉପକୂଳଠୁ ନେଇ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଶୀତର ପ୍ରକୋପ ଦେଖିବାକୁ ମିଳିବ। ଆଗାମୀ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ଶୀତକୁ ନେଇ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ବୌଦ୍ଧ, ଅନୁଗୋଳ ଓ ଝାରସୁଗୁଡ଼ା ରହିଛି। ସେହିପରି ପରବର୍ତ୍ତୀ ୨ ଦିନ ପାଇଁ ମଧ୍ୟ ବିଭିନ୍ନ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରାଯାଇଛି।

# ୩୬୨୩ କୋଟିରେ ହେବ ନୂଆ ଲୋକସେବା ଭବନ

ଭୁବନେଶ୍ୱର,୧୨।୧(ସମିସ): ରାଜ୍ୟରେ ନିର୍ମାଣ କରାଯିବ ନୂଆ ଲୋକସେବା ଭବନ, ବିଧାନସଭାର ନୂତନ ଗୃହ। ମୋଟ୍ ୭୧.୧ ଏକର ଜମିରେ ଏହି କ୍ୟାମ୍ପସ ତିଆରି ହେବ। ଏହି ନୂତନ ଅତ୍ୟାଧୁନିକ ଲୋକସେବା ଭବନ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୋମବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ୭୧.୧୩ ଏକର ଜାଗାରେ ଗୋଟିଏ କ୍ୟାମ୍ପସ ଭିତରେ ଲୋକସେବା ଭବନ ଓ ରାଜ୍ୟ ବିଧାନସଭା ରହିବ। ଡିଲିମିଟେସନକୁ ଦୃଷ୍ଟିରେ ରଖି ବିଧାନସଭାକୁ ୩୦୦ ଆସନ ବିଶିଷ୍ଟ କରାଯିବ। ଏଥିପାଇଁ ୩,୬୨୩ କୋଟି ଟଙ୍କା ବ୍ୟୟ ହେବ। ଏପରିକି ନୂଆଦିଲ୍ଲୀରେ ନବନିର୍ମିତ ସଂସଦ ଭବନ ସେଣ୍ଟ୍ରାଲ ଭିଷ୍ଟା ଢ଼ାଞ୍ଚାରେ ଲୋକସେବା ଭବନ ଓ ବିଧାନସଭା ନିର୍ମାଣ ହେବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି । ତେବେ କେଉଁ ସ୍ଥାନରେ ଏହି ନୂତନ ଲୋକସେବା ଭବନ ନିର୍ମାଣ ହେବ ସେ ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ପୂର୍ତ୍ତ ବିଭାଗ ମଧ୍ୟ ସ୍ଥାନ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ। ରାଜଧାନୀର କେନ୍ଦ୍ରସ୍ଥଳରେ ଏତେ ପରିମାଣର ଖାଲି ଜମି ନ ଥିବାରୁ ବର୍ତ୍ତମାନ ଲୋକସେବା ଭବନ ଓ ବିଧାନସଭାକୁ



ଭାଙ୍ଗି ସେହି ସ୍ଥାନରେ ନୂତନ ନିର୍ମାଣ ହୋଇପାରେ ବୋଲି ସାଧାରଣରେ କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

ଅନ୍ୟପକ୍ଷରେ ଭୁବନେଶ୍ୱର ପାଇଁ ଆଜି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଭିତ୍ତି ପଡ଼ିଛି। ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ୯୫୨ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ନୂଆ ଏଲିଭେଟେଡ୍ କରିଡରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ଜୟଦେବ ବିହାର ଛକ, କଳିଙ୍ଗ ହସ୍ପିଟାଲ ଛକ, ଡମଣା ଛକ ଓ କିଟ୍ ଛକରେ ଚାରିଟି ଫ୍ଲାଏ-ଓଭର ନିର୍ମାଣ କରାଯିବ। ଏହାଦ୍ୱାରା

- ଭବିଷ୍ୟତକୁ ଦୃଷ୍ଟିରେ ରଖି ୩୦୦ ଆସନର ବିଧାନସଭା କକ୍ଷ
- ଗୋଟିଏ ପରିସରରେ ବିଧାନସଭା ଓ ଲୋକସେବା ଭବନ
- ୯୫୨ କୋଟିରେ ଜୟଦେବ ବିହାର-ନନ୍ଦନକାନନ ଏଲିଭେଟେଡ୍ କରିଡର

ରାଜ୍ୟର ଏକ ଗହଳିପୂର୍ଣ୍ଣ ସଡକରେ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଆସିବ ଏବଂ ଜନସାଧାରଣ କମ୍ ସମୟ ମଧ୍ୟରେ ସୁବିଧାରେ ଯିବାଆସିବା କରିପାରିବେ ବୋଲି ସରକାର ଆଶା ରଖିଛନ୍ତି। ଏହି ରାସ୍ତା ସମ୍ପର୍କରେ ବିସ୍ତୃତ ଭାବେ ସୂଚନା ଦେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କଳିଙ୍ଗ ଷ୍ଟାଡିୟମ୍ (ଗେଟ୍ ନଂ-୪)ଠାରୁ ରଘୁନାଥପୁର ବ୍ରିଜ୍ ପର୍ଯ୍ୟନ୍ତ ୯.୫ କିଲୋମିଟର ରାସ୍ତାର ଆଧୁନିକୀକରଣ କରାଯିବ। ବର୍ତ୍ତମାନର ୬-ଲେନ୍ ରାସ୍ତାକୁ ୮-ଲେନ୍ ବିଶିଷ୍ଟ ରାସ୍ତାରେ ପରିଣତ କରାଯିବ। ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି କଳିଙ୍ଗ ହସ୍ପିଟାଲ୍ ଛକ, ଡମଣା ଛକ, କିଟ୍ ଛକ ଏବଂ କଳାରାହାଙ୍ଗ ଜଙ୍କସନଠାରେ ୪-ଲେନ୍ ବିଶିଷ୍ଟ ଫ୍ଲାଏଓଭର ନିର୍ମାଣ କରାଯିବ। ସେହିପରି ଜୟଦେବ ବିହାର ଛକଠାରେ ଏନ୍ଏଚ୍-୧୬ ଉପରେ ଏକ ୧୯୦ ମିଟର ଲମ୍ବର ୪-ଲେନ୍ ବିଶିଷ୍ଟ କେବୁଲ୍-ଷ୍ଟେଡ୍ ବ୍ରିଜ୍ ନିର୍ମାଣ କରାଯିବ। ରାସ୍ତାର ଦୁଇ ପାର୍ଶ୍ୱରେ ପ୍ରାୟ ୧୭.୫ କିଲୋମିଟର ଲମ୍ବର ୫.୫ ମିଟର ଓସାର ବିଶିଷ୍ଟ ସର୍ଭିସ୍ ରୋଡ୍ ଏବଂ ୯ କିଲୋମିଟର ଲମ୍ବର ୭.୫ ମିଟର ଓସାର ବିଶିଷ୍ଟ ସ୍ଲିପ୍ ରୋଡ୍ ନିର୍ମାଣ କରାଯିବ। ସହରର ବିଭିନ୍ନ ପ୍ରମୁଖ ଛକ ଯେପରିକି - ଜୟଦେବ ବିହାର, ଜାଭିୟର୍ ଛକ, କଳିଙ୍ଗ ହସ୍ପିଟାଲ୍ ଛକ, କେୟାର୍ ହସ୍ପିଟାଲ୍ ଛକ, ଡମଣା ଛକ, ଇନଫୋସିଟି ଛକ, ଶିଶୁ ବିହାର ଜଙ୍କସନ, କିଟ୍ ଛକ ଏବଂ କଳାରାହାଙ୍ଗ ଜଙ୍କସନ୍‌ଠାରେ 'ଏଟ୍ ଗ୍ରେଡ୍' ରାଉଣ୍ଡଅବାଉଟ୍ (ଗୋଲେଇ) ଆକୃତିରେ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ଗଞ୍ଜାମରେ ଦୁର୍ଘଟଣା ନେଲା ୫ ଜୀବନ

ବ୍ରହ୍ମପୁର / କବିସୂର୍ଯ୍ୟନଗର / ଶେରଗଡ଼,୧୨।୧(ସମିସ): ଗଞ୍ଜାମ ଜିଲ୍ଲାରେ ପୃଥକ୍ ପୃଥକ୍ ଦୁର୍ଘଟଣାରେ ସୋମବାର ୫ଜଣଙ୍କ ଜୀବନ ଯାଇଛି। ଏଥିରେ ଏକାଧିକ ଆହତ ମଧ୍ୟ ହୋଇଛନ୍ତି।

ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଲାଞ୍ଜିଆ ପଞ୍ଚାୟତର ବାଳକୃଷ୍ଣପୁର ଛକରେ ଏକ ବସ୍ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ, ସୋନପୁର ଜିଲ୍ଲାର ବିନୟ କୁମାର ବିଶି (୫୫) ଓ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଅର୍ଥଘର ପଟଣାର ତେଜସ୍ୱିନୀ ରାୟ (୨୪)। ବିନୟ ଓ ତେଜସ୍ୱିନୀ ଗୋଟିଏ କମ୍ପାନୀରେ କାମ କରନ୍ତି। ଆଜି ମଧ୍ୟାହ୍ନରେ ଦୁହେଁ ଏକ ସ୍କୁଟିରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଦିଗପହଣ୍ଡି ଅଭିମୁଖେ ଆସୁଥିବା ଏକ ବସ୍ ବାଳକୃଷ୍ଣପୁର ଛକରେ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବିନୟଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତର ତେଜସ୍ୱିନୀଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରିଥିଲେ। ପୁଲିସ ବୁଝାସୁଝା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

- ବାଳକୃଷ୍ଣପୁର ଛକରେ ଯାତ୍ରୀବାହୀ ବସ୍ ଧକ୍କାରେ ୨ ମୃତ
- ଆଠଗଡ଼ପାଟଣାରେ ଟ୍ରାକ୍ଟର ଓଲଟି ଜଣେ ମୃତ
- ମୃତକଙ୍କ ପରିବାରକୁ ଭେଟି ଫେରିବା ବେଳେ ଜଣେ ମୃତ

ଅନ୍ୟ ଏକ ଘଟଣା କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣା ନିକଟରେ ଘଟିଛି। ଇଲେକ୍ଟ୍ରି ଖୁଣ୍ଟ ସହ ଶ୍ରମିକଙ୍କୁ ନେଇ ଯାଉଥିବା ଏକ ଟ୍ରାକ୍ଟର୍ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ, ଟିକରପଡ଼ା ଅଞ୍ଚଳର ଶିବ ଦାସ। ଗୁରୁତରମାନଙ୍କୁ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ସେହିଭଳି, ବନ୍ଧାଗୁଡା ପଞ୍ଚାୟତ ବି.ଚିକିଲି ଛକଠାରେ ଡାଲାଅଟୋ ଓଲଟି ପଡ଼ିବାରୁ ଅଟୋରେ ବସିଥିବା ୧୪ଜଣ ମହିଳା ଛିଟିକି ପଡ଼ିଥିଲେ। ସମସ୍ତଙ୍କୁ ଶେରଗଡ଼ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ରୋହିଗାଁର ଉଲ୍ଲା ବିଷୋୟୀଙ୍କ ସ୍ତ୍ରୀ ସାରସୁ ବିଷୋୟୀ (୬୫)ଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତରମାନଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଏମାନେ ସମସ୍ତେ ଗତକାଲି ଖିରିଡା ପଞ୍ଚାୟତ ହାଡ଼ିଚିରା ଗ୍ରାମକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ଏହି ଅଘଟଣ ଘଟିଥିଲା।

ସେହିପରି, ଗୋପାଳପୁର ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ନିକଟରେ କଲଭର୍ଟରେ ଏକ ସ୍କୁଟି ପିଟି ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ଆମ୍ବପୁଆର ଜିଲୁ ବାହାଦୂର(୨୫)। ସେହିପରି ଏହି ଦୁର୍ଘଟଣାରେ ପଲ୍ଲିଗୁମୁଳାର ଗୟା ଗୌଡ (୨୮) ଗୁରୁତର ଆହତ ହୋଇଛନ୍ତି। ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୧୧ଟାରେ ଉଭୟ ସ୍କୁଟିରେ ଗୋପାଳପୁରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

# ହାତୀ ଆକ୍ରମଣରେ ମହିଳା ମୃତ

ଅନୁଗୋଳ,୧୨।୧(ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଶଙ୍ଖପୁର ଗ୍ରାମର ଡିହପଦା ସାହିରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଶଙ୍ଖପୁରର ଇଚ୍ଛା ଦେହୁରୀ (୭୦)। ସୋମବାର ସକାଳେ ସେ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ଇଚ୍ଛାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ହାତୀଟିକୁ ଘଉଡ଼ାଇବା ସହ ଗୁରୁତର ଇଚ୍ଛାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଝାଡ଼ାବାନ୍ତିରେ ୭୪ ଆକ୍ରାନ୍ତ

ବୈପାରୀଗୁଡ଼ା, ୧୨।୧(ସମିସ): କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ବ୍ଲକ୍ ବଦାପୁଟ ପଞ୍ଚାୟତର କୁସପାର ଗାଁରେ ଭୋଜି ଖାଇ ୭୪ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ କୁରୁକୁଟି ଗାଁର ୩୪ଜଣ, କୁସପାର ଗାଁର ୨୫ ଜଣ, ପଟ୍ରାଗୁଡ଼ାର ୧୫ଜଣ ରହିଛନ୍ତି। ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପୁଷ୍ପକାନ୍ତ ସାହୁଙ୍କ ନେତୃତ୍ୱରେ ଏକ ଡାକ୍ତରୀଦଳ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା ଆରମ୍ଭ କରିଛନ୍ତି। ଖାଦ୍ୟ ନମୁନା ତଥା ରନ୍ଧା ଯାଇଥିବା ମାଂସ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ସେହିପରି ପ୍ରଶାସନ ପକ୍ଷରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ବୈପାରୀଗୁଡ଼ା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଭୋଜିରେ ରନ୍ଧା ଯାଇଥିବା ମାଂସ ଖାଇ ଏପରି ହୋଇଥିବା କୁହାଯାଉଛି।

## ରଣକ୍ଷେତ୍ର ପାଲଟିଲା ବିଦ୍ୟାଳୟ ପରିସର

# ସ୍କୁଲ ଭିତରେ ପଶି ୨ ଛାତ୍ରଙ୍କୁ ହାଣିଲେ ଅଣଛାତ୍ର

ବ୍ରହ୍ମପୁର,୧୨।୧(ସମିସ): ଆଜି ସ୍ଥାନୀୟ ଫୁଲଟା ଉଚ୍ଚ ବିଦ୍ୟାଳୟରେ ସାମାନ୍ୟ ବଚସାକୁ ନେଇ ଦଶମ ଶ୍ରେଣୀ ଛାତ୍ର ଓ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ସଂଘବଦ୍ଧ ଆକ୍ରମଣ କରି ଲହୁଲୁହାଣ କରିଛନ୍ତି କିଛି ଅଣଛାତ୍ର। ଆହତ ଛାତ୍ରମାନେ ହେଲେ ଦଶମ ଶ୍ରେଣୀର ଓମ୍ ମଣ୍ଡଳ ଓ ଅଷ୍ଟମ ଶ୍ରେଣୀର ରାମକୃଷ୍ଣ ପ୍ରଧାନ। ଆହତ ଛାତ୍ରଙ୍କୁ କର୍ତ୍ତୃପକ୍ଷ ଉଦ୍ଧାର କରି ଏମ୍‌କେସିଜି ମେଡ଼ିକାଲରେ ଭର୍ତ୍ତି କରିଛନ୍ତି।



ସୂଚନା ପ୍ରକାରେ, ଫୁଲଟା ସ୍ଥିତ ମା'ନାରାୟଣୀ ଉଚ୍ଚବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଓମ୍‌ଙ୍କର ନିଜ ସହପାଠୀଙ୍କ ସହ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉକ୍ତ ଛାତ୍ର ବିଦ୍ୟାଳୟ ନିକଟସ୍ଥ ଏକ ସାହିର କିଛି ଅସାମାଜିକ ବ୍ୟକ୍ତିଙ୍କୁ ଜଣାଇବା ପରେ ସେମାନେ ସ୍କୁଲକୁ ଆସି ଓମ୍‌ଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ।

ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ମଧ୍ୟାହ୍ନ ଭୋଜନ ବିରତି ସମୟରେ କିଛି ଅଣଛାତ୍ର ସ୍କୁଲ ପରିସରରେ ଅବାଧ ପ୍ରବେଶ କରି ବିଦ୍ୟାର୍ଥୀଙ୍କୁ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଅନ୍ୟ ଛାତ୍ରମାନେ ଭୟଭୀତ ହୋଇ ସୁରକ୍ଷିତ ସ୍ଥାନକୁ ଯିବାବେଳେ ଅଷ୍ଟମ ଶ୍ରେଣୀର ରାମକୃଷ୍ଣ ପ୍ରଧାନଙ୍କୁ ଢେ଼ଲା ମାଡ଼ କରି ଗଭୀର କ୍ଷତି ପହଞ୍ଚାଇଛନ୍ତି ଦୁର୍ବୃତ୍ତ। ଉଭୟଙ୍କୁ ଉଦ୍ଧାର କରି ଏମ୍‌କେସିଜି ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମୁଖ୍ୟଫାଟକ ଚଢ଼ି କିଛି ଦୁର୍ବୃତ୍ତ ଅବାଧ ପ୍ରବେଶ କରି ବିଦ୍ୟାର୍ଥୀଙ୍କୁ ଆକ୍ରମଣ କରିଥିବା ସ୍କୁଲ କର୍ତ୍ତୃପକ୍ଷ କହିଛନ୍ତି। ସେମାନଙ୍କୁ ସୁରକ୍ଷା ଦେବାକୁ ଯାଇ ବିଦ୍ୟାଳୟର କିଛି କର୍ମଚାରୀ ଆହତ ହୋଇଥିବା ସ୍କୁଲ ପକ୍ଷରୁ କୁହାଯାଇଛି। ଏମ୍‌କେସିଜି ବଡମେଡ଼ିକାଲରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ୍. ଧନଞ୍ଜୟ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଦେବେନ୍ଦ୍ର ବେହେରା ଆହତଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି।

# ମକରରେ ଦଶମ ବିଦ୍ୟାର୍ଥୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ଛୁଟି ବାତିଲ

- ବାରିପଦା ଉପଖଣ୍ଡ ପିଲାଙ୍କୁ ଶିକ୍ଷାଦାନ ପାଇଁ ଆଇଟିଡିଏ ପିଏଙ୍କ ନିର୍ଦ୍ଦେଶ
- କୁହୁଳୁଛି ଅସନ୍ତୋଷ

ବାରିପଦା, ୧୨।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ଗଣପର୍ବ ମକର ହୋଇଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତି ବର୍ଗ ହଷ୍ଟେଲରେ ରହି ପଢ଼ୁଥିବା ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଛୁଟି ବାତିଲ କରାଯାଇଛି। ଏଥିସହ ଛୁଟି ସମୟରେ ସେମାନଙ୍କୁ ଶିକ୍ଷାଦାନ ପାଇଁ ବାରିପଦା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହାକୁ ନେଇ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲ୍ଲାର ପରମ୍ପରା ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପରିବାରରେ ଏହି ପର୍ବ ସମସ୍ତ ସଦସ୍ୟ ଏକତ୍ର ପାଳନ କରିଥା'ନ୍ତି। ସକାଳେ ମକର ବୁଡ଼ ପକାଇ ନିଆଁପୁହାଁଠାରୁ ପିଠାପଣା, ମାଛମାଂସ ପ୍ରତ୍ୟେକ ଘରେ ହୋଇଥାଏ। ଏପରି ସ୍ଥଳେ ହଷ୍ଟେଲରେ ପିଲାଙ୍କୁ ଅଟକ ରଖିବା ପରମ୍ପରାକୁ ଅସମ୍ମାନ ସଦୃଶ୍ୟ ହୋଇଛି। ରାଜ୍ୟ ସରକାର ୧୪ ତାରିଖ ଛୁଟି ସହ ୧୫ତାରିଖକୁ ଜିଲ୍ଲା ପାଇଁ ସ୍ୱତନ୍ତ୍ର ଛୁଟି ଅନୁମୋଦନ କରିଥିବା ବେଳେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ ନିର୍ଦ୍ଦେଶନାମା ଅସନ୍ତୋଷ ସୃଷ୍ଟି କରିଛି।

## 'ସୁଶାସନ'ରେ ସାମିଲ ହେଲା ସଡ଼କ ସୁରକ୍ଷା

# ୧୪ ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨।୧ (ସମିସ): ଓଡ଼ିଶା ସରକାର ସଡ଼କ ସୁରକ୍ଷାକୁ ସୁ-ଶାସନର ଏକ ଅଂଶ ଭାବେ ଗ୍ରହଣ କରିଛନ୍ତି। ଏହାଦ୍ୱାରା ସରକାରୀ ଅଧିକାରୀମାନେ ସଡ଼କ ସୁରକ୍ଷା ଉପରେ ଅଧିକ ସତର୍କ ରହିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହାକୁ ଭିତ୍ତି କରି ରାଜ୍ୟରେ ଆଜିଠାରୁ 'ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ସମ୍ମାନ' ଘୋଷଣା ହୋଇଛି।

ସୋମବାର ଲୋକସେବାଭବନ ସମ୍ମିଳନୀ କକ୍ଷରେ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ସମସ୍ତ ଜିଲ୍ଲା, ଶିକ୍ଷାନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକୁ ସଡ଼କ ସୁରକ୍ଷା କ୍ଷେତ୍ରରେ ନେଇଥିବା ପଦକ୍ଷେପକୁ ଭିତ୍ତି କରି ସମ୍ମାନିତ କରାଯିବ। ଯେଉଁ ଜିଲ୍ଲାଗୁଡ଼ିକ ଭଲ ପ୍ରଦର୍ଶନ କରିବେ, ସେମାନେ ପୁରସ୍କାର ପାଇବେ ଏବଂ ଯେଉଁମାନଙ୍କ ପ୍ରଦର୍ଶନ ଖରାପ ହେବ, ସେମାନଙ୍କୁ ଉତ୍ତରଦାୟୀ କରାଯିବ। କାର୍ଯ୍ୟକ୍ରମରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଆଜି ୧୪ଟି ନୂତନ ଅଟଳ ବସ୍‌ଷ୍ଟାଣ୍ଡକୁ ଲୋକାର୍ପଣ କରିଛନ୍ତି। ୧୫୬.୫୩ କୋଟି ଟଙ୍କା ବ୍ୟୟରେ ଏହି ବସ୍‌ଷ୍ଟାଣ୍ଡଗୁଡ଼ିକ ରାଜ୍ୟର ୧୦ଟି ଜିଲ୍ଲାରେ ନିର୍ମିତ ହୋଇଛି। ଏହାସହ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ୪୭ କୋଟି ଟଙ୍କା ମୂଲ୍ୟର ୧୦୦ଟି ନୂତନ ବିଏସ୍-୬ ମାନର ଆଧୁନିକ ବସ୍ ଚଳାଚଳର ଶୁଭାରମ୍ଭ କରାଯାଇଛି।

ଏହାବ୍ୟତୀତ, କଳିଙ୍ଗା ଘାଟିରେ ଗାଡ଼ି ଚାଳକମାନଙ୍କୁ ସତର୍କ କରାଇବା ପାଇଁ ମୁଖ୍ୟମନ୍ତ୍ରୀ ସତର୍କ ସୂଚନା ଘଣ୍ଟିର ଶୁଭ ଉଦ୍‌ଘାଟନ କରିଥିଲେ। ସେହିପରି କଟକ-ଭୁବନେଶ୍ୱରର ଟ୍ୱିନସିଟିରେ ଉନ୍ନତ ଟ୍ରାଫିକ ପରିଚାଳନା ପାଇଁ ଆଇଆଇଟି ଖଡ଼ଗପୁର ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ପରିବେଶ ସୁରକ୍ଷା ପାଇଁ ରାଜ୍ୟ ସରକାର ବୈଦ୍ୟୁତିକ ଯାନ ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି। ଆଜି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପାଇଁ ୧୫ଟି ଚାର୍ଜିଂ ଷ୍ଟେସନ୍‌ର ଲୋକାର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ଜଣ ମହିଳା ଗାଡ଼ି ଚାଳକମାନଙ୍କୁ ଗାଡ଼ି ଚାବି ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପୃଥ୍ୱୀରାଜ ହରିଚନ୍ଦନ ଓ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ଥିଲେ।




**୨୮ ତମ କଳାହାଣ୍ଡି ଉତ୍ସବ 'ଘୁମୁରା-୨୦୨୬'**

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଖେଳ ପ୍ରତିଯୋଗିତା









**ଭବାନୀପାଟଣା, ୧୨ ।୧(ସମିସ)**

୨୮ ତମ କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୬ ଉପଲକ୍ଷେ ଭବାନୀପାଟଣାସ୍ଥିତ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିଅମଠାରେ କଳାହାଣ୍ଡି ବ୍ୟାଡମିଣ୍ଟନ ସଂଘର ସହଯୋଗରେ ଏକ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଖେଳ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କଳାହାଣ୍ଡି ବ୍ୟାଡମିଣ୍ଟନ ସଂଘର ସଭାପତି ପ୍ରଦୀପ କୁମାର ଦାସଙ୍କ ନେତୃତ୍ୱରେ ସଂଘର ସମ୍ପାଦକ ସନ୍ଦୀପ କୁମାର ମିଶ୍ର ଏବଂ ସମସ୍ତ କର୍ମକର୍ତ୍ତାମାନଙ୍କ ସହଯୋଗରେ ହେଉଥିବା ଏହି ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଭବାନୀପାଟଣା ଉପ-ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ରହିଥିବାବେଳେ ସମ୍ମାନିତ ଅତିଥି ଭାବରେ ଯୋଜନା ଓ ସଂଯୋଜନା ବିଭାଗର ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ ଏବଂ ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକ ଡା. ଅଜୟ ମିଶ୍ର ଉପସ୍ଥିତ ରହିଥିଲେ। ପ୍ରତିଯୋଗିତାର ସାଙ୍ଗଠନିକ ସମ୍ପାଦକ ସରୋଜ ମହାରଣା ମଞ୍ଚ ପରିଚାଳନା କରିଥିବାବେଳେ ମୁଖ୍ୟ ରେଫରୀ ତଥା ସଂଘର ଉପସଭାପତି ସମୀର ସାହୁ, ପ୍ରତିଯୋଗିତାର ସଂଯୋଜକ ଦୀପକ ସାଗର କୁମାର, ପୂର୍ବତନ ସଭାପତି ମନୋରଞ୍ଜନ ଦାସ ଏବଂ ଅନ୍ୟାନ୍ୟ ପଦାଧିକାରୀ ତଥା ସଦସ୍ୟଗଣ ସହଯୋଗ କରିଥିଲେ। ସ୍ୱୀକୃତିପ୍ରାପ୍ତ ଅମ୍ପାୟାର ଭାବରେ ଜୟ ପ୍ରକାଶ ଜେନା, ଜଲୀ ପରଭୋଇ, ଶିବାନୀ ଭାଟି, ରୋସାଲିନ ନାୟକ, ଅନନ୍ୟା ବେହେରା, ଶୁଭମ ପଣ୍ଡା, ରଜନୀକାନ୍ତ ଦାସ, ନିଖିଳ ସାହୁ ଏବଂ ଦମନ୍ତୀ ବାଗ ଆଦିଙ୍କୁ ଅମ୍ପାୟାର ଭାବରେ ସଂଘ ତରଫରୁ ଦାୟିତ୍ୱ ଦିଆଯାଇଥିଲା।

## ଭଣ୍ଡାରଘରଣୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା

**ଧର୍ମଗଡ଼ :** କଳାହାଣ୍ଡି ଉତ୍ସବ ୨୦୨୬ ପାଇଁ ଭବାନୀପାଟଣା ଅଭିମୁଖେ ଧର୍ମଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାରଘରଣୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇଯାଇଛି। ଏହା ଆସନ୍ତା ୧୪ ତାରିଖ ଦିନ ଭବାନୀପାଟଣା ପହଞ୍ଚିବା ନେଇ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଗୋପୀନାଥ ମହାନନ୍ଦ, ଧର୍ମଗଡ଼ ବ୍ଲକ ପ୍ରଶାସନ ତରଫରୁ କେଦାର ନାଥ ନାଏକ, ହେମନ୍ତ ମାଝୀ, ଇଙ୍ଗିତ କୁମାର ପଣ୍ଡା, ଢଗ ନାଏକ, ଉମେଶ ଦୁରିଆ ଉପସ୍ଥିତ ଥିଲେ। ସୁଧୀର ରଞ୍ଜନ ଗୋପାଳ, ଦିବ୍ୟରଞ୍ଜନ ଗୋପାଳ ସମେତ ଟିମ୍, ଅଙ୍କିତ ସେଠୀ, ବିକାଶ ସାଗର, ଗୋବିନ୍ଦ ସାହୁ ମା ଡୁମେର୍ ମୁଡେନ୍ ଯୁବକ ସଂଘ କାଙ୍କେରୀର ସୁନିଲ ଜଗତ, ଜୟନ୍ତ ଡ. ମାଝୀ, ଆକାଶ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ। ମହେଶ୍ୱର ସୁନାନୀ ପରିଚାଳନା କରୁଛନ୍ତି। ମଶାଲ ଯାତ୍ରାକୁ ବଣ୍ଡାକୁଟୁରା କର୍ତ୍ତବ୍ୟଠାରେ କର୍ତ୍ତବ୍ୟ ଅନୁଷ୍ଠାନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଶୋକ ପଟ୍ଟନାୟକ ଏବଂ ଆକାଉଟେଣ୍ଟ ଜିତେନ୍ଦ୍ର ମେହେର ତଥା ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ବୀରବାଦ୍ୟ ଘୁମୁରା ସହ ଭବ୍ୟ ସ୍ୱାଗତ କରାଯାଇଛି। ଜିଲ୍ଲାର ୧୩ ଟି ପବିତ୍ର ପୀଠରୁ ପବିତ୍ର ମଶାଲ ଭବାନୀପାଟଣାରେ ଏକତିତ୍ର ହୋଇ ମୁଖ୍ୟ ମଞ୍ଚ ଠାରେ ସ୍ଥାପନା କରାଯିବ।

## ସାଇକେଲ ରେସ୍ ପ୍ରତିଯୋଗିତା

**ଧର୍ମଗଡ଼ :** ଧର୍ମଗଡ଼ ଉପଖଣ୍ଡିୟ କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୬ ର ସାଇକେଲ ରେସ୍ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ମହିଳା ଓ ପୁରୁଷ ପ୍ରତିଯୋଗିତାକୁ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରତୀକ୍ଷା ଅଗ୍ରୱାଲ ଶୁଭାରମ୍ଭ କରିଛନ୍ତି। ବେହେରା ସ୍ଥିତ ଖେଳପଡ଼ିଆଠାରୁ ଧର୍ମଗଡ଼ ଉତ୍ସବସ୍ଥଳ ପର୍ଯ୍ୟନ୍ତ ସାଇକେଲ ରେସରେ ଶତାଧିକ ପୁରୁଷ ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ଦୀର୍ଘ ୨୨କିମି ସାଇକେଲ ରେସ ରେ ଜୁନାଗଡ଼ ବ୍ଲକ ଖଳିଆପାଳି ଗ୍ରାମର କୃପାସିନ୍ଧୁ ଖରସେଲ ପ୍ରଥମ ହୋଇଥିବାବେଳେ ଦ୍ୱିତୀୟ -ଧର୍ମଗଡ଼ ବ୍ଲକ ଛିଲିପା ଗ୍ରାମର ଦୁଷ୍ମନ୍ତ ପଟେଲ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି କୋକସରା ବ୍ଲକ ଖୁଣ୍ଟିଆ ଗ୍ରାମର ନଗିନ ପଟେଲ। ସେଭଳି ମହିଳା ବର୍ଗ ପ୍ରତିଯୋଗିତା ପର୍ଲା -ଧର୍ମଗଡ଼ ଉତ୍ସବ ପଡ଼ିଆ ପର୍ଯ୍ୟନ୍ତ ଧର୍ମଗଡ଼ ବ୍ଲକ ଢେକନାଗୁଡା ଗ୍ରାମର ସଂଯୁକ୍ତା ଗୋପାଳ, ଦ୍ୱିତୀୟ -ବଡ଼ ବସୁଲ ଗ୍ରାମର ଯୁଗମଣୀ ସାହୁ ଓ ତୃତୀୟ ସ୍ଥାନରେ ସେମେଲା ଗ୍ରାମର ମୌସୁମୀ ଗୋପାଳ ହୋଇଥିଲେ। ତେବେ ଗତବର୍ଷ ମହିଳା କଳାହାଣ୍ଡି ଉତ୍ସବ ସାଇକେଲ ରେସ ରେ ସଂଯୁକ୍ତା ଗୋପାଳ ପ୍ରଥମ ହୋଇଥିବା ବେଳେ ପୁଣି ଚଳିତ ବର୍ଷରେ ପ୍ରତିଯୋଗିତାରେ ଭାଗ ନେଇ ପ୍ରଥମ ହୋଇ ଚର୍ଚ୍ଚା ପରିସରକୁ ଆସିଛନ୍ତି। ଧର୍ମଗଡ଼ ତହସିଲଦାର କୀର୍ତ୍ତିଚନ୍ଦ୍ର ପ୍ରଧାନ ଉପସ୍ଥିତ ରହିଥିବା ବେଳେ କ୍ରୀଡ଼ା କମିଟି ସଭାପତି ସନ୍ତୋଷ ପାଣିଗ୍ରାହୀ, ଅଭୟ ନାଏକ ପରିଚାଳନା କରିଥିଲେ।

# ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ଗୋଲାମୁଣ୍ଡା ଗସ୍ତ



**ଗୋଲାମୁଣ୍ଡା, ୧୨ ।୧(ସମିସ):** ଆଜି ଦିନିକିଆ ଗୋଲାମୁଣ୍ଡା ଗସ୍ତ କରିଛନ୍ତି ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର। ଗୋଲାମୁଣ୍ଡା ଠାରେ ପହଞ୍ଚିବା ପରେ ବ୍ଲକ ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଥିଲା। ଏହାପରେ ଗୋଲାମୁଣ୍ଡା ବ୍ଲକ ପରିସରରେ ଥିବା ସଭାଗୃହଠାରେ ଆୟୋଜିତ ବାଲ୍ ସଭା କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଭାରତରେ ବାଲ୍ୟ ବିବାହର କୁପ୍ରଥା ଅନେକ ସମୟରୁ ଚାଲି ଆସୁଛି। ଏହା ଲକ୍ଷ ଲକ୍ଷ ଶିଶୁଙ୍କ ଅଧିକାରକୁ ଉଲ୍ଲଂଘନ କରିବା ସହ ସେମାନଙ୍କ ଭବିଷ୍ୟତକୁ ଅନ୍ଧକାର ମଧ୍ୟକୁ ଠେଲି ଦେଉଛି। ବିଗତ କିଛି ବର୍ଷ ଧରି ଦେଶରେ ବାଲ୍ୟ ବିବାହ ଘଟଣା ହ୍ରାସ ପାଉଥିବାବେଳେ ଏହି ପ୍ରଥାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଗୁରୁତତ୍ୱ ଦେଇଛନ୍ତି ସୁପ୍ରିମକୋର୍ଟ। ସର୍ବୋଚ୍ଚ ନ୍ୟାୟାଳୟ ଦେଶରେ ବାଲ୍ୟ ବିବାହକୁ ଉଚ୍ଛେଦ କରିବା ଉଦ୍ଦେଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଗୋଲାମୁଣ୍ଡା ବ୍ଲକ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲ୍ୟ ବିବାହକୁ କିପରି ଭାବରେ ସରକାରୀ ଓ ସାମାଜିକ ଭାବରେ କାର୍ଯ୍ୟକାରୀ କରି ସମ୍ପୂର୍ଣ୍ଣ ନିଷେଧ କରାଯାଇପାରିବ ସେ ବିଷୟରେ ଉପସ୍ଥିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର, ସଦସ୍ୟା କଳ୍ପନା ଲେଙ୍କା, ବିଡିଓ ତ୍ରିପୁର ମହାନନ୍ଦ, ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ନିରୂପମା ନାଏକ ପ୍ରମୁଖ ଯୋଗଦେଇ ଥିଲେ।

# 'କିସ୍' ପରିସରରେ 'ଜାତୀୟ ଯୁବ ଦିବସ'




**ଭବାନୀପାଟଣା, ୧୨ ।୧(ସମିସ):** ସଦର ବ୍ଲକ ଅଧୀନ ବାଦିଲିଠାରେ ଥିବା କିସ୍ ଆବାସିକ ବିଦ୍ୟାଳୟରେ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କଳାହାଣ୍ଡି ତରଫରୁ 'ଜାତିୟ ଯୁବ ଦିବସ'ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଜାତକ୍ୱୟ ଯୁବ ଦିବସ ଉପଲକ୍ଷେ ଏକ ରାଲି ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଚାରପତି ସ୍ନିଗ୍ଧା ପଣ୍ଡା, ସମ୍ମାନିତ ଅତିଥି ଯଶୋବନ୍ତ ନାଏକ, ଅଭିଷେକ ଭୋଇ, ପ୍ରକାଶ ଚନ୍ଦ୍ର ସହୁ, ଦୁଷ୍ମନ୍ତ କୁମାର ପଧାନ ଓ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ଅବସ୍ଥାରେ ହିଁ ବିଶେଷ କରି ଦେଶପାଇଁ ଉତ୍ସର୍ଗୀକୃତ ଭାବେ କାମ କରିବାର ଉତ୍କୃଷ୍ଟ ସମୟ ଯାହାକି ସ୍ୱାମୀ ବିବେକାନନ୍ଦଙ୍କ ଆହ୍ୱାନ ଥିଲା। ସେ ଭଲ ମଣିଷ ହୋଇ ଦେଶ ଗଠନ ଓ ବିକାଶରେ ସାମିଲ ହେବାପାଇଁ କହିଥିଲେ। ସେହିପରି ମୁଖ୍ୟ ନିର୍ଦ୍ଦେଶକ ଶ୍ରୀ ନାଏକ କିସ୍ ସହିତ ମୁଁ ଆଗରୁ ଜଡ଼ିତ ଓ ଡ. ଅଚ୍ୟୁତ ସାମନ୍ତଙ୍କ ଜୀବନଶୈଳୀ ମତେ ବେଶୀ ପ୍ରଭାବିତ କରେ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ କିସ୍‌ର ଶିକ୍ଷକ ଖୀରସିନ୍ଧୁ ସାହୁ ପରିଚାଳନା କରିଥିବାବେଳେ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଜନ୍ମେଜୟ ପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଧର୍ମଗଡ଼, ୧୨ ।୧(ସମିସ):** ଧର୍ମଗଡ଼ ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନର ମିଳିତ ଆନୁକୂଲ୍ୟରେ ଜନ୍ମେଜୟ ପାତ୍ରଙ୍କର ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ତୁଷାର ରଞ୍ଜନ ପଟ୍ଟଯୋଶୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ଶିକ୍ଷାବିତ ତଥା ସ୍ୱର୍ଗତ ପାତ୍ରଙ୍କର ସହକର୍ମୀ ପ୍ରତାପ କିଶୋର ମୁଣ୍ଡ, ରାଧା ମୋହନ ଦାସ, ପଞ୍ଚାୟତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସତ୍ୟ ପଟ୍ଟନାୟକ, ତାଙ୍କର ଭାଇ ବରିଷ୍ଠ ଆଇନଜୀବୀ ଧନଞ୍ଜୟ ପାତ୍ର ଯୋଗ ଦେଇ ସ୍ୱର୍ଗତ ପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ପାତ୍ର କେବଳ ଛାତ୍ରବତ୍ସଳ ଉତ୍ତମ ଶିକ୍ଷକ ନଥିଲେ, ସେ ଥିଲେ ମଣିଷ ପରି ମଣିଷ ଟିଏ। ସାହିତ୍ୟ କ୍ଷେତ୍ରରେ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ। ସୃଜନଶୀଳତା ଓ ସରଳତା ତାଙ୍କର ଭୂଷଣ ଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଡାକ୍ତର ଅଜିତ କୁମାର ନେଗୀ, ଅନିରୁଦ୍ଧ ମୁଣ୍ଡ, ଆଇନଜୀବୀ ତରୁଣ ଭୋଇ, ସମାଜସେବୀ ହୃଷିକେଶ ମିଶ୍ର, ପ୍ରଗତି କଲେଜର ଡାଇରେକ୍ଟର ଅଜୟ କୁମାର ପଣ୍ଡା, ବିଶିଷ୍ଟ କବି ଭବାନୀଶଙ୍କର ନିଆଲ, ହାଇସ୍କୁଲର ପ୍ରଧାନଶିକ୍ଷକ ଜୟନ୍ତ କୁମାର ମୁଣ୍ଡ, ବରିଷ୍ଠ ନାଗରିକ ଡମ୍ବରୁ ଲହଜଲ, ନିରଞ୍ଜନ ମହାପାତ୍ର, ଘନଶ୍ୟାମ ଅଗ୍ରୱାଲ, ରଜନୀ ଖମାରୀ, ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଚାମ୍ବର ଅଫ୍ କମର୍ସର ସଭାପତି ବିଦ୍ୟାଧର ସାହୁ, ରାଜେନ୍ଦ୍ର ଭୋଇ, ଅଧ୍ୟାପକ ବଙ୍କିମ ମୁଣ୍ଡ, ବିଶ୍ୱପତି ମୁଣ୍ଡ, ଗଣପତି ବାଗ, ରାଜେନ୍ଦ୍ର ଦୁରିଆ, ଚିତ୍ରସେନ ଜାଲ, ସାମ୍ବାଦିକ ବିରଞ୍ଚି ନାରାୟଣ ଜାଲ, ଇଙ୍ଗିତ କୁମାର ପଣ୍ଡା, ଲକ୍ଷ୍ୟଜ୍ୟୋତି ଜାଲ, ବରିଷ୍ଠ ନାଗରିକ ସଂଘ ର ସୁନିଲ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।



# ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ସଚେତନତା କାର୍ଯ୍ୟକ୍ରମ




**କେସିଙ୍ଗା, ୧୨ ।୧ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଭମରମାଲ ଗ୍ରାମସ୍ଥିତ ମାଉସୀମନ୍ଦିର ପରିସରରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ ପକ୍ଷରୁ ବାଲସି ମଣ୍ଡଳସ୍ତରୀୟ ଜନଜାଗରଣ ଓ ଉପବିଧି ସଚେତନା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ନୀଳମଣି ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସାଧାରଣ ସମ୍ପାଦକ ନବୀନ କିଶୋର ସାହୁ ବିବରଣୀ ପଠନ କରିଥିଲେ। କାର୍ଯ୍ୟକାରୀ ସଭାପତି ଦୀପଚାନ୍ଦ ସାହୁ ବେହେରା, ଜିତେନ୍ଦ୍ର ସାହୁ, ଜିଲ୍ଲା ଉପ ସଭାପତି ଯୁବରାଜ ସାହୁ, ଯୁଗ୍ମ ସମ୍ପାଦକ ସୁଲପାଣି ସାହୁ, ସଭାପତି ମୁରଲୀଧର ସାହୁ, କୀର୍ତ୍ତନ ସାହୁ, ଖୁସିରାମ ସାହୁ, କୁଳମଣି ସାହୁ, କାର୍ଜି କିଶନ ସାହୁ, ହିମାଂଶୁ ସାହୁ, ହେମ କିଶୋର ସାହୁ, ଗୌରଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଜିଲ୍ଲା ଯୁଗ୍ମ ସମ୍ପାଦକ ଅଶ୍ୱନୀ କୁମାର ସାହୁ, ଲିଙ୍ଗରାଜ ସାହୁ।

# କଳାହାଣ୍ଡି ଉତ୍ସବ 'ଷ୍ଟାର ନାଇଟ୍'ରେ ବିଶୃଙ୍ଖଳା

**କେସିଙ୍ଗା, ୧୨ ।୧(ସମିସ):** ଜାନୁଆରୀରେ କଳାହାଣ୍ଡି ଉତ୍ସବ ପାଇଁ ଚଳ ଚଞ୍ଚଳ ହୋଇ ଉଠେ ଗାଆଁ ଠୁ ସହର। କେସିଙ୍ଗାରେ ମଧ ୪ ଦିନ ପାଳିତ ହେଲା ଉତ୍ସବ। ରବିବାର ଏନଏସିସ୍ତରୀୟ କଳାହାଣ୍ଡି ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ପ୍ରବଳ ଭିଡ଼ ମଧ୍ୟ ଦେଖିବାକୁ ମିଳିଥିଲା। ରାତ୍ର ୧୧ ଟା ସମୟରେ କିଛି ନିଶାସକ୍ତ ଯୁବଗୋଷ୍ଠୀ ଷ୍ଟେଜ ଉପରକୁ ଚଢ଼ି ସେଲ୍‌ଫି ନେବା ଆରମ୍ଭ କରିଥିଲେ। ଷ୍ଟେଜରୁ ଓହ୍ଲାଇ ତଳେ ନାଚିବାକୁ କହିବାରୁ କିଛି ନିଶାସକ୍ତ ଯୁବକ ପୁଲିସ ଉପରକୁ ଚୌକି ଭାଙ୍ଗି ଫିଙ୍ଗି ଠେଲାପେଲା କରିଥିଲେ। କିଛି ଯୁବକକୁ ଅଟକ ରଖି ପୁଲିସ ପଚରାଉଚରା କରୁଥିବା ବେଳେ ଅନ୍ୟ କିଛି ଯୁବକକୁ ଖୋଜୁଥିବା ସୂଚନା ରହିଛି।

# ଜାତୀୟ ଯୁବ ଦିବସ ପାଳିତ

**ମ.ରାମପୁର, ୧୨ ।୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁରସ୍ଥିତ ମାଟୋଗଣ୍ଡା ଶ୍ରୀରାମକୃଷ୍ଣ ଆଶ୍ରମଠାରେ ଜାତୀୟଯୁବ ଦିବସ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ସାଧୁଗଣ, ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ ଦଳ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ। ଆଶ୍ରମର ସ୍ୱାମୀ ଅଶୋକାନନ୍ଦଜୀଙ୍କ ମହାରାଜଙ୍କ ଅଧ୍ୟକ୍ଷତାରେ ବିବେକାନନ୍ଦ ମେମୋରିଆଲ ହଲ ଠାରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସମ୍ପାଦକ ସ୍ୱାମୀ ଅଶୋକାନନ୍ଦ, ସହ ସମ୍ପାଦକ ସ୍ୱାମୀ ବିରେସାନନ୍ଦ, ସାମ୍ମାନିତ ଅତିଥି ଭାବେ ବିବେକାନନ୍ଦ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୁରେନ୍ଦ୍ର ମହାଖୁଡ଼, ସ୍ୱାମୀ ଧୀରେ ସାନନ୍ଦ, ସ୍ୱାମୀ ଶୁକଦେବାନନ୍ଦ, ପୁରୁଷୋତ୍ତମାନନ୍ଦ, ମୁଖ୍ୟ ବକ୍ତା ଭାବେ ବଟକିଶୋର ପ୍ରଧାନ ଯୋଗଦେଇ ଥିଲେ। ସଭାକୁ ଆଶ୍ରମର ଅନ୍ନଦା ପଟ୍ଟନାୟକ ପରିଚାଳନା କରିବା ସହ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଫେବୃଆରୀ ଶେଷ ସୁଦ୍ଧା ୱାଇଏମ୍‌ସି କପ୍ କ୍ରିକେଟ





**ନୂଆପଡ଼ା, ୧୨ ।୧(ସମିସ):** ପ୍ରତିବର୍ଷ ଜାନୁୟାରୀ ମାସରେ ହେଉଥିବା ୱାଇଏମ୍‌ସି କପ୍ କ୍ରିକେଟ ଚଳିତବର୍ଷ ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ଫେବୃୟାରୀ ମାସ ଶେଷ ସୁଦ୍ଧା ହେବ ବୋଲି ଚୂଡ଼ାନ୍ତ ହୋଇଛି। ସ୍ଥାନୀୟ ମିନିଷ୍ଟାଡିୟମରେ ହୋଇଥିବା ଏକ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ବିଷୟରେ ସୂଚୀତ କରାଯାଇଛି। ଆବାହକ ସରୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆହୂତ ବୈଠକରେ ପୂର୍ବତନ ସାଂସଦ ତଥା ପୂର୍ବତନ ୱାଇଏମ୍‌ସି ସମ୍ପାଦକ ବସନ୍ତ କୁମାର ପଣ୍ଡା ବିଶେଷ ଅତିଥି, କ୍ରିକେଟ ଆସୋସିଏସନ ସଭାପତି ପ୍ରକାଶ ସାହୁ, ୱାଇଏମସି ସଭାପତି ବାପି ଦାସ, ସମ୍ପାଦକ ପିଣ୍ଟୁ ବଗର୍ତ୍ତି, ଜିଲ୍ଲା ଓକିଲ ସଂଘ ସଭାପତି ସିଦ୍ଧୁ ବୋଧନକର, ସମ୍ପାଦକ ପ୍ରକାଶ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆଜିକୁ ଗତ ୩୩ଟି ଟୁର୍ଣ୍ଣାମେଣ୍ଟ କରାଯାଇଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବଛା ବଛା ଟିମ ଯୋଗ ଦେଇ ଆସୁଛନ୍ତି। ବିଜୟୀ ଦଳକୁ ଲକ୍ଷେ ଟଙ୍କା ଏବଂ ଉପବିଜେତାଙ୍କୁ ୬୦ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯିବ। ଏଥର ଦଳ ଗୁଡ଼ିକରେ ଶ୍ରେଷ୍ଠ ରଣ୍ଜୀ ଖେଳାଳିମାନେ ଯୋଗଦେବାର ସୂଚନା ମିଳିଛି।

# ମଧୁପୁରରେ ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ

**ଲାଞ୍ଜିଗଡ଼, ୧୨ ।୧(ସମିସ)**



ଲାଞ୍ଜିଗଡ଼ ବ୍ଲକ ମଧୁପୁରସ୍ଥିତ ପିଏମ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଆଜି ବିଦ୍ୟାଳୟସ୍ତରୀୟ ପିଏମଶ୍ରୀ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବିକଶିତ କଳାହାଣ୍ଡି ଓ ନୂଆପଡ଼ାର ଅଧ୍ୟକ୍ଷ ଡ. ଭବାନୀଶଙ୍କର ନିଆଲ, ବିଶିଷ୍ଟ ଅତିଥି ଭାବେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଦିଲୀପ କୁମାର ଦୁବେ, ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱନାଥପୁର ଏକଲବ୍ୟ ମଡେଲ ସ୍କୁଲର ଅଧ୍ୟକ୍ଷ ଦେବବ୍ରତ ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟକାନ୍ତ ଭୁଏ, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟାର ସିଂହ, ଦେଓ ରଞ୍ଜନ ଶବର, ନର୍ଲା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସୁନାମୁଦି, ଗୋବର୍ଦ୍ଧନପୁର ସମିତି ସଭ୍ୟା ସୁଚିତ୍ରା ମାଝୀ, ସମାଜସେବୀ ହରିଶଙ୍କର ପାତ୍ର, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମାଝୀ, ସ୍କୁଲ ପରିଚାଳନା କମିଟି ସଭାପତି ଜଗନ୍ନାଥ ରଣା ପ୍ରମୁଖ ମଞ୍ଚାସୀନ ଥିଲେ। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରଷିଆ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଦବ୍ୟାସ ପ୍ରଧାନସ୍ୱାଗତ ଅଭିଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ସୋନାଲିକା ପାଢ଼ୀ ଓ ପାର୍ଥ ଶବର ସଭା ପରିଚାଳନା କରିଥିଲେ। ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ରୀ ନିହାରିକା ବିଶ୍ୱାଳ ଓ ଦଶମ ଶ୍ରେଣୀ ଛାତ୍ରୀ ଶୃତି ହରିଜନ ପରିଚାଳନା କରିଥିଲେ। କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା, ବିଦ୍ୟାଳୟର ଶିକ୍ଷକ ଦୁଷ୍ମନ୍ତ ସା, ମାମିନା ସାହୁ, ସସ୍ମିତା ସାହୁ, ମମତା ମାଝୀ, କାମସେନ ଭୋଇ, ସୁଧାଂଶୁ ସାସମଲ, ପରମାନନ୍ଦ ସାହୁ, ବସନ୍ତ ପାଣ୍ଡେ, ନୁରବତୀ ମାଝୀ, ଆଲୋକ ରଞ୍ଜନ ନନ୍ଦ, ଜ୍ୟୋତିର୍ମୟୀ ତ୍ରିପାଠୀ, ବିଶ୍ୱଭୂଷଣ ଷଣ୍ଢ, ସତ୍ୟବାଦୀ ନାଏକ ପ୍ରମୁଖ ସହଯୋଗ କରିଥିଲେ।







# କୃଷ୍ଣାଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ




**ଧର୍ମଗଡ଼, ୧୨ ।୧ (ସମିସ):** ଧର୍ମଗଡ଼ ବ୍ଲକ କୃଷ୍ଣା ଦେବୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରି ପ୍ରଣତି ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଧର୍ମଗଡ଼ ବିଇଓ ପଙ୍କଜିନି ମାଝୀ ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଏନ୍‌ଏସି ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ସାଂସଦ ପ୍ରତିନିଧି ଲକ୍ଷ୍ମୀ କାନ୍ତ ବାଗ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ମୁଣ୍ଡ, ଏବିଇଓ ହେମନ୍ତ କୁମାର ପଣ୍ଡା, ପୁରାତନ ଛାତ୍ର ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଦେଓଗାଁରେ ଅଭିଯୋଗ ଶୁଣାଣି ଶିବିର

**ଦେଓଗାଁ, ୧୨।୧ (ସମିସ):** ଦେଓଗାଁ ବ୍ଲକ କାର୍ଯ୍ୟାଳୟ ସଭାକକ୍ଷରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ତେବେ ବ୍ଲକର ୨୬ ଟି ପଞ୍ଚାୟତରୁ ମାତ୍ର ୪୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ତରଣୀସେନ ସୁନା, ଉପ-ଜିଲ୍ଲାପାଳ ଆଲୋକ ପଟେଲ ଓ ଅତିରିକ୍ତ ଏସପି ଗୁଣନିଧି ମଲ୍ଲିକ ପ୍ରମୁଖ ଯୋଗଦେଇ ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ। ବିଡିଓ ପ୍ରିୟରଞ୍ଜନ କୁମାର ପରିଚାଳନା କରିଥିଲେ। ଶିବିରରେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ଜିଲ୍ଲା ପରିଷଦ ସଭ୍ୟା ମମତା କୁମୁରା, ସୁମତି ସେଠ ପ୍ରମୁଖ ଯୋଗ ଦେଇଥିଲେ।

## ତୁଷୁରା ତୋଷାଳୀ ବିଦ୍ୟାମନ୍ଦିରରେ ସାଇବର ସଚେତନତା

**ବଲାଙ୍ଗିର, ୧୨।୧ (ସମିସ):** ତୁଷୁରାସ୍ଥିତ ତୋଷାଳୀ ବିଦ୍ୟାମନ୍ଦିରରେ ସୋମବାର ସାଇବର ସଚେତନତା ଓ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟିର ସଭାପତି ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଲାଙ୍ଗିର ସାଇବର ଥାନା ଅଧିକାରୀ ଭାରତୀ ନାୟକ, ସମ୍ମାନିତ ଅତିଥି ଭାବେ ନ୍ୟାସନାଲ କରାଟେ ଏବଂ ଟାଇକୋଣ୍ଡୋ କୋଚ ଅସୀମ ଭୋଇ, ସାଇବର ଥାନା ଏସଆଇ ବୈଦୂର୍ଯ୍ୟ ପ୍ରଧାନ, ପରିଚାଳନା କମିଟିର ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଯୋଗ ଦେଇଥିଲେ। ଶ୍ୟାମସୁନ୍ଦର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ସଇଁତଲା, ୧୨।୧ (ସମିସ):** ସଇଁତଲାସ୍ଥିତ ସରକାରୀ ଆବାସିକ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ହିନ୍ଦୀ ଶିକ୍ଷୟିତ୍ରୀ ଶ୍ରୀଲତା ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା ସୁନ୍ଦରୀ ମିଶ୍ର, ପୂର୍ବତନ ଶିକ୍ଷୟିତ୍ରୀ କଲ୍ଲୋଳିନୀ ସରାଫ, ମୈଥିଳି ମିଶ୍ର, କଲ୍ୟାଣୀ ମିଶ୍ର, ଜାହ୍ନବୀ ବେହେରା, ଉମାଶଙ୍କର ପଣ୍ଡା, ତପନ ଦାଶ, ଜହ୍ନନା ମିଶ୍ର, ସାଧନା ବହିଦାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜୟନ୍ତୀ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଭୂମିପୂଜା, ଉଦ୍‌ଘାଟନ

**ବେଲପଡ଼ା, ୧୨।୧ (ସମିସ):** ବେଲପଡ଼ା ବ୍ଲକର ବିଭିନ୍ନ ପ୍ରକଳ୍ପ ଭୂମିପୂଜା ସହ ଉଦ୍‌ଘାଟିତ ହୋଇଛି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ ଏବଂ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂ ଦେଓ ଭରୁଆମୁଣ୍ଡାସ୍ଥିତ ବନଦୁର୍ଗା ମନ୍ଦିର ନିକଟରେ ନିର୍ମିତ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଚିକିଲିରେ ହେବାକୁ ଥିବା ଅପରଲାନ୍ତ ଜଳସେଚନ ପ୍ରକଳ୍ପର ମାଟିବନ୍ଧ ନିର୍ମାଣର ଭୂମିପୂଜା କରିଥିଲେ। ଘାଗୁର୍ଲି ଗାଁର ଅମୃତ ଧାରା, ମୁଣ୍ଡା ଗାଁର ଲକ୍ଷ୍ମୀ ମଣ୍ଡପ, ବହୁମୁଖୀ କୋଠା ଓ ଦୀନରଘୁ ମେହେର ହାଇସ୍କୁଲ ପ୍ରାର୍ଥନା ଗୃହର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବେଲପଡ଼ା କଲେଜର ୪୩ ତମ ବାର୍ଷିକ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ। ପରେ ବାଳିକା ପିଏମଶ୍ରୀ ଉତ୍ସବରେ ଯୋଗ ଦେଇଥିଲେ। ଜିଲ୍ଲା ଭାଜପା ସଭାପତି ଶ୍ରୀବତ୍ସ ବେହେରା, ତନ୍ମୟ ଦାସ, ପାଟଣାଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ସଦାନନ୍ଦ ପୂଜାହାରୀ, ସ୍ଥାନୀୟ ଥାନା ଅଧିକାରୀ ଅନନ୍ତ ପ୍ରଧାନ, ତହସିଲଦାର ଅଭିଷେକ କିଷାନ, ବିଡ଼ିଓ ରାଜେଶ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

**ବଲାଙ୍ଗିର ପୁଲିସ ଉପରୁ ଆସ୍ଥା ତୁଟୁଛି**

# ତାତିଲେ କୁଶମେଲ ପଞ୍ଚାୟତବାସୀ

**ବଲାଙ୍ଗିର, ୧୨।୧(ସମିସ)**

ବଲାଙ୍ଗିର ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକଳାପକୁ ନେଇ ପୁଲିସ ଉପରେ ଲୋକଙ୍କ ଆକ୍ରୋଶ ଦେଖିବାକୁ ମିଳିଛି। ବିଭିନ୍ନ ଘଟଣାରେ ଉଚିତ କାର୍ଯ୍ୟାନୁଷ୍ଠାନ ନେବାରେ ପୁଲିସ ବିଫଳ ହୋଇଛି। ଏଣୁ ପୁଲିସ ଉପରୁ ଲୋକଙ୍କ ଆସ୍ଥା ଉଠିବାରେ ଲାଗିଛି। ଏହିଭଳି ଅଭିଯୋଗ ନେଇ ବଲାଙ୍ଗିର ଜିଲ୍ଲା ପୁଲିସ କିଛି ଦିନ ହେଲା ବିବାଦ ମୁଣ୍ଡାଇଛି। ସୋମବାର ଆଉ ଏକ ଘଟଣାରେ ବଲାଙ୍ଗିର ସଦର ପୁଲିସକୁ ନାକେଦମ ହେବାକୁ ପଡ଼ିଛି। କିଛି ମାସ ହେଲା ସଦର ଥାନା କୁଶମେଲ ପଞ୍ଚାୟତକୁ ହେଉଥିବା ଜଳ ଯୋଗାଣ ପ୍ରକଳ୍ପରୁ ନିୟମିତ ଚୋରି ହେଉଛି। ଏହି ଘଟଣାରେ ଚୋରକୁ ପୁଲିସ ସୁରକ୍ଷା ଦେଉଛି। ଏଭଳି ଅଭିଯୋଗ ନେଇ କୁଶମେଲ ଲୋକେ ସୋମବାର ଏସ୍‌ପି ଅଫିସ ଘେରଉ କରିବାକୁ ଚେତାବନୀ ଦେଇଥିଲେ। ଏହା ପୂର୍ବରୁ ନେତୃତ୍ୱ ନେଉଥିବା ସ୍ଥାନୀୟ ସରପଞ୍ଚଙ୍କୁ ବେଆଇନ ଭାବେ ପୁଲିସ ଉଠାଇ ନେ ଅଟକ ରଖିଥିଲା। ଏଣୁ ଗ୍ରାମବାସୀ ପ୍ରଥମେ ସଦର ଥାନା ଓ ପରେ ଏସ୍‌ପି ଅଫିସ ଘେରଉ କରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖା ଦେଇଥିଲା।




କୁଶମେଲ ପଞ୍ଚାୟତକୁ ନିକଟସ୍ଥ ସୁକତେଲ ନଦୀରୁ ପାଣି ଆସିଥାଏ। ତେବେ ଏହି ଜଳ ଯୋଗାଣ ପ୍ରକଳ୍ପସ୍ଥଳରୁ ଗତ କିଛି ମାସ ହେଲା ନିୟମିତ ଭାବେ ବିଦ୍ୟୁତ ତାର ଓ ପାଣି ପମ୍ପ ଚୋରି ହେଉଥିବା ଅଭିଯୋଗ ହେଉଛି। ଫଳରେ ଦିନେ ଦୁଇ ଦିନ ପାଣି ଆସିଲେ ପୁଣି ମାସାଧିକ କାଳ ଲୋକେ ପାଣି ପାଉନାହାନ୍ତି। ଏନେଇ ସ୍ଥାନୀୟ ଥାନାରେ ବାରମ୍ବାର ଅଭିଯୋଗ ମଧ୍ୟ କରାଯାଉଛି। କିଛି ଦିନ ତଳେ ପୁଣି ଥରେ ଚୋରି ହୋଇଥିଲା। ଥାନାରେ ଅଭିଯୋଗ ହେବା ପରେ ଚନ୍ଦନଭାଟି ଫାଣ୍ଡି ଅଧିକାରୀ ଦୁଇ ଜଣ ନାବାଳିକଙ୍କୁ ଆଣି ପଚରାଉଚୁରା କରି ଛାଡି ଦେଇଥିଲେ। ଅସଲରେ କିନ୍ତୁ ଏହି ଚୋରି ଘଟଣାରେ ଅନ୍ୟମାନେ ସମ୍ପୃକ୍ତ ଥିବା ସ୍ପଷ୍ଟ ହୋଇଛି। ଏହାକୁ ନେଇ ସୋମବାର ପଞ୍ଚାୟତବାସୀ ସରପଞ୍ଚ କସ୍ତୁବ ସାହୁଙ୍କ ନେତୃତ୍ୱରେ ଏସ୍‌ପି ଅଫିସ ଘେରଉ କରିବାକୁ ଚେତାବନୀ ଦେଇଥିଲେ; କିନ୍ତୁ ସୋମବାର ସକାଳୁ ସରପଞ୍ଚ ଶ୍ରୀ ସାହୁଙ୍କୁ ପୁଲିସ ବେଆଇନ ଭାବେ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ଏନେଇ ସୂଚନା ପାଇବା ପରେ ଉତ୍ତ୍ୟକ୍ତ ଲୋକେ ସଦର ଥାନା ଘେରଉ କରିଥିଲେ। ପୁଲିସର କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ବେଆଇନ ବୋଲି ଅଭିଯୋଗ କରିଥିଲେ। ସରପଞ୍ଚଙ୍କୁ ଛାଡିବା ଦାବିରେ କିଛି ସମୟ ଧରି ସେମାନେ ବଲାଙ୍ଗିର-ପାଟଣାଗଡ଼ ରାସ୍ତାକୁ ସଦର ଥାନା ଆଗରେ ଅବରୋଧ କରିଥିଲେ। ପରେ ବାଧ୍ୟ ହୋଇ ପୁଲିସ ସରପଞ୍ଚଙ୍କୁ ଛାଡି ଦେଇଥିଲା। ଏହା ପରେ ଉତ୍ତ୍ୟକ୍ତ ପଞ୍ଚାୟତବାସୀ ଏହି ଘଟଣାରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ମାମଲାକୁ ଚାପି ଦେଉଥିବା ଫାଣ୍ଡି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଏସ୍‌ପି ଅଫିସ ଆଗରେ ବସି ରହି ପ୍ରତିବାଦ କରିଥିଲେ। ଦୀର୍ଘ ସମୟ ପରେ ଅତିରିକ୍ତ ଏସ୍‌ପି ହିମାଂଶୁ ବେହେରା ଆସି ଉତ୍ତ୍ୟକ୍ତ ପଞ୍ଚାୟତବାସୀଙ୍କୁ ବୁଝାସୁଝା କରିଥିଲେ। ମାମଲାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ପରେ ଲୋକେ ଏସ୍‌ପି ଅଫିସ ଆଗରୁ ଉଠିଥିଲେ।

- ଚୋରକୁ ଧରୁନି ପୁଲିସ
- ଏସ୍‌ପି ଅଫିସ ଘେରଉ ସରପଞ୍ଚ ଅଟକ ପରେ
- ଉତ୍ତେଜନା
- ଥାନା ଘେରଉ ସହ ରାସ୍ତା ଅବରୋଧ

### ମନ୍ତ୍ରୀଙ୍କ ପାଇଁ ନା ଆନ୍ଦୋଳନ ଚପାଇବା ପାଇଁ?

ବଲାଙ୍ଗିର ଏସ୍‌ପି ଅଫିସ ଘେରଉ କରିବା ପୂର୍ବରୁ ସଦର ଥାନା ପକ୍ଷରୁ କୁଶମେଲ ସରପଞ୍ଚଙ୍କୁ ଉଠାଇ ଆଣି ଅଟକ ରଖାଯାଇଥିଲା। ତେବେ ଏହିଭଳି ଭାବେ ବିନା କାରଣରେ ସରପଞ୍ଚଙ୍କୁ ଉଠାଇ ଆଣି ଥାନାରେ ବସାଇବାକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏହାକୁ ନେଇ ସରପଞ୍ଚ ଓ ତାଙ୍କ ସମର୍ଥକ ପ୍ରଶ୍ନ କରିବାରୁ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ କାର୍ଯ୍ୟକ୍ରମ ଥିବାରୁ ତାଙ୍କୁ ଅଟକ ରଖାଯାଇଥିବା ପୁଲିସ କହିଥିଲା। ଏହା କେତେ ସତ୍ୟ ତାହା ଅସ୍ପଷ୍ଟ; କିନ୍ତୁ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ କୁଶଙ୍ଗରେ ଥିବା ବେଳେ କୁଶମେଲ ସରପଞ୍ଚଙ୍କୁ ଅଟକ ରଖିବା କେତେ ଯୁକ୍ତିଯୁକ୍ତ ବୋଲି ସରପଞ୍ଚ କସ୍ତୁବ ସାହୁ କହିଛନ୍ତି। ଅନ୍ୟପକ୍ଷରେ ଯଦି ଘେରଉକୁ ଭଣ୍ଡୁର କରିବା ପାଇଁ ତାଙ୍କୁ ଉଠାଇ ଆଣି ଅଟକ ରଖାଯାଇଥିଲା ତେବେ ଲୋକଙ୍କ ସମସ୍ୟା ସମାଧାନ ନ ହେଲେ ସେ ଏହିଭଳି ଅନେକ ଗିରଫ ହେବାକୁ ପ୍ରସ୍ତୁତ ବୋଲି କହିଛନ୍ତି।

### ଟଙ୍କା ମାଗୁଛନ୍ତି ଚନ୍ଦନଭାଟି ଫାଣ୍ଡି ଅଧିକାରୀ

ବଲାଙ୍ଗିର ସଦର ଥାନା ଚନ୍ଦନଭାଟି ଫାଣ୍ଡି ଅଧିକାରୀ ପଧାନ ବାବୁ ଚର୍ଚ୍ଚାରେ। ଚୋରି ମାମଲାରେ ଅଭିଯୁକ୍ତକୁ ଧରିବାରେ ବିଫଳ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ସ୍ଥାନୀୟ ଲୋକେ ସାଂଘାତିକ ଅଭିଯୋଗ ଆଣିଛନ୍ତି। ଅଭିଯୋଗକ୍ରମେ ଚନ୍ଦନଭାଟିରେ ଅଣ୍ଡା, ମାଂସ ବିକୁଥିବା ଏକ ଦୋକାନରେ ମଦ ବିକ୍ରି ଅଭିଯୋଗରେ ଫାଣ୍ଡି ଅଧିକାରୀ ଦୁଇ ଥର ଚଢଉ କରିଥିଲେ; କିନ୍ତୁ କିଛିଁ ପାଇ ନ ଥିଲେ। ପରେ ଗ୍ରାମରକ୍ଷୀ ହାତରେ ଖବର ସେଠାକୁ ପଠାଇଲେ। ମାସକୁ ୧୫ ଶହ ଟଙ୍କା ଦେଇ ମନଇଚ୍ଛା ଦେଶୀ ମଦ ବିକ୍ରି କରିବାକୁ କହିଥିଲେ; ହେଲେ ବିନା ପଇସାରେ ମଦ ବିକି ହେବ ନାହିଁ ବୋଲି କହିଥିଲେ। ସମ୍ପୃକ୍ତ ଦୋକାନୀ ଜଣକ ଏଭଳି ଗୁରୁତର ଅଭିଯୋଗ କରିଛି।

## ଖ୍ରୀଷ୍ଟମାସ କପ୍ ଉଦ୍‌ଯାପିତ

**ସଇଁତଲା, ୧୨।୧(ସମିସ):** ଉତ୍କଳ ଖ୍ରୀଷ୍ଟୀୟ ଉଦଯୋଗ ସମିତି ସମ୍ମିଳନୀ ଟିଟିଲାଗଡ଼ ଭ୍ରାମ୍ୟମାଣ ଅଞ୍ଚଳକୁ ନେଇ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜକ ଘୁଁସର ବଣାବିଜାର ଖେଳ ପଡ଼ିଆରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବେଲପଡ଼ା ଉଦଯୋଗ ସମିତି ଡେଙ୍ଗଙ୍କୁ ହରାଇ ଚାମ୍ପିଅନ ହୋଇଥିଲା। ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ଟିଟିଲାଗଡ଼ ଭ୍ରାମ୍ୟମାଣ ଅଞ୍ଚଳର ଭ୍ରାମ୍ୟମାଣ ସମ୍ପାଦକ ସୁଜିତ ନନ୍ଦଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ପାଶ୍ଚାତ୍ୟ ଉତ୍କଳ ଖ୍ରୀଷ୍ଟୀୟ ଉଯୋଗ ସମିତି ସମ୍ମିଳନୀର ଉପଦେଷ୍ଟା ଅନୁଗ୍ରହ ନନ୍ଦ, କୋଷାଧ୍ୟକ୍ଷ ହୋସେନ ସାଗର, ସହ ସମ୍ପାଦକ ଶିବା କୁମାର, ଧର୍ମାଞ୍ଚଳର ସମ୍ପାଦକ ସୌମ୍ୟରଞ୍ଜନ ବାଗ, କୋଷାଧ୍ୟକ୍ଷ ପୁନ୍ୟ ମୂର୍ତ୍ତି କ୍ରିଷ୍ଟଦାସ, ଡେଙ୍ଗର ଭାରପ୍ରାପ୍ତ ପାଳକ ଆନନ୍ଦ ବାଗ, ଶକୁନ୍ତଳା ଟ୍ରଷ୍ଟର ନିର୍ଦ୍ଦେଶକ ଉମାକାନ୍ତ ନାଗ, ଘୁଁସର୍ ପଷ୍ଟୋରେଟ ସମ୍ପାଦକ ମନୋଜ କୁମାର, ମହିଳା ସମିତିର ସଭାନେତ୍ରୀ ଗୀତାଞ୍ଜଳୀ ନନ୍ଦ, ଅଞ୍ଜଳି ନାଗ, ଟିଟିଲାଗଡ଼ ଡିସିସି ଉପ ସଭାପତି ଇଶ୍ମାଲ ନନ୍ଦ, ସମ୍ପାଦକ, ଅମୀୟ ରଞ୍ଜନ ନାଗ ପ୍ରମୁଖ ଯୋଗ ଦେଇଥିଲେ। ମ୍ୟାଚ୍ ଶେଷରେ ଅତିଥି ଭାବରେ ସଇଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣ ସାଗର ମାଝୀ, ବିଜୁ ଜନତା ଦଳର ଜିଲ୍ଲା ସମ୍ପାଦକ ଡୋଳାମଣି ଥାପା, ଗଣ୍ଡପତ୍ରପାଲିର ସରପଞ୍ଚ ମନିଷ ସୁନା, ଅତିଥି ଭାବେ ଯୋଗ ଦେଇଥିଲେ।

## ପିଏମଶ୍ରୀ ନେତ୍ରଭାନୁ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ପାଇଁ ପ୍ରସ୍ତୁତି

**ଦେଓଗାଁ, ୧୨।୧(ସମିସ):** ଜରାସିଂହା ପିଏମଶ୍ରୀ ନେତ୍ରଭାନୁ ହାଇସ୍କୁଲର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଆସନ୍ତା ୨୭ ତାରିଖରୁ ୪ଦିନ ଧରି ପ୍ଲାଟିନମ ଜୁବୁଲି ଉତ୍ସବ ପାଳନ ହେବ। ଏଥିପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ, ପୁରାତନ ଛାତ୍ର ତଥା ସ୍ଥାନୀୟ ବିଧାୟକଙ୍କ ବ୍ଲକ ପ୍ରତିନିଧି ସୁଶୀଳ ଚାନ୍ଦ ପ୍ରମୁଖ ଯୋଗ ଦେଇଥିଲେ। କମିଟି କୋଷାଧ୍ୟକ୍ଷ ଚିତ୍ତ ରଞ୍ଜନ ଥନାପତି, ସମ୍ପାଦକ ସତ୍ୟନାରାୟଣ ପାଣି, ସ୍ଥାନୀୟ ସରପଞ୍ଚ କୁଶମଣି ମେହେର, ପ୍ରମୋଦ ସିଂ ନିନା, ଡା. ଶିବବ୍ରତ ଦାସ, ରଜନୀକାନ୍ତ ଦାସ, କୁନ୍ତେ ମେହେର, ଦଶରଥ ସାମଲ, ଉମାଶଙ୍କର ସିଂ, ପ୍ରଦୀପ ତ୍ରିପାଠୀ, ଅନୁପ ମେହେର, ମମତାମୟୀ ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ। ମମତା ସିଂ ଚିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷେ ସୋମବାର ବୈଠକରେ ଉପଜିଲ୍ଲାପାଳ ଆଲୋକ ପଟେଲ ଯୋଗ ଦେଇଥିଲେ।

## ବିକାଶ ଭ୍ୟାଲି ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଲାଙ୍ଗିର, ୧୨।୧(ସମିସ):** ବଲାଙ୍ଗିର ବିକାଶ ଭ୍ୟାଲି ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ ବରିଷ୍ଠ ଆଇନଜୀବୀ ପ୍ରମୋଦ ମିଶ୍ର, ସାମ୍ବାଦିକ ମନୋରଞ୍ଜନ ଯୋଷୀ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଅମ୍ବରୀଶ କୁମାର ଦାଶ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ପରିଚାଳକ ବଦ୍ରିନାଥ ମିଶ୍ର ଏବଂ ବିଦ୍ୟାଳୟର ଟ୍ରଷ୍ଟର ସଦସ୍ୟ ଶିବାନନ୍ଦ ଦାସ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ଶତାବ୍ଦୀ ପଟ୍ଟନାୟକ ସ୍ୱାଗତ ଭାଷଣ ଉପସ୍ଥାପନା କରିଥିଲେ। ଖେଳ ଶିକ୍ଷକ ପ୍ରଦ୍ୟୁମ୍ନ ରାଉତ, ରାଜକୁମାର ପାଣିଗ୍ରାହୀ, ବିକାଶ ଦାସ ପ୍ରମୁଖଙ୍କୁ ସମ୍ମାନୀତ କରାଯାଇଥିଲା। ଶିକ୍ଷକ କୈଳାସ ଚନ୍ଦ୍ର ରଣା, ଶିକ୍ଷୟିତ୍ରୀ ତବସୁମ୍ ବେଗମ୍, ଆକାଂକ୍ଷା ପଢ଼ାରିଆ ଓ ମାନସୀ ଡୋଗ୍ରା ମଞ୍ଚ ପରିଚାଳନା କରିଥିଲେ। ଦେବାଶିଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




## ଫୁଟବଲ ପ୍ରତିଯୋଗିତା: ବଙ୍ଗୋମୁଣ୍ଡାକୁ ହରାଇ କୁରସୁଡ଼ ବିଜୟୀ



**ମୁରିବାହାଲ, ୧୨।୧(ସମିସ):** ଗୋଇମୁଣ୍ଡ ପଞ୍ଚାୟତ ଗୁରୁଣ୍ଡା ଖେଳ ପଡ଼ିଆରେ ଏକତା ମଞ୍ଚ ଆନୁକୂଲ୍ୟରେ ଫୁଟବଲ ପ୍ରତିଯୋଗିତା ଚାଲିଛି। ଦ୍ୱିତୀୟ ଦିବସରେ ବଙ୍ଗୋମୁଣ୍ଡା ଏବଂ କୁରସୁଡ଼ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କୁରସୁଡ଼ ୨-୧ରେ ବିଜୟୀ ହୋଇଥିଲା। ଗୁରୁଣ୍ଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ ସରାଫ ଏବଂ ବିଶ୍ୱାମିତ୍ର ସାହୁ, ପାଣ୍ଡବ ସାହୁ ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ। ନବୀନ ବିହାରୀ ସରାଫ ଖେଳ ପରିଚାଳନା କରିଥିଲେ। ସାନ ଭୋଇ, ବୈଷ୍ଣବ ତାଣ୍ଡି, ଲାଇନରେ କାର୍ଯ୍ୟ ତୁଲାଇ ଥିଲେ। ଯୁଧିଷ୍ଠିର ଭରାସଗ୍ରିଆ ଧାରାବିବାରଣୀ ଦେଇଥିଲେ।

## କୁର୍ଲୁବାହାଲ ସ୍କୁଲ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

**ମୁରିବାହାଲ, ୧୨।୧ (ସମିସ):** ଚନାବାହାଲ ପଞ୍ଚାୟତ କୁର୍ଲୁବାହାଲ ମଧୁସୂଦନ ହୃଷୀକେଶ ମେହେର ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପ୍ରତିଷ୍ଠାତା ମଧୁସୂଦନ ମେହେରଙ୍କ ପ୍ରତିମୂର୍ତ୍ତିକୁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଉନ୍ମୋଚନ କରିଛନ୍ତି। ମଧୁସୂଦନ ମେହେରଙ୍କ ସୁପୁତ୍ର ହୃଷୀକେଶ ମେହେର ଏବଂ ତାଙ୍କର ପୁତ୍ରବଧୂ ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବେଦମତି ମେହେର, ମୁରିବାହାଲ ବ୍ଲକ ଚେୟାରମ୍ୟାନ ହରିବନ୍ଧୁ ମେହେର, ବିଧାୟକଙ୍କ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା, ପୁରନ୍ଦର ବାଗ, ଚାନାବାହାଲ ସରପଞ୍ଚ କୁନ୍ତି ମେହେର, ସମିତି ସଭ୍ୟା ପୁଷ୍ପାଞ୍ଜଳି ଧରୁଆ, ପ୍ରଧାନ ଶିକ୍ଷକ ରଘୁନାଥ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠି ସଭାରେ ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ବିଇଓ ଶାନ୍ତନୁ ପଢ଼ିହାରୀ ଉପସ୍ଥିତ ଥିଲେ। ଶିକ୍ଷକ ବିନୋଦ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷକ ଅନାର୍ଯ୍ୟ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

୭ମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



✓ ଗୋବିନ୍ଦ ଚନ୍ଦ୍ର ନାୟକ
କଶବା, ସୋର, ବାଲେଶ୍ୱର
ଆବିର୍ଭାବ: ୧୧.୦୪.୧୯୩୯
ତିରୋଧାନ: ୧୩.୦୧.୨୦୧୯

ବାପା ତୁମେ ଆମ ସୃଷ୍ଟିକର୍ତ୍ତା,
ତୁମେ ମହାନ ଅବିନଶ୍ୱର,
ତୁମେ ଚିର ସ୍ମରଣୀୟ,
ତୁମେ ପ୍ରାତଃ ବନ୍ଦନୀୟ,
ତୁମେ ଶାନ୍ତ ସରଳ, ଚିର ଅନନ୍ତ,
ଦୂରେ ଯାଇନାହଁ ଆମ ଠାରୁ କେବେ,
ବିରାଜିଛ ସଦା ଆମ ହୃଦୟରେ

ବାପା ଚାଁହୁ ଚାଁହୁ ସାତ ବର୍ଷ ବିତିଗଲା, ଭୁଲି ପାରୁନୁ ତୁମକୁ,
ଇତି ମଧ୍ୟରେ ଦୁଇ ମାସ ତଳେ ବଉ ବି ଆମକୁ ଶୋକ ସାଗର ରେ ଭସାଇ ଦେଇ ଚାଲିଗଲା।
ଆଜିର ଏହି ପୁଣ୍ୟ ତିଥିରେ,
ତୁମର ଅନାବିଳ ସ୍ନେହ ଶ୍ରଦ୍ଧା କୁ ପାଥେୟ କରି,
ପରୋପକାରୀତାର ଜୀବନ ଦର୍ଶନକୁ ପାଥେୟ କରି,
ତୁମର ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ
ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।

ଶ୍ରଦ୍ଧାଞ୍ଜଳି ସହ
ବାବୁ, ମୁନି, କୁନା, ମୀରା, ବସନ୍ତ, ମନା, ମିଟି, ସୂର୍ଯ୍ୟ, ଟଗୁଲୁ,
ନିନି, ବଣ୍ଟି, ରୁବି, ଶିଆ, ରାଟୀ, କଣ୍ଢେଇ, ମାମା, ସୋମା, ବାବାନ, କାହ୍ନୁ, ସୁନୁ, ବେବି

### ସର୍ବଭାରତୀୟ ପାଟଣା କପ୍ ଉଦ୍‌ଘାଟିତ

# ପଶ୍ଚିମବଙ୍ଗର ଆସନସୋଲ ବିଜୟୀ

**ପାଟଣାଗଡ଼, ୧୨।୧ (ସମିସ)**

ସ୍ଥାନୀୟ ରମାଇ ହାଇସ୍କୁଲ ପଡ଼ିଆରେ ୨୧ତମ ସର୍ବଭାରତୀୟ ପାଟଣା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ମ୍ୟାଚରେ ମୁଖ୍ୟ ସ୍ଥାନୀୟ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ସାଂସଦ ବଲାଙ୍ଗିର ସଙ୍ଗୀତା ସିଂଦେଓ ଉପସ୍ଥିତ ଥିଲେ। ୨୫ ଓଭର ଲେଖାଏଁ ବିଶିଷ୍ଟ ଅନୁଷ୍ଠିତ ଗ୍ରୁପ ଏର ପ୍ରଥମ ମ୍ୟାଚ ପଶ୍ଚିମବଙ୍ଗର ଆସାନ ସୋଲ ଓ ପାଟଣାଗଡ଼ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ପାଟଣାଗଡ଼ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୨୩.୫ ଓଭରରେ ୧୪୭ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା। ପରେ ପଶ୍ଚିମବଙ୍ଗ ଦଳ ବ୍ୟାଟିଂ କରି ଶେଷ ଓଭରର ଶେଷ ବଲରେ ସମସ୍ତ ୱିକେଟ ହରାଇ ୧୪୭ ରନ୍ କରିବାରୁ ମ୍ୟାଚ ଡ୍ର ହୋଇଥିଲା। ପରେ ଅନୁଷ୍ଠିତ ସୁପର ଓଭରରେ ପଶ୍ଚିମବଙ୍ଗ ଦଳ ପ୍ରଥମେ ବ୍ୟାଟିଂ କରି ଗୋଟିଏ ଓଭରରେ ୧୦ ରନ୍ କରିଥଲା। ପାଟଣାଗଡ଼ ଦଳ ଗୋଟିଏ ଓଭରରେ ଗୋଟିଏ ୱିକେଟ ହରାଇ ୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ପଶ୍ଚିମବଙ୍ଗର ଆସନ ସୋଲ ଦଳ ବିଜୟୀ ହୋଇ ଗ୍ରୁପ ଏର ପ୍ରଥମ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ପଶ୍ଚିମବଙ୍ଗ ଦଳର ଆଦିତ୍ୟ ରାଜଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଦିଆଯାଇଥିଲା। ଡିଜିଟାଲ ସ୍କୋରର ଭାବେ ଆଶିଷ ସେଠ, ଧାରା ବିବରଣୀରେ ଅଂଶୁମାନ ମିଶ୍ର ଓ ବହିଦାର ତାଣ୍ଡି, ମ୍ୟାଚ ରେଫରୀ ଭାବେ ପ୍ରତାପ ପାତ୍ର ଓ ରାଜେନ୍ଦ୍ର ସେଠ ଦାୟିତ୍ୱ ତୁଲାଇଥିଲେ। ପାଟଣା କପ୍ ଆୟୋଜକ କମିଟି ସଭାପତି ମୁନା ମହାନ୍ତି, ଆୟୋଜକ ସମ୍ପାଦକ ନନ୍ଦନ ଠାକୁର, ସମ୍ପାଦକ ରାଜେନ୍ଦ୍ର ସେଠ, ସହ ସମ୍ପାଦକ ରାଣା ଚିନ୍ଦା ସହଯୋଗ କରିଥିଲେ। ମଙ୍ଗଳବାର ଉତ୍ତରପ୍ରଦେଶର ଲକ୍ଷ୍ନୌ ଓ କଟକ ରାଇଜିଂ ଷ୍ଟୁଡେଣ୍ଟ ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।



# ସମ୍ପାଦକୀୟ



ଅନ୍ୟାୟ ହେଉଥିବା ଦେଖି ମଧ୍ୟ ତୁମେ ଯଦି ନିରପେକ୍ଷ ରହୁଛ,
ତେବେ ତୁମେ ଅତ୍ୟାଚାରୀର ପକ୍ଷ ନେଉଛ ବୋଲି ପ୍ରମାଣ କରୁଛ।
-ଡେସ୍‌ମଣ୍ଡ ଟୁଟୁ

ସକାଳ
THE SAKALA

## ଶକ୍ତିର ଅହଂକାର ଓ ଅଶାନ୍ତ ବିଶ୍ୱ

ଭେନେଜୁଏଲା ଭଳି ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରର ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ଯେଉଁଭଳି ଘରୁ ଉଠାଇ ନେଇ ଆମେରିକା ଗିରଫ କରିଛି ତାହା କେବଳ ଅଚିନ୍ତନୀୟ ନୁହେଁ, ଅନ୍ତର୍ଜାତୀୟ ବ୍ୟବସ୍ଥା ପ୍ରତି ଖୋଲା ଆହ୍ୱାନ। କିନ୍ତୁ କୂଟନୈତିକ ସ୍ତରରେ ଆମେରିକା କୌଣସି ଚାପର ସମ୍ମୁଖୀନ ହୋଇନାହିଁ। ବରଂ ଟ୍ରମ୍ପଙ୍କ ସ୍ପର୍ଦ୍ଧା ବହୁଗୁଣିତ ହୋଇଛି। ସଦାମ ହୁସେନଙ୍କ ଭଳି ମାଦୁରୋଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଭିତ୍ତିହୀନ ପ୍ରମାଣିତ ହୋଇଛି। ଆମେରିକା କଂଗ୍ରେସର ବିନା ଅନୁମୋଦନରେ ନିଜ ଦେଶର ତୈଳ କମ୍ପାନୀର ବ୍ୟବସାୟିକ ଫାଇଦା ପାଇଁ ମାଦୁରୋଙ୍କୁ ବନ୍ଦୀ କରି ଭେନେଜୁଏଲାର କାମଚଳା ସରକାର ଉପରେ ଚାପ ପ୍ରୟୋଗ କରିବାରେ ଟ୍ରମ୍ପ ସଫଳ ହୋଇଛନ୍ତି। ଏହାକୁ ଏକ ଦୃଷ୍ଟାନ୍ତ ରୂପେ ଉପସ୍ଥାପନ କରି କଲମ୍ବିଆ, ମେକ୍ସିକୋ ଓ ଚିଲି ଭଳି ଦକ୍ଷିଣ ଆମେରିକୀୟ ରାଷ୍ଟ୍ରଗୁଡ଼ିକ ଉପରେ ଚାପ ପ୍ରୟୋଗ ଆରମ୍ଭ କରିଛନ୍ତି। ଗ୍ରୀନଲାଣ୍ଡକୁ ମଧ୍ୟ ନିଜ ଅଧୀନକୁ ଆଣିବା ପାଇଁ ନାଟୋ ସହଯୋଗୀ ଡେନମାର୍କକୁ ନାଲିଆଖି ଦେଖାଉଛନ୍ତି। ବିଶ୍ୱର ଅନ୍ୟ ଦୁଇ ଶକ୍ତିଶାଳୀ ରାଷ୍ଟ୍ର ଚୀନ ଓ ରୁଷର ପ୍ରତିକ୍ରିୟାରେ ପରିଲକ୍ଷିତ ଶିଥିଳତାରୁ ସ୍ପଷ୍ଟ ହୋଇଛି ଯେ ସେମାନେ ମଧ୍ୟ ତାଇୱାନ ଓ ୟୁକ୍ରେନ କ୍ଷେତ୍ରରେ ନିଜର ସ୍ୱାର୍ଥରକ୍ଷା ପାଇଁ ପରୋକ୍ଷରେ ଆମେରିକା ସହ ସାଲିସ କରିଛନ୍ତି। ଏହି ପରିସ୍ଥିତିକୁ ଲକ୍ଷ୍ୟ କଲେ ମନେ ହେଉଛି ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସାମ୍ରାଜ୍ୟରେ ବିଶ୍ୱର ଅନ୍ୟ ରାଷ୍ଟ୍ରମାନେ କରଦ ରାଜ୍ୟ। ସମ୍ରାଟଙ୍କ ଇଚ୍ଛାପୂରଣ ପାଇଁ ସମସ୍ତେ ଜୀ ହଜୁର କରିବାକୁ ବାଧ୍ୟ।

ଏହି ଘଟଣାକ୍ରମ ପରେ ଭାରତ ସହ ଆମେରିକାର ବାଣିଜ୍ୟିକ ସମ୍ପର୍କ ନେଇ ଚାଲିଥିବା କଥାବାର୍ତ୍ତା ହଠାତ୍ ଦିଗ ପରିବର୍ତ୍ତନ କରିଛି। ଗତ ସପ୍ତାହରେ ଆମେରିକାର ବାଣିଜ୍ୟ ସଚିବ ହୋୱାର୍ଡ ଲୁଟ୍‌ନିକ୍‌ଙ୍କ ମନ୍ତବ୍ୟ ଦ୍ୱିପାକ୍ଷିକ କୂଟନୈତିକ ସମ୍ପର୍କ ସମସ୍ତ ସୀମା ଟପିଯାଇଛି। ଭାରତ ସହ ଚାଲିଥିବା ଦ୍ୱିପାକ୍ଷିକ ବାଣିଜ୍ୟିକ ବୁଝାମଣା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ୍ୟ ତାହା ନିଷ୍ଫଳ ହୋଇଛି। ଏହାର ପୃଷ୍ଠଭାଗରେ କୌଣସି ନୀତିଗତ ପାର୍ଥକ୍ୟ ନ ଥିଲେ ମଧ୍ୟ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଠିକଣା ସମୟରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ କଥାବାର୍ତ୍ତା ହେବା ପ୍ରସ୍ତାବକୁ ଅଗ୍ରାହ୍ୟ କରିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ପାରସ୍ପରିକ ବୁଝାମଣାର ଭିତ୍ତିଭୂମି କୌଣସି ସମୟରେ ଏକପାଖିଆ ନୁହେଁ। ଦୁଇ ଦେଶ ପରସ୍ପରର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମୁକ୍ତାଲୋଚନା କରିଥା'ନ୍ତି। ଏଭଳି ସ୍ଥିତିରେ ଟ୍ରମ୍ପ କିମ୍ବା ମୋଦୀଙ୍କ ଭୂମିକା ଆସିଲା କେଉଁଠୁ? ପରୋକ୍ଷରେ ଭାରତକୁ ଆମେରିକା ଅନୁଗ୍ରହୀତ କରୁଛି ଏବଂ ମୋଦୀ ସେଥିପାଇଁ କୃତଜ୍ଞତା ଜ୍ଞାପନ କରିବାକୁ ଲୁଟ୍‌ନିକ ତାଙ୍କ ବକ୍ତବ୍ୟରେ ଇଙ୍ଗିତ କରିଛନ୍ତି। ଏହି କୃତଜ୍ଞତା ମାଧ୍ୟମରେ ଟ୍ରମ୍ପଙ୍କ ସବୁ ମିଛ ସହ ଭାରତକୁ ସାଲିସ କରିବାକୁ ହେବ। କୂଟନୈତିକ ସମ୍ପର୍କ ଓ ସହଯୋଗରେ ପରିଲକ୍ଷିତ ଏହି ନିମ୍ନ ରୁଚିରୁ ସ୍ପଷ୍ଟ ହେଉଛି ଯେ କ୍ଷମତା ଓ ଶକ୍ତିର ଅହଂକାର ସମସ୍ତ ସଂଭ୍ରମ ଓ ଶାଳୀନତାକୁ ଅତିକ୍ରମ କରିଛି। ଲୁଟ୍‌ନିକ ଏକଥା କହିଛନ୍ତି ଯେ ଟାରିଫକୁ ନେଇ ସୃଷ୍ଟି ହୋଇଥିବା ବିବାଦର ଅବସାନ ପାଇଁ ଆମେରିକା ରାଷ୍ଟ୍ର ଭିଏତନାମ ଓ ଇଣ୍ଡୋନେସିଆ ସହ ବୁଝାମଣା ପୂର୍ବରୁ ୨୦୨୫ ରେ ଭାରତକୁ ଦିଆଯାଇଥିବା ତିନିଟି ସୁଯୋଗକୁ ମଧ୍ୟ ହାତଛଡ଼ା କରିଛି। ଭାରତର ବୈଦେଶିକ ବିଭାଗ ମୁଖପାତ୍ର ଏହି ଅଭିଯୋଗର ଯଥାର୍ଥ ଉତ୍ତର ଦେଇ କହିଛନ୍ତି ଯେ ୨୦୨୫ ରେ ପ୍ରଧାନମନ୍ତ୍ରୀ ମୋଦୀ କେବଳ ବାଣିଜ୍ୟ ନୁହେଁ, ବୈଷୟିକ ଜ୍ଞାନକୌଶଳ ଏବଂ ବିଶ୍ୱ ନିରାପତ୍ତା ପ୍ରସଙ୍ଗ ଉପରେ ୮ ଥର କଥାବାର୍ତ୍ତା କରିଛନ୍ତି। ତେଣୁ ଆମେରିକା ପକ୍ଷରୁ ଯେଉଁ ରଙ୍ଗ ରୂପ ଦେଇ ଘଟଣାକ୍ରମର ବର୍ଣ୍ଣନା କରାଯାଉଛି ତାହା ଆଦୌ ଠିକ୍ ନୁହେଁ। ଆମେରିକାର ଅସ୍ପଷ୍ଟ ନୀତି ଓ ବ୍ୟକ୍ତିଗତ ବିଦ୍ୱେଷରୁ ଏହି ପରିସ୍ଥିତି ଉପୁଜିଛି।

ବିଶ୍ୱର ବୃହତ୍ତର ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ସ୍ୱାବଲମ୍ବୀ ଓ ନିଜ ଶକ୍ତି ତଥା ସାମର୍ଥ୍ୟରେ ସବୁ ପରିସ୍ଥିତିକୁ ସମ୍ମୁଖୀନ ହେଉଛି। ବିଶ୍ୱବଜାର ଅର୍ଥନୀତିର ନିର୍ଭରଶୀଳତା ଦୃଷ୍ଟିରୁ ବିଚାର କଲେ ଭାରତର ସର୍ବବୃହତ ବଜାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଫଳାର୍ଥ ଭୂ-ରାଜନୈତିକ ରଣନୀତିରେ ଫଙ୍ଗାଦାର ହେବାକୁ ସେ ଚାହେଁ ନାହିଁ। ଭାରତର ଏହି ସ୍ପଷ୍ଟ ଅଭିମୁଖ୍ୟ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଅଧିକ କ୍ଷୁବ୍ଧ କରିଛି। ରୁଷରୁ ତୈଳ, ପ୍ରକୃତ ଗ୍ୟାସ ଓ ୟୁରାନିୟମ ସଂଗ୍ରହ କରୁଥିବା ରାଷ୍ଟ୍ରଗୁଡ଼ିକ ଉପରେ ୫୦୦ ପ୍ରତିଶତ ଟାରିଫ ଲାଗୁ କରିବା ସକାଶେ ସେ ଘୋଷଣା କରିଛନ୍ତି। ଭାରତ କ୍ଷେତ୍ରରେ ମଧ୍ୟ ଏହା ଲାଗୁ କରାଯିବ। ଆମ ସହ ଚୀନ ଓ ବ୍ରାଜିଲକୁ ମଧ୍ୟ ସଂପୃକ୍ତ କରାଯାଇଛି। ଏ ସଂପର୍କରେ ଆମେରିକା ସୁପ୍ରିମକୋର୍ଟରେ ହୋଇଥିବା ଆବେଦନର ରାୟ ଜାନୁଆରୀ ୧୪ ରେ ପ୍ରକାଶ ପାଇବ। ତେବେ ୧୯୭୭ ରେ ଜାରି ହୋଇଥିବା ଆନ୍ତର୍ଜାତିକ ଜରୁରୀ ଆର୍ଥିକ କ୍ଷମତା ଆଇନ (ଇପା) ବଳରେ ଆମଦାନୀ ଉପରେ ଟାରିଫ ଲାଗୁ କରାଯାଇ ପାରିବ ବୋଲି ଆମେରିକା ଦର୍ଶାଉଛି।

ଭେନେଜୁଏଲା ଘଟଣାକ୍ରମ ନିରଙ୍କୁଶ ଓ ନିର୍ବାଧରେ ଅତିକ୍ରମ କରି ଯିବା ପରେ ରାଷ୍ଟ୍ରପତି ଟ୍ରମ୍ପ ଅପେକ୍ଷାକୃତ ଅଧିକ ଉତ୍ସାହିତ ହୋଇପଡ଼ିଛନ୍ତି। ତେଣୁ ଯେକୌଣସି ପ୍ରକାରେ ଗ୍ରୀନଲାଣ୍ଡକୁ ଆମେରିକାର ଅକ୍ତିଆରକୁ ଆଣିବା ସକାଶେ ସେ ଧମକ ଚମକ ଦେବା ଆରମ୍ଭ କରିଛନ୍ତି। ଗ୍ରୀନଲାଣ୍ଡ ଏକ ସ୍ୱୟଂସଂପୂର୍ଣ୍ଣ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଥିଲେ ମଧ୍ୟ ଦେଶର ବୈଦେଶିକ ଓ ପ୍ରତିରକ୍ଷା ନୀତି ପାଇଁ ଡେନମାର୍କ ଉପରେ ନିର୍ଭରଶୀଳ। ଟ୍ରମ୍ପଙ୍କ ପ୍ରସ୍ତାବକୁ ଦୁଇରାଷ୍ଟ୍ର ଦୃଢ଼ ବିରୋଧ କରିଛନ୍ତି। ଡେନମାର୍କ ପ୍ରଧାନମନ୍ତ୍ରୀ ମେଟ ଫ୍ରେଡେରିକ୍‌ସେନ ସ୍ପଷ୍ଟ କରିଦେଇଛନ୍ତି ଯେ ଏକ୍ଷେତ୍ରରେ ଆମେରିକା ବଳପ୍ରୟୋଗ କଲେ ନାଟୋ ଭୁଶୁଡ଼ି ପଡ଼ିବ। ସେହିଭଳି ଆମେରିକାକୁ କୋକେନ୍ ଚୋରାଚାଲାଣ କରୁଥିବା ବର୍ଷାଇ କଲମ୍ବିଆ ରାଷ୍ଟ୍ରପତି ଗୁସ୍ତାଭୋ ପେଟ୍ରୋଙ୍କ ସହ ମୁହାଁମୁହିଁ ହୋଇଛନ୍ତି ଟ୍ରମ୍ପ। ଏବେ ତୃତୀୟ ଦିଗଟି ହେଲା ଇରାନ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ଚାପରେ ଯେ କୌଣସି ସମୟରେ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଆମେରିକା। ଉଭୟ ପକ୍ଷ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ଚଳାଇଛନ୍ତି।

କ୍ଷମତା ଅହଂକାରର ସ୍ଥିତି ଓ ବିସ୍ଥିତି ସବୁକାଳେ ସୀମିତ ସମୟ ପାଇଁ। ଟ୍ରମ୍ପଙ୍କୁ ଏକଥା ବୁଝାଇବାକୁ ବେଶୀଦିନ ଲାଗିବ ନାହିଁ। ଭାରତ ଆମେରିକାର ସ୍ୱାଭାବିକ ସହଯୋଗୀ। ସ୍ଥିର ରାଜନୀତି ଓ ବିଶାଳ ବଜାର ବ୍ୟବସ୍ଥାକୁ ନେଇ ନିଜର ଆର୍ଥିକ ସାମର୍ଥ୍ୟ ଜାହିର କରୁଥିବା ଭାରତ ଦକ୍ଷିଣ-ଏସିଆ କୂଟନୈତିକ କ୍ଷେତ୍ରକୁ ବଳ ଦେଇ ଆମେରିକାର ପ୍ରମୁଖ ସହଯୋଗୀ ହୋଇପାରିବ। ଏବେ ଭେନେଜୁଏଲାରୁ ତୈଳ ସଂଗ୍ରହ ପାଇଁ ଭାରତକୁ ସୁଯୋଗ ଦେଇ ଟ୍ରମ୍ପ ଆଗକୁ ସ୍ଥିତି ସୁଧାରିବେ ବୋଲି ଆଶା କରାଯାଇପାରେ।

# ସଫଳ କର୍ମ ସମ୍ପାଦନ ଓ ବ୍ୟବସ୍ଥିତ ବିଶ୍ରାମ

ଡ.ଉଷାରାଣୀ ଦାଶ

ବିଶ୍ରାମ ମଣିଷର ଶକ୍ତି, ସ୍ୱାସ୍ଥ୍ୟ, ସୃଜନଶୀଳତା, ସଫଳ କର୍ମ ସମ୍ପାଦନ ଓ ଜୀବନର ଉତ୍କର୍ଷ ପାଇଁ ଏକ ପ୍ରମୁଖ ଉପାଦାନ। ପରନ୍ତୁ ମାତ୍ରାଧିକ ବସ୍ତୁବାଦୀ ଚିନ୍ତାଧାରା, ସାମାଜିକ ଗଣମାଧ୍ୟମର ଚାପ, ମୋବାଇଲ, କମ୍ପ୍ୟୁଟର, କୃତ୍ରିମ ବୁଦ୍ଧିମତ୍ତାର କରାଳଛାୟାର ପ୍ରଭାବ ସହିତ ଅତିରିକ୍ତ ଘରୋଇକରଣର ବିଷପ୍ରକ୍ରିୟାରେ ଆଜି ମଣିଷ ଜୀବନରୁ ବିଶ୍ରାମ ଶବ୍ଦଟି ଅନ୍ତର୍ହିତ ହୋଇ ସଂଜ୍ଞା ହରାଇଥିବା ପରି ଜଣାପଡ଼େ। ପିଲାଟିଏ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଶରୀର ଓ ମନକୁ ଅବିରତ ଅର୍ଥ ପଛରେ ନିୟୋଜିତ କରି ମାନସିକ, ଶାରୀରିକ ଓ ଆର୍ଥିକ ଭାରସାମ୍ୟ ହରାଇ ବସିଛି। ତଥାପି ଇନ୍‌ଫୋସିସର ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ପରି କିଛି ଉଦ୍ୟୋଗପତି ଭାରତର ଯୁବଶକ୍ତି ଦିନକୁ ୧୨ଘଣ୍ଟାରୁ ଅଧିକ ପରିଶ୍ରମ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଚାଲିଛନ୍ତି। ଯଦିଓ ସରକାରଙ୍କ ନିୟମ ଅନୁସାରେ ଜଣେ ବ୍ୟକ୍ତି ଦିନକୁ ୮ ଘଣ୍ଟା କାର୍ଯ୍ୟ କରି ଠିକ୍ ପାରିଶ୍ରମିକ ପାଇବାକୁ ହକଦାର, ତଥାପି ପ୍ରାୟ ୯୦ ପ୍ରତିଶତରୁ ଅଧିକ ଘରୋଇ ସଂସ୍ଥାରେ ଯୁବକଯୁବତୀମାନେ ବର୍ଷବର୍ଷ ଧରି ଅଳ୍ପ ପାରିଶ୍ରମିକରେ ଦିନକୁ ୧୨ ରୁ ୧୬ ଘଣ୍ଟା କାମ କରି ଆସୁଛନ୍ତି, ଯାହା ସରକାରଙ୍କୁ ବା ଘରୋଇ ଅନୁଷ୍ଠାନଗୁଡ଼ିକର ମାଲିକମାନଙ୍କ ପାଇଁ ଅଣଦେଖା ହୋଇରହିଯାଏ। କାରଣ ସେଠାରେ ମାନବିକତା ତୁଳନାରେ ଅର୍ଥାଗମକୁ ଗୁରୁତ୍ୱ ଦିଆଯାଏ। ମଣିଷର ଲୁହକୁହରୁ ସେମାନେ ଆୟକୁ ଅନୈତିକ ଉପାୟରେ ବହୁଗୁଣିତ କରନ୍ତି।

ଯଦିଓ ଶ୍ରମ ବିନା ଜୀବନ ଅର୍ଥହୀନ, ବିଶ୍ରାମ ବିନା ଜୀବନ କ୍ଲାନ୍ତିମୟ ଓ ରୋଗାକ୍ରାନ୍ତ ହୋଇପଡ଼େ। ଆଧୁନିକ ଯୁଗରେ ମଣିଷ ଅତ୍ୟଧିକ ବ୍ୟସ୍ତତା, ପ୍ରତିଯୋଗିତା ଓ ଚାପରେ ରହି ବିଶ୍ରାମର ମୂଲ୍ୟକୁ ଅନେକ ସମୟରେ ଭୁଲିଯାଉଛି। କିନ୍ତୁ ଏହା ନିରାଟ ସତ୍ୟ ଯେ ବିଶ୍ରାମ ବିନା କୌଣସି ମଣିଷ ଦୀର୍ଘକାଳ ସୁସ୍ଥ, ସୁଖୀ ଓ ସଫଳ ହୋଇ ରହିପାରିବ ନାହିଁ। ବିଶ୍ରାମକୁ ଆଳସ୍ୟ କୁହାଯାଇ ନ ପାରେ, ବରଂ ଏହା ଶକ୍ତିର ପୁନଃଜାଗରଣ, ଯାହା କେବଳ କାମ ବନ୍ଦ କରି ଶୋଇ ରହିବାକୁ ସୂଚାଏନାହିଁ ବରଂ ଶରୀର ଓ ମନକୁ କ୍ଲାନ୍ତିମୁକ୍ତ କରି ନୂତନ ଶକ୍ତି ସଞ୍ଚୟ କରିବାର ପ୍ରକ୍ରିୟାକୁ ବୁଝାଇଥାଏ। ଶୋଇବା, ଆରାମ କରିବା, ସଙ୍ଗୀତ ଶୁଣିବା, ପ୍ରକୃତି ସହ ସମୟ କାଟିବା ଆଦି ବିଶ୍ରାମର ରୂପ, ଯାହାକୁ ଶ୍ରମର ସଫଳତାର ଗୁପ୍ତ ମନ୍ତ୍ର, ଯନ୍ତ୍ରଣା ଉପଶମ ଓ ଆରୋଗ୍ୟ ପାଇଁ ତଥା ଅସ୍ୱସ୍ତି ଦୂର କରିବା ପାଇଁ ଏକ ଅବଧି ବୋଲି ଧରାଯାଇପାରେ।

ପ୍ରାଚୀନକାଳରୁ ବିଶ୍ରାମକୁ ମଣିଷ ଜୀବନର ଏକଅଂଶ ଭାବରେ ଗ୍ରହଣ କରାଯାଇଛି। ବୈଷ୍ଣବ ଧର୍ମରେ ଏହାକୁ ଭକ୍ତି ଅଭ୍ୟାସ ଏବଂ କ୍ଲାନ୍ତିରୁ ଉପଶମ ମାର୍ଗ କୁହାଯାଇଥିବା ବେଳେ ଆୟୁର୍ବେଦର 'ଅଷ୍ଟାଙ୍ଗ ହୃଦୟମ୍' ଅନୁସାରେ ଭଲ ଜୀବନ ସୁନିଶ୍ଚିତ କରିବା ପାଇଁ ସୁଷମ ଖାଦ୍ୟ, ସଂଯମ ଆଚରଣ ଓ ବିଶ୍ରାମ ବା ଭଲ ନିଦ୍ରା ହେଉଛି ତିନୋଟି ସ୍ତମ୍ଭ। ସେହିପରି ଭାରତୀୟ ଇତିହାସ ଓ ସ୍ୱାସ୍ଥ୍ୟ ବିଜ୍ଞାନରେ ଏହା ଆରାମ, ଆରୋଗ୍ୟ ଓ ଯନ୍ତ୍ରଣା ଉପଶମର ମାର୍ଗ ଭାବରେ ଗୃହୀତ। ଭାରତୀୟ ସଂସ୍କୃତିରେ ଯୋଗ ଓ ଧ୍ୟାନ ବିଶ୍ରାମର ରୂପ ସହିତ ବେଦ, ଉପନିଷଦ ଓ ଗୀତାରେ କର୍ମ ସହିତ ବିଶ୍ରାମର ସନ୍ତୁଳନର କଥା କୁହାଯାଇଛି। ବୌଦ୍ଧବାଣୀରେ 'ନ ଅତ୍ୟଧିକ ଭୋଗ, ନ ଅତ୍ୟଧିକ କଷ୍ଟ' ଓ 'ସାଙ୍ଖ୍ୟାନ-ଗୃହ୍ୟ-ସୂତ୍ର' ଅନୁସାରେ ବିଶ୍ରାମ ହେଉଛି ମଣିଷର ଆଶୀର୍ବାଦପୂର୍ଣ୍ଣ ଓ ଆନନ୍ଦମୟ ଗୃହ। ସେହିପରି ବାଲ୍ମୀକି ରାମାୟଣ ଅନୁସାରେ ବିଶ୍ରାମ ଶବ୍ଦଟି ଶାନ୍ତିର ଏକ ଅବସ୍ଥାକୁ ବୁଝାଏ। ସେଥିପାଇଁ କୁହାଯାଏ ବିଶ୍ରାମ ହେଉଛି ଜୀବନର ନିରୋଗ ବଟ୍ଟନ୍।

ଆଜିକାଲି ଅଧିକାଂଶ ଲୋକ ଲୋଭ, ଧନ ଓ ଛଦ୍ମ ସଫଳତା ପଛରେ ଧାବମାନ କାରଣରୁ ବିଶ୍ରାମକୁ ଅବହେଳା କରୁଛନ୍ତି, ଯାହା ସ୍ୱାସ୍ଥ୍ୟ ଓ ଶାନ୍ତି ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଛି। ବିଶ୍ରାମ ଅଭାବରେ ଟାଇପ୍ ୨ ମଧୁମେହ, ହୃଦରୋଗ, ସ୍ଥୂଳତା, ଅବସାଦ, ଦୁର୍ବଳତା, ପାକସ୍ଥଳୀ ସମସ୍ୟା, ଅନ୍ତଃସ୍ରାବୀ ରୋଗ, ମେଟାବୋଲିକ୍ ସିଣ୍ଡ୍ରୋମ୍, ସ୍ନାୟୁଗତ ବ୍ୟାଧି, ଚିଡ଼ିଚିଡ଼ାପଣ, ମାନସିକ ଚାପ ଆଦି ସମସ୍ୟା ସୃଷ୍ଟି ହୋଇ ପ୍ରାଣଘାତକ ହେଉଛି। ଯଦିଓ ଜୀବନରେ ଅର୍ଥ ଓ ପ୍ରକୃତ ସଫଳତା ଜରୁରୀ, କିନ୍ତୁ ସେଥିପାଇଁ ବିଶ୍ରାମକୁ ଅବହେଳା କରିବା ଗ୍ରହଣୀୟ ନୁହେଁ। ସମୟମତେ ବିଶ୍ରାମ ନେଲେ ଶରୀର ସୁସ୍ଥ ରହିବ ଓ ସଫଳତା ମଧ୍ୟ ଦୀର୍ଘକାଳୀନ ହେବ। ବିଶ୍ରାମହୀନତା ମଣିଷର କାର୍ଯ୍ୟକ୍ଷମତା କମାଇବା ସହିତ ଆୟୁଷକୁ ହ୍ରାସ କରିଥାଏ। ତେଣୁ 'ବେଟର ଲେଟ ଦାନ ନେଭର' ପ୍ରତି ଆମେ ଯତ୍ନଶୀଳ ହେବା ଜରୁରୀ।

ପୁରୁଣା ଦିନରେ ଲୋକମାନେ ଜାଣିଥିଲେ ଯେ କାମ ଓ ବିଶ୍ରାମର ସନ୍ତୁଳନ ରହିଲେ ହିଁ ଜୀବନ ସୁସ୍ଥ ଓ ସୁଖମୟ ହୁଏ। ସେମାନଙ୍କର ଜୀବନଶୈଳୀ ସରଳ ଥିଲା ଏବଂ ପ୍ରକୃତି ସହ ଗଭୀର ସମ୍ପର୍କ ଥିବାରୁ ବିଶ୍ରାମ ସ୍ୱାଭାବିକ ଭାବେ ତାଙ୍କ ଜୀବନର ଏକ ଅଂଶ ଥିଲା। ସୂର୍ଯ୍ୟ ଉଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କର୍ମରତ, ମଧ୍ୟାହ୍ନରେ ବିଶ୍ରାମ ଓ ସନ୍ଧ୍ୟାରେ ପରିବାର ଓ ପଡ଼ୋଶୀଙ୍କ ସହ ସମୟ କାଟିବା ଥିଲା ଏକ ଚିରାଚରିତ ବିଶ୍ରାମ ପ୍ରକ୍ରିୟା। ଗାଁ ଚଉପାଢିରେ ଗପ, ଗୀତ ଓ ଭାଗବତ ଟୁଙ୍ଗିରେ ଭଜନ ଆଦି ମାଧ୍ୟମରେ ମନକୁ ଶାନ୍ତ କରି ରାତିରେ ପର୍ଯ୍ୟାପ୍ତ ନିଦ୍ରାରେ ଶୋଇଯାଉଥିଲେ। ପର୍ବପର୍ବାଣି ଓ ଉତ୍ସବଗୁଡ଼ିକ ମଧ୍ୟ ବିଶ୍ରାମର ଏକ ଉପାୟ ଥିଲା। ରଜ, ନୂଆଖାଇ, ଦୀପାବଳୀ ପରି ପର୍ବଗୁଡ଼ିକରେ କାମକୁ କମ୍ କରି ସମସ୍ତେ ବିଶ୍ରାମ ଓ ବିନୋଦନରେ ମନ ଦେଉଥିଲେ। ଶାରୀରିକ କାମ ସହ ମାନସିକ ସନ୍ତୁଳନ ପାଇଁ ଯୋଗ, ପ୍ରାଣାୟାମ, ଧ୍ୟାନ ଓ ଭଜନର ଅଭ୍ୟାସ ଥିଲା। ଏହା ମନକୁ ସ୍ଥିର ରଖୁଥିଲା ଓ ଚିନ୍ତା ଦୂର କରୁଥିଲା। ଭାରତର ପାରମ୍ପରିକ ବିଶ୍ରାମ ବ୍ୟବସ୍ଥାମାନଙ୍କ ମଧ୍ୟରେ ଆଷାଢ଼ରୁ ଆଶ୍ୱିନ ପର୍ଯ୍ୟନ୍ତ ଚାରିମାସରେ ପାଳିତ ଚାତୁର୍ମାସ୍ୟ ବ୍ରତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା କେବଳ ମଣିଷମାନେ ବିଶ୍ରାମ ନେଉ ନଥିଲେ, ପ୍ରକୃତି ମଧ୍ୟ ବିନା ବାଧାରେ ଓ ପ୍ରଭାବରେ ପୁନର୍ଜୀବିତ ହୋଇ ପାରୁଥିଲା। ଏତଦ୍‌ବ୍ୟତୀତ ଭାରତୀୟ ପରମ୍ପରାରେ ଏକାଦଶୀ, ଅମାବାସ୍ୟା, ପୂର୍ଣ୍ଣିମା, ସଂକ୍ରାନ୍ତି ଆଦି ମାସିକ ଓ ପାକ୍ଷିକ ବିଶ୍ରାମ ଉପବାସ ମାଧ୍ୟମରେ ସ୍ଥିର ହୋଇଥିଲା, ଯାହା ଶରୀର ପାଇଁ ବିଶ୍ରାମ।

ଆଧୁନିକ ସହରୀ ଜୀବନରେ ଚାକିରିଜୀବୀମାନେ, ବିଶେଷକରି ବେସରକାରୀ ଅନୁଷ୍ଠାନର କର୍ମଚାରୀମାନେ, ଦୀର୍ଘସମୟ ପରିଶ୍ରମ କିମ୍ବା କମ୍ପ୍ୟୁଟର ସାମ୍ନାରେ ବସି କାମ କରନ୍ତି। ଟାର୍ଗେଟ୍ ପୂରଣର ଚାପ ହେତୁ ଘରକୁ ଫେରିଲେ ମଧ୍ୟ ଇମେଲ ଓ ଅତିରିକ୍ତ କାମକୁ ମୋବାଇଲ ଓ ଲାପଟପ୍‌ରେ କରିବାକୁ ବାଧ୍ୟ ହୁଅନ୍ତି। ସେମାନେ ସ୍ୱଳ୍ପ ପାରିଶ୍ରମିକରେ ଭବିଷ୍ୟତ ସୁଖଆଶାରେ ଦିନରାତି କାମ କରି ଶାରୀରିକ ରୋଗ ଓ ମାନସିକ ଚାପର ବଶବର୍ତ୍ତୀ ହେଉଛନ୍ତି। ପରିବାର ସହ ସମୟ କାଟିବା କିମ୍ବା ନିଜ ପାଇଁ କିଛିସମୟ ଦେବାକୁ ଭୁଲିଯାଉଛନ୍ତି। ଫଳରେ ପାରିବାରିକ ସୁଖଶାନ୍ତି ବ୍ୟାହତ ହେଉଛି। ଛାତ୍ରଛାତ୍ରୀମାନେ ସଫଳତା ପାଇଁ ଅତ୍ୟଧିକ ଚାପରେ ରହି ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଶ୍ରାମ ପାଉ ନ ଥିବାରୁ ଶାରୀରିକ ଓ ମାନସିକ ଥକ୍କାପଣର ସମ୍ମୁଖୀନ ହେଉଛନ୍ତି।

ପାରମ୍ପରିକ ଜ୍ଞାନ ପରି ଆଧୁନିକ ଗବେଷଣାରୁ ଜଣାଯାଇଛି ବିଶ୍ରାମ ମଧ୍ୟ କାର୍ଯ୍ୟ ପରି ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ଶରୀରକୁ ବିଶ୍ରାମ ଦେଉ ତେବେ ବ୍ୟସ୍ତବହୁଳ ଜୀବନଶୈଳୀରୁ ଜାତ ରୋଗରୁ ନିଜକୁ ସୁସ୍ଥ ରଖିପାରିବା। ତେଣୁ ଆମ ଜୀବନରେ ପୁଣି ଥରେ ଶୈଳୀ ଅନୁସାରେ ବିଶ୍ରାମ ନେବାର ସମୟ ଆସିଛି। ସେଥିପାଇଁ ସର୍ବପ୍ରଥମେ ୨୪ ଘଣ୍ଟିଆ କାର୍ଯ୍ୟ କରିବାର ସଂସ୍କୃତିକୁ ତ୍ୟାଗ କରିବାକୁ ପଡ଼ିବ। ପ୍ରତିଦିନ ନିର୍ଦ୍ଦିଷ୍ଟ ସମୟ ଶୋଇବା ନିମିତ୍ତ ବିନିଯୋଗ କରିବାକୁ ପଡ଼ିବ। କାର୍ଯ୍ୟସମୟ ବାହାରେ କର୍ମୀ-ସମ୍ପର୍କୀୟ ଯୋଗାଯୋଗକୁ ଅଣଦେଖା କରିବାକୁ ହେବ। ବ୍ୟକ୍ତି, ସମାଜ, କାର୍ଯ୍ୟାଳୟ ଓ ସରକାର ବିଶ୍ରାମକୁ ମାନବୀୟ ଅଧିକାର ଭାବରେ ସ୍ୱୀକାର କରି ଏକ ସ୍ପଷ୍ଟ ନୀତି, ନିୟମ କିମ୍ବା ସଂକଳ୍ପ ନେବା ଆବଶ୍ୟକ। ବିଶ୍ରାମ ଅଧିକାରକୁ ସଂରକ୍ଷିତ କରିବା ପାଇଁ ପ୍ରସ୍ତାବିତ 'ଅଧିକାର ବିଚ୍ଛିନ୍ନ ବିଲ୍' ର ନୂତନତମ ସଂସ୍କରଣ ଉପରେ ସଂସଦରେ ହୋଇଥିବା ବିତର୍କ ସ୍ୱାଗତଯୋଗ୍ୟ। ଆମେ ନିଜ ଜୀବନ ଓ ପରିସ୍ଥିତି ପାଇଁ ସକ୍ରିୟ ଭାବରେ ବିଶ୍ରାମକୁ ଅନୁସରଣ କରିବା ଆବଶ୍ୟକ। ପ୍ରତ୍ୟେକ କାର୍ଯ୍ୟଦିବସ ୮ ଘଣ୍ଟାରୁ ଅଧିକ ହେବା ଉଚିତ ନୁହେଁ ଏବଂ କାର୍ଯ୍ୟସ୍ଥଳରେ 'ସ୍ୱଳ୍ପବିଶ୍ରାମ'ର ଏକ ନିର୍ଦ୍ଦେଶ ଆବଶ୍ୟକ। ସରକାରୀ ବା ବେସରକାରୀ ସ୍ଥାପନ ପାଇଁ ସବୁଜ ସମାନ କାର୍ଯ୍ୟ ପାଇଁ ସମାନ ବେତନ ବ୍ୟବସ୍ଥା କଡ଼ାକଡ଼ି ଭାବରେ ପାଳନ ହେବା ଆବଶ୍ୟକ, ଯାହା ସମସ୍ତ କର୍ମଚାରୀଙ୍କୁ ସମ୍ମାନର ସହିତ କାର୍ଯ୍ୟ କରିବା ସହିତ ଗୁଣାତ୍ମକ ଫଳାଫଳ ଦେଇପାରିବ।

ଭାରତୀୟ ସଂସ୍କୃତିରେ ଜୀବନକୁ କେବଳ କର୍ମମୟ ନୁହେଁ, ବରଂ ଶ୍ରମ ଓ ବିଶ୍ରାମର ସନ୍ତୁଳନ ଭାବରେ ଦେଖାଯାଇଛି। ଆଧୁନିକ ଯୁଗରେ ଯଦିଓ ସପ୍ତାହାନ୍ତ ଦିନେ ବା ଦୁଇଦିନ ଛୁଟି ପ୍ରଦାନ କରାଯାଉଛି, ଭାରତୀୟ ପରମ୍ପରାରେ ଦିନ, ମାସ ଓ ଋତୁ ଆଧାରିତ ବିଶ୍ରାମ ବ୍ୟବସ୍ଥା ରହିଥିଲା। ଭାରତୀୟ ଜୀବନଦର୍ଶନରେ ବିଶ୍ରାମକୁ ଶରୀର, ମନ ଓ ପ୍ରକୃତିକୁ ସନ୍ତୁଳିତ ରଖିବାର ଉପାୟ ଭାବରେ ଦେଖାଯାଇଛି। ଯୋଗ, ଧ୍ୟାନ, ବ୍ରତ, ଉପବାସ ଓ ପର୍ବପର୍ବାଣି ସବୁର ମୂଳରେ ବିଶ୍ରାମର ତତ୍ତ୍ୱ ଲୁଚିରହିଛି। ତେଣୁ ବିଶ୍ରାମ ଶରୀରର ମୌନ ଚିକିତ୍ସା ଓ ସଫଳ କର୍ମ ସମ୍ପାଦନର ମାର୍ଗ।

ଏମ୍ସ, ଭୁବନେଶ୍ୱର, ମୋ: ୯୪୩୮୨୩୩୧୬୨

# ଜୀବେ ଦୟା

ଡ଼ ସୀତାକାନ୍ତ ତ୍ରିପାଠୀ

ଜଣେ ବ୍ୟବସାୟୀ ରାସ୍ତାରେ ପାରାମାନଙ୍କୁ ଖାଇବାକୁ ଦେଉଥିବାରୁ ତାଙ୍କୁ ଏକ ଅଦାଲତ ପାଞ୍ଚହଜାର ଟଙ୍କା ଜୋରିମାନା କରିଥିବାର ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାକୁ ନେଇ ସାଧାରଣ ଜନମାନସରେ ଅନେକ ଅବୁଝା ପ୍ରଶ୍ନ ଉଙ୍କି ମାରିଛି। ଜୀବମାନଙ୍କୁ ଦୟା କରିବା ପାଇଁ ସମସ୍ତ ଧର୍ମର ଶାସ୍ତ୍ରପୁରାଣଗୁଡ଼ିକ ଉତ୍ସାହିତ କରିଥା'ନ୍ତି। ଏଥିପାଇଁ କେତେ ଗଳ୍ପ, ଆଖ୍ୟାୟିକା ଓ ଉଦାହରଣ ମଧ୍ୟ ରହିଛି। ତେବେ ଅଦାଲତଙ୍କର ଇଏ କି ଅଜବ ନିର୍ଦ୍ଦେଶନାମା? କଥା ହେଉଛି ପାରାମାନଙ୍କର ସଂଖ୍ୟାରେ ଅହେତୁକ ବୃଦ୍ଧି ପାଇବା ଫଳରେ ସେମାନଙ୍କ ମଳରୁ ଅନେକ ରୋଗର ଉତ୍ପତ୍ତି ହେଉଛି, ଯେଉଁଥିପାଇଁ ସ୍ଥାନୀୟ ଜନସାଧାରଣ ହନ୍ତସନ୍ତ ହେଉଛନ୍ତି। ପାରାମାନଙ୍କର ବଂଶବୃଦ୍ଧି ସହିତ ଉକ୍ତ ବଦାନ୍ୟ ବ୍ୟକ୍ତିଙ୍କର ଖାଦ୍ୟଦାନର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ସେମାନଙ୍କୁ ଶିକାର ନକରି ଅଭୟ ପ୍ରଦାନ କରୁଥିବା ଉଦାରମନାମାନେ ମଧ୍ୟ 'ଜୀବେଦୟା' ଦର୍ଶନର ବିଶ୍ୱାସୀ ନୁହନ୍ତି କି?

ପରିବେଶଗତ ସନ୍ତୁଳନ ପାଇଁ ପ୍ରାକୃତିକ ଭାବେ ଖାଦ୍ୟ ଶୃଙ୍ଖଳ ରହିଛି। ଏଥିରେ ଖାଦ୍ୟ ଓ ଖାଦକର ସମ୍ପର୍କ ସୁବ୍ୟବସ୍ଥିତ ଢଙ୍ଗରେ ଚାଲିଥାଏ। ସେହିକ୍ରମରେ ଦେଖିବାକୁ ଗଲେ ମଣିଷ ପ୍ରାକୃତିକ ଭାବେ ଖାଦକ ନୁହେଁ। ତେବେ ବିଭିନ୍ନ କାରଣରୁ ସିଏ ଅନ୍ୟ ଜୀବମାନଙ୍କୁ ଶିକାର କରିଥାଏ। ଯାହାଫଳରେ କିଛି ପ୍ରଜାତିର ପଶୁ-ପକ୍ଷୀ ଏବେ ବିଲୋପ ହେବାକୁ ବସିଲେଣି। ଅନେକ ସମୟରେ 'ଜୀବେଦୟା'କୁ ଲୋକମାନେ ଏକ ନିର୍ଦ୍ଦିଷ୍ଟ ପଶୁ କିମ୍ବା ପକ୍ଷୀଙ୍କୁ ବୁଝିଥା'ନ୍ତି। ଏଥିପାଇଁ କିଏ ରାସ୍ତାକଡ଼ରେ କୁକୁରମାନଙ୍କୁ ଖାଇବା ପାଇଁ ଦେଉଥିବା ବେଳେ ଆଉ କେହି ଉଇହୁଙ୍କାରେ ରହୁଥିବା ସାପମାନଙ୍କୁ କ୍ଷୀର ଦେବା ପାଇଁ ଚେଷ୍ଟା କରିଥା'ନ୍ତି କିମ୍ବା ପିମ୍ପୁଡ଼ି ଗାତରେ ଚିନି ଢାଳିଥା'ନ୍ତି। ଯେଉଁ ସାପମାନଙ୍କୁ ଜଣେ ଭକ୍ତ ମନ୍ଦିରରେ କିମ୍ବା ଉଇ ହୁଙ୍କାରେ କ୍ଷୀର ଦେଉଥାଏ, ସେହିମାନଙ୍କୁ ଅନ୍ୟ ଜାଗାରେ ମାରିବା ପାଇଁ ସିଏ ପଛାଏ ନାହିଁ। ଅନ୍ୟ କେତେକ କ୍ଷେତ୍ରରେ ତଥାକଥିତ ଦୟାଳୁମାନେ ଖାଦ୍ୟଦାନ କରି ପୁଣ୍ୟ ଅର୍ଜନ କରିବା ପାଇଁ ପ୍ରୟାସ କରୁଥିବା ବେଳେ ନିଜ ଘରେ ଥିବା ବୟସ୍କ ବ୍ୟକ୍ତି, ସାହି ପଡ଼ିଶା ତଥା ଅଧସ୍ତନ କର୍ମଚାରୀମାନଙ୍କ ପ୍ରତି ଅମାନୁଷିକ ଅତ୍ୟାଚାର, ଅବହେଳିତ ବ୍ୟବହାର କିମ୍ବା ହତାଦର କରିବା ପାଇଁ ପଛାଉ ନଥା'ନ୍ତି। ତେଣୁ 'ଜୀବେଦୟା'ର ପ୍ରକୃତ ଅର୍ଥ କ'ଣ?

ଜଣକ ପ୍ରତି ଦୟାଶୀଳ ହେବା ବେଳେ ଅନ୍ୟମାନଙ୍କ ପ୍ରତି ସଠିକ ଆଚାର ବ୍ୟବହାର ପ୍ରତି ମଧ୍ୟ ଲକ୍ଷ୍ୟ କରିବାର ଅଛି। ଜଣଙ୍କର ଉନ୍ନତି ଆଉ କାହାର କ୍ଷତିର କାରଣ ନ ହେବା ଦରକାର। ସେହି ନ୍ୟାୟରେ କାହାର ବଂଶବୃଦ୍ଧି ଏବଂ ଆଉ କାହାର ବଂଶବିନାଶର କାରଣ ନହେବା ଉଚିତ୍। ସେକଥା ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ବୋଲାଉଥିବା ମଣିଷମାନଙ୍କୁ କ'ଣ ଅଣଖା? ଯେଉଁମାନେ ଲୋକମାନଙ୍କୁ ଅନ୍ନଦାନ କରି ପୁଣ୍ୟାର୍ଜନ କରିବା ପାଇଁ ପ୍ରୟାସ କରିଥା'ନ୍ତି କିମ୍ବା ସମାଜରେ ଆଦୃତ ହେବା ପାଇଁ ଚାହିଁଥା'ନ୍ତି ସେଠାରେ ସେମାନେ ଚାଉଳରେ ଗୋଡ଼ି ମିଶାଇ କିମ୍ବା ଖାଦ୍ୟରେ ଅପମିଶ୍ରଣ କରି ଲୋକମାନଙ୍କର ପ୍ରାଣଘାତକ ହୋଇଥିବାର ଉଦାହରଣ ଆମ ସମାଜରେ ମଧ୍ୟ ଦେଖାଯାଇଥାଏ। ତେଣୁ 'ଜୀବେଦୟା'କୁ ଆମେ କେଉଁ ସଂଜ୍ଞା ଦେବା ତାହା ଏକ ପ୍ରଶ୍ନବାଚୀ ନୁହେଁ କି?

ଆମ ଶାସ୍ତ୍ର କହେ 'କୀଟ ପତଙ୍ଗ ତରୁ ତୃଣ, ସବୁଠି ବିଜେ ନାରାୟଣ'। ଏହି ଦର୍ଶନକୁ ଆଧାର କରି ପଥର, କାଠ, ନଦୀ, ବୃକ୍ଷ, ଲତା, ଜୀବ, ଜନ୍ତୁ ସବୁଙ୍କୁ ଧାର୍ମିକ ଆଧାରରେ ପୂଜା କରାଯାଏ। ଯାହାଫଳରେ ସନ୍ତୁଳିତ ପରିବେଶ ବଜାୟ ରହିବା ସହିତ ସାମାଜିକ ସହାବସ୍ଥାନ ରହିପାରିବ। 'ଜୀବେଦୟା'ର ଅର୍ଥ ନୁହେଁ ମୁହଁରେ ହରି, ପେଟରେ ଛୁରୀ। ଜଣଙ୍କୁ ଆଦର ଅଭ୍ୟର୍ଥନା କରିବା ସମୟରେ ଅନ୍ୟମାନଙ୍କୁ ହତାଦର କରିବା ମାନବିକତାର ପରିପନ୍ଥୀ। ପଶୁ-ମଣିଷ ଲଢ଼େଇର ଦାୟିଦେଇ ଆମେ ବଣ୍ୟଜନ୍ତୁମାନଙ୍କୁ ଶିକାର କରିବା, ଉତ୍ପାଦନ ବୃଦ୍ଧି ପାଇଁ ଜମିରେ ବିଷ ପ୍ରୟୋଗ କରିବା, ଖଣି ଓ କଳ କାରଖାନା ସ୍ଥାପନ ପାଇଁ ସବୁଜ ବନାନି ଓ ପାହାଡ଼ମାନଙ୍କୁ ଧ୍ୱଂସ କରିବା ଏ ସମସ୍ତ କଥା ହେଉଛି 'ଜୀବେଦୟା'ର ପରିପନ୍ଥୀ। ତେବେ ଆମେ କ'ଣ ଏସବୁକୁ ବ୍ୟବହାର ନ କରି ବଞ୍ଚିପାରିବା? ଏହାର ବିକଳ୍ପ କ'ଣ?

କଥାରେ ଅଛି, ମଣିଷର ଆବଶ୍ୟକତା ପୂର୍ଣ୍ଣ ପାଇଁ ପ୍ରକୃତି ସବୁକିଛି ଦେଇ ପାରିବ, କିନ୍ତୁ ତା'ର ଲୋଭ ଓ ଅହଂକାର ପାଇଁ ଏହା ଧ୍ୱଂସ ହୋଇଯିବ। ତେଣୁ ପରିବେଶ ସନ୍ତୁଳନ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସହିତ ଏକ ସୁସ୍ଥ ସମାଜ ପାଇଁ 'ଜୀବେଦୟା'ର ପ୍ରକୃତ ଅର୍ଥକୁ କାମରେ ଲଗାଇବାର ଅଛି। 'ଜୀବେଦୟା'ର ସଂଜ୍ଞା ସ୍ଥାନ, କାଳ ଓ ପାତ୍ର ଭେଦରେ ଅଲଗା ଅଲଗା ହୋଇଥାଏ। କାହାରି ପ୍ରତି ଦୟା କରୁଥିବା ବେଳେ ସିଏ ଯେମିତି ଅନ୍ୟ କାହାର କ୍ଷତିର କାରଣ ନହେବ ସେଥିପ୍ରତି ଦୟାଳୁ ବ୍ୟକ୍ତିଙ୍କର ଦୃଷ୍ଟି ଦେବାର ଅଛି। କାହା ପ୍ରତି କେତେବେଳେ ଓ କେଉଁ ଢଙ୍ଗରେ ଦୟା କରାଯିବା ଉଚିତ୍ ତାହା ବିଚାର୍ଯ୍ୟ। ନହେଲେ ଜଣଙ୍କ ପ୍ରତି 'ଜୀବେଦୟା' ଅନ୍ୟପ୍ରତି ଜୀବହିଂସାର ସଂଜ୍ଞା ଭାବେ ରୂପାନ୍ତରିତ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇପାରେ।

ଅର୍ଣ୍ଣପାଳ(ଭଦ୍ରକ)
ମୋ: ୯୯୭୮୭୬୪୩୯୪

# ନାରୀର ଲୁହ ଓ ପୁରୁଷର ମନ

ଶ୍ରୀନନ୍ଦ

## ବିଜ୍ଞାନ ବାର୍ତ୍ତା

ଲୁହକଥା ଚିନ୍ତା କଲେ ପ୍ରଥମେ ମନକୁ ଆସେ ସୁପ୍ରସିଦ୍ଧ ହିନ୍ଦୀ କବି ଜୟଶଙ୍କର ପ୍ରସାଦଙ୍କ 'ଆଁସୁ' କବିତାର ପଙ୍କ୍ତିଟିଏ। ଏହାର ଓଡ଼ିଆ ଅନୁବାଦ ହେଲା - 'ଯାହାଥିଲା ଘନୀଭୂତ ପୀଡ଼ା, ସ୍ମୃତି ରୂପେ ଏ ମୋର ମାନସେ, ଏ ଦୁର୍ଦ୍ଦିନେ ଅଶ୍ରୁରୂପେ ସେ ଆଜି ବରଷେ।' ଅବଶ୍ୟ ତାଙ୍କ କଥା ଅନେକାଂଶରେ ସତ୍ୟ। କାରଣ, ଦେଖେ କେମିତି ଆମେ ଆନନ୍ଦରୁ ବୁହାଇଲେ ମଧ୍ୟ ଅଧିକାଂଶ ସମୟରେ ଦୁଃଖରେ ହିଁ ଅଶ୍ରୁପାତ କରିଥାଉ। ଏ ଉଭୟପ୍ରକାର ଭାବପ୍ରବଣତା ଜନିତ ଲୁହର ରାସାୟନିକ ସଂରଚନା ଭିନ୍ନ ଭିନ୍ନ। ଏହାବ୍ୟତୀତ ଆଖିରେ ଯନ୍ତ୍ରଣା ହେଲେ ମଧ୍ୟ ଲୁହ ଝରିଥାଏ, ଯାହାକି ଭିନ୍ନ ଧରଣର।

ଏହି ସବୁଗୁଡ଼ିକ ମଧ୍ୟରେ ଦୁଃଖରେ କାନ୍ଦିବାର ଲୁହ ଅଧିକ ଶକ୍ତିଶାଳୀ। ଏଥିସହିତ ଶରୀରରୁ ନିଷ୍କାସିତ ହୋଇଯାଏ ଆମ ମାନସିକ ଚାପ ସୃଷ୍ଟିକାରୀ ହର୍ମୋନ। ଫଳରେ ମନ ହାଲୁକା ହୋଇଯାଏ। ପୁନଶ୍ଚ ନାରୀ ଓ ପୁରୁଷଙ୍କ ଲୁହର ରାସାୟନିକ ସଂରଚନାରେ ମଧ୍ୟ ପ୍ରଭେଦତା ରହିଛି। ତେବେ ତନ୍ମଧ୍ୟରୁ ନାରୀର ଲୁହ ଅଧିକ ପ୍ରଭାବଶାଳୀ। ଏଥିରେ ଥିବା କିଛି ରସାୟନ ଆଘ୍ରାଣ କଲେ ପୁରୁଷର ଆକ୍ରମଣାତ୍ମକ ସ୍ୱଭାବ ପ୍ରଶମିତ ହୁଏ ବୋଲି ଜଣାପଡ଼ିଛି। ଏହା ଅନୁଯାୟୀ ପ୍ରତ୍ୟେକ ଲୋକର କ୍ରନ୍ଦନ ଜନିତ ଲୁହ ତା' ସଂସ୍ପର୍ଶରେ ଆସୁଥିବା ଅନ୍ୟ ପ୍ରତି ଏକ ରାସାୟନିକ ସଂକେତ ବହନ କରିଥାଏ। ତେବେ ପୁରୁଷ ଉପରେ ନାରୀ ଲୁହର ପ୍ରଭାବ ସର୍ବାଧିକ ବୋଲି କିଛିବର୍ଷ ତଳେ ଗବେଷଣା ପତ୍ରିକା 'ସାଇନ୍ସ'ରେ ସୂଚିତ କରିଥିଲେ ଇସ୍ରାଏଲର ୱିଜ୍‌ମ୍ୟାନ୍ ଇନ୍‌ଷ୍ଟିଚ୍ୟୁଟ୍ ସ୍ନାୟୁବିଜ୍ଞାନୀ ନୋଆମ ସୋବେଲ। ତାଙ୍କ ସହଯୋଗୀମାନେ ସେମାନଙ୍କ ଅଧ୍ୟୟନ ଅନୁସାରେ ଏହା ପୁରୁଷଠାରେ ଆକ୍ରମଣାତ୍ମକ ମନୋଭାବ ଏବଂ ଯୌନ ପ୍ରଜ୍ଜ୍ୱଳନ ବହୁମାତ୍ରାରେ ପ୍ରଶମିତ କରି ତା' ମନରେ ସକାରାତ୍ମକ ଚିନ୍ତାଧାରା ଉଦ୍ରେକ ଘଟାଏ। ସେମାନେ ତାଙ୍କ ଅଧ୍ୟୟନରେ ନେଇଥିବା ଦୁଇଦଳ ପୁରୁଷମାନଙ୍କ ମଧ୍ୟରୁ ଗୋଟିକୁ ନାରୀମାନଙ୍କଠାରୁ ସଂଗୃହୀତ ଲୁହ ଏବଂ ଅନ୍ୟଟିକୁ ସାଧାରଣ ଲୁଣ ପାଣି ଆଘ୍ରାଣ କରିବାକୁ ଦେଇ ସେମାନଙ୍କ ଆକ୍ରମଣାତ୍ମକ ଭାବପ୍ରବଣତାରେ ଆସୁଥିବା ପରିବର୍ତ୍ତନକୁ ଲକ୍ଷ୍ୟ କରିଥିଲେ।

ଅବଶ୍ୟ ଆଜି ପର୍ଯ୍ୟନ୍ତ ଏ ଅଧ୍ୟୟନ କରାଯାଇଛି ସୀମିତ ରୂପେ। ତେବେ ତହିଁରେ ବ୍ୟବହୃତ ହୋଇଛି ବହୁ ଉନ୍ନତ ପ୍ରଯୁକ୍ତିବିଦ୍ୟା। ଫଳରେ ଏ ସମୟରେ ପୁରୁଷର ଶରୀରରେ ପୁଂହରମୋନ 'ଟେଷ୍ଟୋଷ୍ଟେରନ'ର ମାତ୍ରା ହ୍ରାସ ହେବାର ଜଣାପଡ଼ିଛି। ପୁନଶ୍ଚ ତା' ମସ୍ତିଷ୍କରେ ସାମୟିକ ଗାଠନିକ ପରିବର୍ତ୍ତନ ଏବଂ ତା'ଠାରେ ଯୌନ ପ୍ରବଣତା ହ୍ରାସ ହେବାର ମଧ୍ୟ ଦେଖାଯାଇଛି। ସୋବେଲଙ୍କ ମତରେ ନାରୀ ଲୁହ ଏପରି ରାସାୟନିକ ସଂକେତ ଦିଏ, ଯାହାକୁ ଏକ ଭାଷା ବୋଲି ମନେ କରାଯାଇପାରିବ। ପୁରୁଷର ମସ୍ତିଷ୍କ ତାହା ବୁଝିପାରେ ଏବଂ ତା'କୁ ଆକ୍ରମଣାତ୍ମକ କିମ୍ବା ଯୌନପ୍ରବଣ ହେବାରୁ ନିବୃତ୍ତ କରେ। ଅବଶ୍ୟ ଏହି ପ୍ରତିକ୍ରିୟାଗୁଡ଼ିକ ନିର୍ଦ୍ଦିଷ୍ଟ ରୂପେ ପ୍ରମାଣିତ ହେଲେ ଅଧିକ ପରୀକ୍ଷା ନିରୀକ୍ଷା ଲୋଡ଼ା ବୋଲି ତାଙ୍କର ମତ।

ପୁନଶ୍ଚ ସୋବେଲ କହନ୍ତି ଯେ ଲୁହର ଏପ୍ରକାର ରାସାୟନିକ ସଂକେତ ପ୍ରଦାନକାରୀ ପ୍ରକ୍ରିୟା କେବଳ ମଣିଷ ମଧ୍ୟରେ ସୀମିତ କି ଅନ୍ୟ ଜୀବମାନଙ୍କ ପ୍ରତି ପ୍ରଯୁଜ୍ୟ ତାହା ନିର୍ଦ୍ଦିଷ୍ଟ ରୂପେ ଜଣାପଡ଼ିନାହିଁ। ତେବେ ମୂଷାଠାରେ ହୋଇଥିବା ଏକ ପରୀକ୍ଷାରୁ ଏଭଳି ସମ୍ଭାବନା ଥିବାର ମନେ ହେଉଛି। ଏଥିରେ ମାଈମୂଷାମାନଙ୍କଠାରୁ ସଂଗୃହୀତ ଲୁହକୁ ଅଣ୍ଡିରା ମୂଷାମାନଙ୍କ ମୁହଁରେ ବୋଳି ଦିଆଯାଇଥିଲା। ତାହା ତାଙ୍କ ଉଦ୍ଦାମତା ଓ ଯୌନପ୍ରବଣତାକୁ ହ୍ରାସ କରିବାର ଦେଖାଯାଇଥିଲା। ସେମାନେ ଶାନ୍ତ ଆଚରଣ ଦେଖାଉଥିଲେ। ଅତଏବ ଏଥିରୁ ମନେହୁଏ ଯେ ଏପ୍ରକ୍ରିୟା ହୁଏତ ଜୀବଜଗତର ଅନ୍ୟାନ୍ୟ ପ୍ରାଣୀମାନଙ୍କ ପ୍ରତି ପ୍ରଯୁଜ୍ୟ ହୋଇପାରେ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୪୩୭୩୦୪୯୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳୀର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଉଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ବାଦିକ ଉଦ୍ଦେଶ୍ୟ ପ୍ରଣୋଦିତ, ବ୍ୟକ୍ତିଗତ ଆକ୍ରମଣାତ୍ମକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ଯଥାଯଥ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଦୂଷଣ ପ୍ରମାଣପତ୍ର ନାମରେ ଲୁଟ୍‌ର ପ୍ରତିବାଦ

# ଗର୍ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ

ବାରିପଦା, ୧୨।୧(ସମିସ): ପ୍ରଦୂଷଣ ପ୍ରମାଣପତ୍ର ନାମରେ ବିଜେପି ସରକାର ସାଧାରଣ ଲୋକଙ୍କୁ ଲୁଟୁଛି। ଏପରି ଅଭିଯୋଗ କରି ସୋମବାର ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ମୟୂରଭଞ୍ଜ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗର୍ଜନ କରିଛନ୍ତି। ସରକାରଙ୍କ ଏହି

### ଜିଲ୍ଲାପାଳଙ୍କ ଅଫିସ୍ ଘେରଉ

ଜନବିରୋଧୀ ନୀତି ବିରୋଧରେ ଏକ ବିଶାଳ ପ୍ରତିବାଦ ସଭା କରାଯାଇଥିଲା। ଯୁବ ଓ ଛାତ୍ର ନେତାମାନେ ରାଜ୍ୟ ସରକାରଙ୍କ ଅନ୍ଧନୀତିକୁ କଟୁ ଆଲୋଚନା କରିଥିଲେ।

ମୟୂରଭଞ୍ଜ ଯୁବ ସଭାପତି ଅରୁଣ ବରାଡ଼ ଓ ଛାତ୍ର ସଭାପତି ସୁନୀଲ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରାଜ୍ୟ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ ଓ ରାଜ୍ୟ ବିଜୁ ଛାତ୍ର ସଭାପତି ଇପସିତା ସାହୁ, ମୟୂରଭଞ୍ଜ ବିଜୁ ଜନତା ଦଳ ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ଭୀଷଣ ବର୍ଷିଥିଲେ। ସେମାନେ କହିଥିଲେ ଯେ ସରକାରଙ୍କ ଏହି ଅନ୍ଧନୀତି ଯୋଗୁଁ ରାଜ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମଗ୍ର ରାଜ୍ୟବାସୀ ଦହଗଞ୍ଜ ହେଉଛନ୍ତି। ପରେ ଦଳ ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ




ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକଙ୍କୁ ପ୍ରଦାନ କରାଯାଇଥିଲା।

ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ଡା. ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଓ ଶ୍ରୀନାଥ ସୋରେନ୍, ରାଇସେନ୍ ମୁର୍ମୁ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଧୀରେନ ନାୟକ, ସୁବ୍ରମଣ୍ୟମ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଦେବାଶିଷ ମହାନ୍ତି, ଉପନଗର ପାଲ ସୀମା ଦାସ, ପ୍ରଭାତ ନାୟକ, ପ୍ରଭାତ ମହାନ୍ତି, ସୁଧନ୍ୟା ନାୟକ, ସୁନ୍ଦର ସିଂ, ନରେନ୍ଦ୍ର ହାଁସଦା, ସୁବୋଧ ମାର୍ଣ୍ଡି, ଅବଦୁଲ ହବିବ, ଆଭାସ ଦେ, ରାଜୀବ ଜେନା, ରଜନୀକାନ୍ତ ମହାନ୍ତ, ହରେକୃଷ୍ଣ ଦାସ, ଦେବଜିତ ପଟ୍ଟନାୟକ, ବିକାଶ ମହାନ୍ତ, ଶିବଶଙ୍କର ପାତ୍ର, ଆଶୀର୍ବାଦ ଦାସ, କାମିନୀକାନ୍ତ ପରିଡା, ସେକ୍ ହାକିମ, ଧାନି କିସ୍କୁ, ମଝିଆ ଟୁଡୁ, ନିରଜ୍ ଦାସ, ସରୋଜ୍ ବୋସ, ଅନନ୍ତ ଦାସ, ଦେବାଶିଷ ପାତ୍ର, ସୁଜିତ ମହାନ୍ତି, ସୁଧୀର ବାରିକ, କୁମାର ମୁଖି, ପ୍ରଭାତୀ ପୃଷ୍ଟି, ଅମର ସେଠୀ, ସୁକେଶିନୀ ସେଠୀ, ରାଜ ଗୁପ୍ତା, ଅନୁରାଧା ମହାନ୍ତି, ବିଶ୍ୱଜିତ୍ ପରିଛା, ଚିତେଶ୍ୱର ବେହେରା, ମନିସଙ୍କର ବାରିକ୍, ଖେଲାରମ୍ ଟୁଡୁ, ସାଗର ସାହୁ, ଚନ୍ଦ୍ରଶେଖର ସାହୁ, ଅମ୍ବିକା ରାଉତ୍, ସେକ୍ ଅମନ୍‌ଉଲ୍ଲା, ଗୋବିନ୍ଦ ବେହେରା, ବାବୁ ସେଜପଡ଼ା, ଭବାନୀ ଧଡା, ଶୈଳେଶ ବିଶ୍ୱାଳ, ଆଶିଷ ଦାସ, ଅଭିଜିତ କଲିଆ, ଦେବବ୍ରତ ସେନାପତି, ଅମରଜିତ୍ ସେଠୀ, ସୁଶାନ୍ତ ପଷା, ଦୀପକ ମଡୁଆଳ, ଭୀଷ୍ମ ମହାନ୍ତ, ନୀହାର ରଞ୍ଜନ ମହାପାତ୍ର, ସୁମନ୍ତ ମହାନ୍ତ, ଅଶ୍ୱିନୀ ମହାନ୍ତ, ଅକ୍ଷୟ ସାହୁ, ସତ୍ୟଜିତ ଦତ୍ତ, ବାପି ମହାନ୍ତ, ଅମିତ ମହାକୁଡ, ଅମିତ ବୈଠାଙ୍କ ସମେତ ବହୁ ଯୁବ ସ ଛାତ୍ର ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଟାଙ୍ଗୀରେ ଅବକାରୀ ଚଢ଼ଉ: ୨୯ ଲକ୍ଷର ବ୍ରାଉନସୁଗର ଜବତ

କଟକ,୧୨।୧(ସମିସ): ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ନିଶା କାରବାର ସୂଚନା ପାଇ ଟାଙ୍ଗୀ ଅଞ୍ଚଳରେ ବଡ ଧରଣର ଚଢଉ କରିଛି। ସେଠାରୁ ୨ ଜଣ ପେସାଦାର ନିଶା ବେପାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ଯାଜପୁର ଜିଲ୍ଲା ବୈରୀ ଥାନା ସୋଲାର ଗାଁର ପ୍ରକାଶ କୁମାର ମହାପାତ୍ର(୪୭) ଓ ପର୍ଶୁରାମ ସାହୁ(୩୪)। ଏମାନଙ୍କ ପାଖରୁ ମୋଟ ୨୯୧ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି।

ସୂଚନା ଅନୁସାରେ, ଆଜି ପୂର୍ବାହ୍ନରେ ଜାତୀୟ ରାଜପଥର ଟାଙ୍ଗୀ ଛକ ନିକଟରେ ପ୍ରକାଶ ନିଶାଦ୍ରବ୍ୟ ଧରି ବସ ଅପେକ୍ଷାରେ ଛିଡା ହୋଇଥିଲା। ଏହି ସୂଚନା ପାଇବାମାତ୍ରେ ଫ୍ଲାଇଂ ସ୍କ୍ୱାଡ ସେଠାରେ ଚଢଉ କରି ତାକୁ ଗିରଫ କରିଥିଲା। ସହଯୋଗୀ ପର୍ଶୁରାମ ମଧ୍ୟ ନିଶାଦ୍ରବ୍ୟ ଧରି ଆସିଥିବା ସମ୍ପର୍କରେ ପ୍ରକାଶ ପାଖରୁ ସୂଚନା ମିଳଥିଲା। ଏହାପରେ ଅବକାରୀ ଟିମ ନିକଟସ୍ଥ ଗୋବିନ୍ଦପୁର ଓଭରବ୍ରିଜ ନିକଟରେ ଚଢଉ କରିଥିଲା। ସେଠାରେ ଗ୍ରାହକ ଅପେକ୍ଷାରେ ଥିବା ପର୍ଶୁରାମକୁ ଗିରଫ କରାଯାଇଥିଲା। ଉଭୟଙ୍କ ପାଖରୁ ମୋଟ ୨୯୧ ଗ୍ରାମ ଓଜନର ବ୍ରାଉନ ସୁଗର ଜବତ କରାଯାଇଛି। ଯାହାର ବଜାର ମୂଲ୍ୟ ପ୍ରାୟ ୨୯ ଲକ୍ଷ ଟଙ୍କା ହେବ। ଉଭୟ ଜଳେଶ୍ୱର ଅଞ୍ଚଳରୁ ନିଶାଦ୍ରବ୍ୟ ଆଣି ଯାଜପୁର ସମେତ ଟାଙ୍ଗୀ, ଛତିଆ ଅଞ୍ଚଳରେ କାରବାର କରୁଥିବା ଜଣାପଡିଛି। ଏମିତିକି ସେମାନେ ବସ ଯୋଗେ ନିଶାଦ୍ରବ୍ୟ ଧରି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିବା ଜଣାପଡିଛି। ଉଭୟଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇସ୍ରୋ ମିଶନ...

ସେଥିରେ ଥିଲା ଭାରତର ଗୁଇନ୍ଦା ଉପଗ୍ରହ 'ଅନ୍ୱେଷ'। ଗତବର୍ଷ ମଧ୍ୟ ପିଏସ୍‌ଏଲ୍‌ଭି ଉତ୍‌କ୍ଷେପଣର କିଛି ସମୟ ପରେ ଗତିପଥରୁ ବାହାରି ଯାଇଥିଲା। ତୃତୀୟ ପର୍ଯ୍ୟାୟରେ ତ୍ରୁଟି ଯୋଗୁଁ ଏହା ଫେଲ୍ ମାରିଥିଲା। ସୂଚନାଯୋଗ୍ୟ ଯେ ଇସ୍ରୋ ପକ୍ଷରୁ ଆଜି ସୁଦ୍ଧା ୬୪ ଥର ପିଏସ୍‌ଏଲ୍‌ଭିର ଉତ୍‌କ୍ଷେପଣ କରାଗଲାଣି। ଏଥିମଧ୍ୟରୁ ପିଏସ୍‌ଏଲ୍‌ଭି ୫ ଥର ବିଫଳ ହୋଇଛି। ଏହା ଇସ୍ରୋର ଖରାପ ପ୍ରଦର୍ଶନ ବୋଲି କୁହାଯାଇପାରିବ ନାହିଁ। କିନ୍ତୁ ଏହା ନିଶ୍ଚିତ ଭାବେ ଇସ୍ରୋର ମହାକାଶ କାର୍ଯ୍ୟକ୍ରମ ପାଇଁ ଝଟକା ବୋଲି କୁହାଯିବ। କାରଣ ପିଏସ୍‌ଏଲ୍‌ଭି ସହିତ ବ୍ରିଟେନ, ବ୍ରାଜିଲ ଓ ନେପାଳ ସମେତ ଅନେକ ଦେଶର ଉପଗ୍ରହ ପ୍ରେରଣ କରାଯାଇଥାଏ। ଆଜି ପିଏସ୍‌ଏଲ୍‌ଭି ସହିତ ହାଇଦ୍ରାବାଦ ସ୍ଥିତ ଧ୍ରୁବ ମହାକାଶ ସଂସ୍ଥାର ୭ଟି ଉପଗ୍ରହ ଖଞ୍ଜା ହୋଇଥିଲା। ବ୍ୟାବସାୟିକ ଦୃଷ୍ଟିକୋଣରୁ ମଧ୍ୟ ଏହା ନୈରାଶ୍ୟଜନକ ହୋଇଛି। ପିଏସ୍‌ଏଲ୍‌ଭିକୁ ଭାରତ ସବୁଠାରୁ ନିର୍ଭରଯୋଗ୍ୟ ରକେଟ ଭାବେ ବିବେଚନା କରାଯାଏ ଏବଂ ବ୍ୟାବସାୟିକ ଦୃଷ୍ଟିକୋଣରୁ ମଧ୍ୟ ବିଶେଷ ଗୁରୁତ୍ୱ ବହନ କରେ।

### ମିଳିବନି ୮୦୦ ଟଙ୍କା...

ଦିଆଯିବ ନାହିଁ ବୋଲି ଘୋଷଣା ଚାଷୀଙ୍କ କ୍ରୋଧକୁ ବିସ୍ଫୋରିତ କରିଛି। ବର୍ତ୍ତମାନ ସରକାରୀ ନିୟମ ଅନୁଯାୟୀ ଅଣଜଳସେଚିତ ଜମି ମାଲିକଙ୍କଠାରୁ ଏକର ପିଛା ୧୩ କ୍ୱିଣ୍ଟାଲ ଧାନ ନିଆଯାଉଥିବା ବେଳେ ଜଳସେଚିତ ଜମି ମାଲିକଙ୍କ ଠାରୁ ୧୯ କୁଇଣ୍ଟାଲ ଧାନ ନିଆଯାଉଛି। ବାସ୍ତବରେ ରାଜ୍ୟରେ ବର୍ତ୍ତମାନ ଏକର ପିଛା ଉତ୍ପାଦନର ପରିମାଣ ୨୫-୩୦ କୁଇଣ୍ଟାଲ ପର୍ଯ୍ୟନ୍ତ ରହୁଛି। ପୂର୍ବରୁ ଚାଷୀମାନେ ଉତ୍ପାଦିତ ଧାନ ରଖିବାକୁ ବାଧ ହେଉଥିଲେ। ଏହାସହିତ ବଳକା ଧାନକୁ ଶାଗମାଛ ଦରରେ ବିକ୍ରି କରୁଥିଲେ। ମାତ୍ର ଏଥିରେ ପୁଣି କଟକଣା ଲଗାଯାଇଛି। ଏ ସମ୍ପର୍କରେ କଂଗ୍ରେସ ସମବାୟ ବିଭାଗର ଅଧକ୍ଷ ଅମୀୟ ପଟ୍ଟନାୟକ କହିଛନ୍ତି, ସରକାର ଜାଣିଶୁଣି ଧାନ କିଣୁନାହାନ୍ତି। ଏହାଫଳରେ ଚାଷୀମାନେ ବାଧ ହୋଇ ଅଭାବୀ ବିକ୍ରୀ ଜାଲରେ ପଡ଼ିବେ। ମିଲର ମାନଙ୍କ ସହିତ ସଲାସୁତୁରା କରି କୋଟି କୋଟି ଟଙ୍କା ଚାନ୍ଦା ନେଇ ରାଜ୍ୟର ଚାଷୀମାନଙ୍କୁ ଏ ସରକାର ଜାଣିଶୁଣି ହଇରାଣ କରୁଛି। ଏ ବର୍ଷ ୭୫ କୁଇଣ୍ଟାଲରୁ ଅଧିକ ଧାନ କୌଣସି ଚାଷୀଙ୍କ ପାଖରୁ କିଣିବେ ନାହିଁ ବୋଲି ଗୁପ୍ତ ନିଷ୍ପତ୍ତି ହୋଇଛି। ଏମଏସପି ଧାନ କୁଇଣ୍ଟାଲ ପିଛା ୬୯ ଟଙ୍କା ବଢ଼ିଥିଲେ ମଧ୍ୟ ତାହା ଦିଆଯାଉ ନାହିଁ। କଟନିଛଟନି ଏକ ନିୟମରେ ପରିଣତ ହୋଇସାରିଛି। ତେଣୁ ସରକାର ପୂର୍ବରୁ ଯେଉଁ ଘୋଷଣା କରିଥିଲେ, ତାହାକୁ ପାଳନ କରନ୍ତୁ ବୋଲି ସେ କହିଛନ୍ତି। ଯଦି ଜଣେ ଚାଷୀ ୧୦୦ କୁଇଣ୍ଟାଲ ଧାନ ଉତ୍ପାଦନ ହେଲେ ପରିବାର ପାଇଁ ୪୦ ପ୍ରତିଶତ ଧାନ ରହିଲେ, ୬୦ କୁଇଣ୍ଟାଲ ଧାନ ବଳକା ରହୁଛି। ଏହି ହାରରେ ୬୦୦ କୁଇଣ୍ଟାଲ ଧାନ ଉତ୍ପାଦନ କରୁଥିବା ଚାଷୀ ୪୦ ପ୍ରତିଶତ ଅର୍ଥାତ୍ ୨୪୦ କୁଇଣ୍ଟାଲ ଧାନ ନିଜ ପାଇଁ ରଖି ଅବଶିଷ୍ଟ ୩୬୦ କୁଇଣ୍ଟାଲ ଧାନ ବିକ୍ରି କରୁଥିଲେ। ମାତ୍ର ସରକାର ୧୫୦ କୁଇଣ୍ଟାଲ ଧାନର ଇନ୍‌ପୁଟ ସବସିଡି ଦେଲେ ବାକି ଧାନ ବିକ୍ରିବେଳେ ଚାଷୀ କ୍ଷତି ସହିବା ନିଶ୍ଚିତ ହୋଇଛି। ନିର୍ବାଚନ ସମୟରେ ରାଜ୍ୟ ସରକାର ସମସ୍ତ ଧାନ କିଣିବେ ବୋଲି କହିଥିଲେ। ମାତ୍ର ଏବେ ଏହି ନିଷ୍ପତ୍ତିରୁ ଓହରି ଯାଇ ଚାଷୀଙ୍କୁ ପ୍ରତାରଣା କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ପ୍ରସଙ୍ଗରେ ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି, ପୂର୍ବ ଥର ଚାଷୀ ଯେଉଁ ପରିମାଣର ଧାନ ବିକିବେ ବୋଲି ଟୋକନ ପାଇଥିଲେ, ତାଠାରୁ ଏଥରେ ଯଥେଷ୍ଟ କମିଛି। ଏହା ଏକ ସରକାରୀ ଷଡ଼ଯନ୍ତ୍ର। ବିଜେପି ସରକାରଙ୍କ ଚାଷୀ ବିରୋଧୀ ମାନସିକତା ବିଭିନ୍ନ ସମୟରେ ସେମାନଙ୍କ ବକ୍ତବ୍ୟରେ ବାହାରି ପଡୁଛି। ସରକାର ଚାଷୀଙ୍କଠାରୁ ସବୁ ଧାନ ନ ଉଠାଇବା ପାଇଁ ସବୁ ପ୍ରକାର ଉଦ୍ୟମ କରୁଛନ୍ତି ବୋଲି ଶ୍ରୀ ନନ୍ଦ କହିଛନ୍ତି।

### ୭ ପରୀକ୍ଷାର୍ଥୀଙ୍କୁ...

ଲିକ୍ ହେବା ପରେ ମାର୍ଚ୍ଚ ମାସରେ ପରୀକ୍ଷା ବାତିଲ କରାଯାଇଥିଲା। ମାତ୍ର ପୁଣିଥରେ ଅକ୍ଟୋବରରେ ପରୀକ୍ଷା ତାରିଖ ଘୋଷଣା ସହ ପୂର୍ବରୁ ଛାପା ହୋଇଥିବା ପ୍ରଶ୍ନପତ୍ର ଅନୁସାରେ ପରୀକ୍ଷା କରାଯିବାକୁ ଯୋଜନା କରାଯାଇଥିଲା। ସୂଚନା ଅନୁସାରେ ଅକ୍ଟୋବରରେ ହେବାକୁ ଥିବା ପୁନଃ ପରୀକ୍ଷା ପାଇଁ ସିଲିକନ୍ ଟେକ୍ ଲ୍ୟାବ ଏମଡି ସୁରେଶ ନାୟକ ୫ଟି ସେଟ ପ୍ରଶ୍ନପତ୍ର ପ୍ରସ୍ତୁତ କରି ଓପିଆର୍‌ବିକୁ ପ୍ରଦାନ କରିଥିଲେ। ଏହା ମଧ୍ୟରୁ ଓପିଆରବି ୫ ନମ୍ବର ସେଟ୍ ଛାପିବା ପାଇଁ ଅନୁମୋଦନ କରିଥିଲା। ମାତ୍ର ସୁରେଶ ଏଠାରେ ମଧ୍ୟ ଚଞ୍ଚକତା କରିଥିଲେ। ଯେହେତୁ ଆଶାୟୀ ପରୀକ୍ଷାର୍ଥୀମାନଙ୍କୁ ସେଟ୍ ନମ୍ବର ୩ ପ୍ରଶ୍ନପତ୍ର ବଣ୍ଟା ସରିଥିଲା, ତେଣୁ ସୁରେଶ ଚଞ୍ଚକତା କରି ୫ ନମ୍ବର ସେଟ୍ ପରିବର୍ତ୍ତେ ୩ ନମ୍ବର ସେଟ୍ ଛାପିଥିଲେ। ୫ ନମ୍ବର ସେଟ୍ ଛାପିଥିଲେ ଡ଼ିଲ୍ ହୋଇଥିବା ୨୫ ଲକ୍ଷ ଟଙ୍କା ଲେଖାଏଁ ପରୀକ୍ଷାର୍ଥୀଙ୍କୁ ଫେରାଇବାକୁ ପଡ଼ିଥାଆନ୍ତା। ତେଣୁ ସେ ସେଟ୍ ନମ୍ବର ୩କୁ ଛାପିଥିଲେ ଓ ଏହା ହିଁ ପରୀକ୍ଷାରେ ବ୍ୟବହାର କରାଯାଇଥାଆନ୍ତା। ହେଲେ ଓପିଆର୍‌ବି ଜାଣି ପାରିଲା ନାହିଁ ନା ଜାଣିଶୁଣି ଚୁପ୍ ରହିଲା, ସେ ସମ୍ପର୍କରେ ସ୍ପଷ୍ଟ ସୂଚନା ସିବିଆଇ ପାଇ ନାହିଁ। ଅନ୍ୟପକ୍ଷରେ ଏହି ସମଗ୍ର ଘଟଣାରେ ରାଜ୍ୟ ସରକାରଙ୍କ କିଛି ବରିଷ୍ଠ ଅଧିକାରୀଙ୍କ ସଂପୃକ୍ତିର ତଥ୍ୟ ସିବିଆଇ ହାତରେ ଲାଗିଥିବା କୁହାଯାଉଛି। ଏହି ଅଧିକାରୀମାନଙ୍କ ଜ୍ଞାତସାରରେ ସିଲିକନ୍ ଟେକ୍‌ଲାବ୍‌ର ଏମ୍‌ଡ଼ି ସୁରେଶ ନାୟକ ସବୁ ଜାଲିଆତି କରିଥିଲେ ହେଁ ସେମାନେ ନିରବଦ୍ରଷ୍ଟା ସାଜିଥିଲେ। ଅନିୟମିତତାକୁ ଏହି ଅଧିକାରୀମାନେ ପ୍ରଶ୍ରୟ ଦେବା ସହ ସୁରେଶ ନାୟକ, ଶଙ୍କର ପୃଷ୍ଟିକୁ ପ୍ରୋତ୍ସାହିତ କରିଥିଲେ। ଏ ସମ୍ପର୍କରେ ଅଧିକ ତଥ୍ୟ ସଂଗ୍ରହ ନିମନ୍ତେ ସିବିଆଇ ସମ୍ପୃକ୍ତ ପରୀକ୍ଷାର୍ଥୀମାନଙ୍କୁ ଜେରା କରିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

### ୨୦୦ ଛୁଇଁବ...

କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉପରୋକ୍ତ ମନ୍ତବ୍ୟ ପରେ ସାଧାରଣରେ ଏନେଇ ଚର୍ଚ୍ଚା, ଆଲୋଚନା ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ ସମ୍ବିଧାନର ଅନୁଚ୍ଛେଦ ୮୨ (ଲୋକସଭା) ଓ ୧୭୦ (ବିଧାନସଭା) ଅନୁଯାୟୀ ପ୍ରତ୍ୟେକ ଜନଗଣନା ପରେ ସୀମା ପୁନର୍ନିର୍ଦ୍ଧାରଣ ହେବାର ବ୍ୟବସ୍ଥା ରହିଛି। ଶେଷଥର ପାଇଁ ୧୯୭୧ ଜନଗଣନାକୁ ଆଧାର କରି ଦେଶରେ ଲୋକସଭା ତଥା ବିଭିନ୍ନ ରାଜ୍ୟର ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ହୋଇଥିଲା। ୨୦୦୧ ଜନଗଣନା ଆଧାରରେ ୨୦୦୮ରେ ଲୋକସଭା ଓ ବିଧାନସଭା ଆସନ ପୁନଃସୀମା ନିର୍ଦ୍ଧାରଣ ହୋଇଥିଲା। ରାଜ୍ୟର ଲୋକସଭା ଆସନ ସଂଖ୍ୟା ବଦଳି ନଥିଲେ ମଧ୍ୟ ସୀମା ପୁନଃନିର୍ଦ୍ଧାରଣ ହୋଇଥିଲା। ତେବେ ଆସନ୍ତା ୨୦୨୭ ମସିହା ମାର୍ଚ୍ଚ ମାସରେ ଦେଶବାପୀ ଜନଗଣନା କାର୍ଯ୍ୟକ୍ରମ କରାଯିବ। ଏହାପରେ ଦେଶବ୍ୟାପୀ ଡିଲିମିଟେସନ ପ୍ରକ୍ରିୟାକୁ ଆଗେଇ ନିଆଯିବ ବୋଲି ଜଣାପଡ଼ିଛି। ପୂର୍ବରୁ ମଧ୍ୟ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ରାଜ୍ୟରେ ଉଭୟ ଲୋକସଭା ଏବଂ ବିଧାନସଭା ଆସନ ସଂଖ୍ୟା ବୃଦ୍ଧି ନେଇ ସଙ୍କେତ ଦେଇ ସାରିଛନ୍ତି। ଏସବୁକୁ ବିଚାରକୁ ନେଲେ ରାଜ୍ୟରେ ପ୍ରାୟ ୬ରୁ ୭ଟି ଲୋକସଭା ଆସନ ବଢ଼ିବାର ସମ୍ଭାବନା ରହିଛି। ଅପରପକ୍ଷେ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ସୀମା ପୁନର୍ନିର୍ଦ୍ଧାରଣ ସମ୍ଭାବନା ସଂଖ୍ୟା କମ୍ ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି ଯେ ୨୦୧୧ ମସିହାରେ ଜନଗଣନା ହୋଇଥିଲା। ୨୦୧୩ ମସିହା ଏପ୍ରିଲ ମାସରେ ଜନଗଣନାର ସମ୍ପୂର୍ଣ୍ଣ ତଥ୍ୟ କେନ୍ଦ୍ର ସରକାର ପ୍ରକାଶ କରିଥିଲେ। ତେଣୁ ୨୦୨୭ରେ ହେବାକୁ ଥିବା ଜନଗଣନାର ତଥ୍ୟ ସମ୍ପୂର୍ଣ୍ଣ ଭାବେ ୨୦୨୯ ମାର୍ଚ୍ଚ ବେଳକୁ ପ୍ରକାଶ ପାଇପାରେ। ଏପରିସ୍ଥଳେ ୨୦୨୯ ସାଧାରଣ ନିର୍ବାଚନ ସୀମା ପୁନର୍ନିର୍ଦ୍ଧାରଣ ଆଧାରରେ ଅନୁଷ୍ଠିତ ହେବା ସମ୍ଭବ ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଅପରପକ୍ଷେ ଯଦି ସରକାର ଆଗୁଆ ତଥ୍ୟ ପ୍ରକାଶ କରନ୍ତି, କିମ୍ବା ଆନୁମାନିକ ଜନସଂଖ୍ୟା ଆଧାରରେ ଆଗୁଆ ସୀମା ପୁନର୍ନିର୍ଦ୍ଧାରଣ ପ୍ରକ୍ରିୟା ସମ୍ପନ୍ନ କରନ୍ତି, ତାହେଲେ ୨୦୨୯ ସାଧାରଣ ନିର୍ବାଚନ ଅଧିକ ଲୋକସଭା ଆସନରେ ଲଢ଼ାଯିବ ବୋଲି ବିଶେଷଜ୍ଞ ମହଲ ମତପ୍ରକାଶ କରିଛନ୍ତି।

ଅପରପକ୍ଷେ ସୀମା ପୁନର୍ନିର୍ଦ୍ଧାରଣରେ ଯଦି ଜନସଂଖ୍ୟାକୁ ମାନଦଣ୍ଡ ରୂପେ ନିଆଯାଏ ତାହେଲେ ଏଥିରେ ଓଡ଼ିଶା ସମେତ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଆସନ ହ୍ରାସ ଘଟିବାର ସମ୍ଭାବନା ଥିବା ନେଇ ସବୁ ରାଜ୍ୟମାନେ ଆଶଙ୍କା କରୁଛନ୍ତି। ଗତ ୨୦୨୪ ମସିହା ମାର୍ଚ୍ଚ ମାସରେ ଚେନ୍ନାଇରେ ଏନେଇ ବିଭିନ୍ନ ଦଳମାନେ ବୈଠକ କରି ଏନେଇ ଉଦବେଗ ପ୍ରକାଶ କରିଥିଲେ। ବୈଠକରେ ଏକ ଭିଡିଓ ବାର୍ତ୍ତାରେ ନବୀନ କହିଥିଲେ ଯେ କେବଳ ଜନସଂଖ୍ୟା ଉପରେ ଆଧାରିତ ସୀମା ନିର୍ଦ୍ଧାରଣ ସେହି ରାଜ୍ୟମାନଙ୍କ ପ୍ରତି ଅନ୍ୟାୟ ହେବ ଯେଉଁମାନେ ଜାତୀୟ ପ୍ରାଥମିକତା ସହିତ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି। ବିଗତ ବର୍ଷ ମାନଙ୍କରେ ଜନ୍ମହାର ହ୍ରାସ ଦିଗରେ ଓଡ଼ିଶା ସଫଳତାର ସହ କାର୍ଯ୍ୟ କରିଛି। ମାତ୍ର ଜନସଂଖ୍ୟା ମାନଦଣ୍ଡ ହେଲେ ଆମେ ଉଭୟ ଲୋକସଭା ଏବଂ ବିଧାନସଭାରେ ଆସନ ହରାଇବୁ। ଓଡ଼ିଶା ଭଳି ରାଜ୍ୟଗୁଡ଼ିକ ଯେଉଁମାନେ ବର୍ଷ ବର୍ଷ ଧରି ନିରନ୍ତର ପ୍ରୟାସ ପରେ ଜନସଂଖ୍ୟା ବୃଦ୍ଧି ହାର ହ୍ରାସ କରିଛନ୍ତି ସେମାନଙ୍କୁ ନିରୁତ୍ସାହିତ କରାଯିବା ଉଚିତ୍ ନୁହେଁ। କେନ୍ଦ୍ର ସରକାର ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସମସ୍ତ ରାଜନୈତିକ ଦଳ ସହିତ ଏନେଇ ବିସ୍ତୃତ ଆଲୋଚନା କରି ଦ୍ୱନ୍ଦ ଦୂର କରିବାକୁ ନବୀନ ଦାବି କରିଥିଲେ। ତେବେ ଆଜିର ସଭାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କର ଉପରୋକ୍ତ ବକ୍ତବ୍ୟ ପୁଣିଥରେ ଡିଲିମିଟେସନ ଡିବେଟକୁ ଖୋରାକ ଯୋଗାଇଛି।

### ପତ୍ନୀଙ୍କୁ ୧୪ ହଜାର...

ଜୋହୋରେ ଅଂଶଧନର ମାଲିକାନା। ଏହି ଛାଡପତ୍ର ବିବାଦ କାଲିଫର୍ଣ୍ଣିଆରେ ରହୁଥିବା ସମୟରେ ଦମ୍ପତିଙ୍କ ଦ୍ୱାରା ବୈବାହିକ ସମ୍ପତ୍ତିର ବିଭାଜନକୁ ନେଇ ଆରମ୍ଭ ହୋଇଥିଲା।

ଆଇଆଇଟି-ମାଡ୍ରାସରୁ ସ୍ନାତକ କରିବା ପରେ ଭେମ୍ବୁ ୧୯୮୯ରେ ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ପିଏଚ୍ଡି କରିବା ପାଇଁ ଆମେରିକା ଯାଇଥିଲେ। ୧୯୯୩ରେ ଆମେରିକା ଯିବାର ୪ ବର୍ଷ ପରେ ସେ ଉଦ୍ୟୋଗୀ ପ୍ରମିଳା ଶ୍ରୀନିବାସନଙ୍କୁ ବିବାହ କରିଥିଲେ। ୧୯୯୬ ରେ ଭେମ୍ବୁ ଏବଂ ତାଙ୍କ ସହଯୋଗୀମାନେ ଆଡଭେଣ୍ଟନେଟ୍ ନାମକ ଏକ ସଫ୍ଟୱେର୍ ଡେଭଲପମେଣ୍ଟ କମ୍ପାନୀ ଆରମ୍ଭ କରିଥିଲେ। ୨୦୦୯ରେ ସେମାନେ ଏହାର ନାମ ଜୋହୋ କର୍ପୋରେସନ୍ ରଖିଥିଲେ। ପତ୍ନୀ ପ୍ରମିଳାଙ୍କ ସହ ପ୍ରାୟ ତିନି ଦଶନ୍ଧି ଧରି ସେ କାଲିଫର୍ଣ୍ଣିଆରେ ରହୁଥିଲେ। ଏହି ଦମ୍ପତିଙ୍କର ଏକ ୨୬ ବର୍ଷୀୟ ପୁଅ ମଧ୍ୟ ଅଛି। ୨୦୧୯ରେ ଭେମ୍ବୁ ଭାରତ ଫେରିଆସି ତାମିଲନାଡୁର ମାଥାଲମପାରାଇ ଗ୍ରାମରୁ ଜୋହୋକୁ ପରିଚାଳନା କରିବା ଆରମ୍ଭ କରିଥିଲେ। ଶ୍ରୀନିବାସନଙ୍କ ଅଭିଯୋଗ ଅନୁଯାୟୀ, ଭେମ୍ବୁ କମ୍ପାନୀର ଅଧିକାଂଶ ସେୟାର ତାଙ୍କ ଭଉଣୀ ରାଧା ଭେମ୍ବୁ ଏବଂ ଭାଇ ଶେଖରଙ୍କୁ ଦେଇଛନ୍ତି। ରାଧା ବର୍ତ୍ତମାନ କମ୍ପାନୀର ପ୍ରାୟ ୪୭.୮% ଅଂଶଧନ ରଖିଥିବାବେଳେ, ଭେମ୍ବୁ ଟେକ୍ନୋଲୋଜିର ପ୍ରତିଷ୍ଠାତା ଶେଖରଙ୍କ ପାଖରେ ୩୫.୨% ଅଂଶଧନ ରହିଛି। ଭେମ୍ବୁଙ୍କ ନିକଟରେ କେବଳ ୫% ଅଂଶଧନ ରହିଛି, ଯାହାର ମୂଲ୍ୟ ୨୨୫ ନିୟୁତ ଆମେରିକୀୟ ଡଲାର। ଶ୍ରୀଧର ଭେମ୍ବୁ ତାଙ୍କ ପତ୍ନୀଙ୍କ ଦ୍ୱାରା ଲଗାଯାଇଥିବା ସମସ୍ତ ଅଭିଯୋଗକୁ ଖାରଜ କରିଛନ୍ତି, ଏହାକୁ ସେ ଏକ ମନଗଢ଼ା କାହାଣୀ ବୋଲି କହିଛନ୍ତି। ଭେମ୍ବୁ ୨୦୨୧ ଅଗଷ୍ଟରେ ଛାଡପତ୍ର ପାଇଁ ଆବେଦନ କରିଥିଲେ।

### ବିନା ବନ୍ଧକରେ...

ବିନା ବନ୍ଧକରେ ଦିଆଯାଇଛି, ତେଣୁ ସେଗୁଡିକର ବର୍ଦ୍ଧିତ ପରିମାଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ସମ୍ଭାବ୍ୟ ଋଣ ବିପଦ ସମ୍ପର୍କରେ ଆଗୁଆ ସୂଚନା ଦେଉଛି। ଭାରତର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ମୋଟ ଅସୁରକ୍ଷିତ ଋଣରେ ଦେଶର ସରକାରୀ ବ୍ୟାଙ୍କଗୁଡିକର ଅଂଶ ୫୩% ରହିଥିବାବେଳେ, ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ଅଂଶ ୩୮% ରହିଛି। ସେହିପରି ଏଥିରେ ବିଦେଶୀ ବ୍ୟାଙ୍କଗୁଡ଼ିର ଅଂଶ ୭% ଏବଂ କ୍ଷୁଦ୍ର ଆର୍ଥିକ ବ୍ୟାଙ୍କଗୁଡ଼ିକର ଅଂଶ ୨% ରହିଛି। କୌତୂହଳର ବିଷୟ ହେଉଛି, ବ୍ୟାଙ୍କରେ ଅସୁରକ୍ଷିତ ଋଣ ସୁରକ୍ଷିତ ଋଣ ଅପେକ୍ଷା ବହୁତ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ନିକଟରେ ଡିସେମ୍ବରରେ ଆର୍‌ବିଆଇ ଏହାର ଆର୍ଥିକ ସ୍ଥିରତା ରିପୋର୍ଟରେ ମଧ୍ୟ ବୃଦ୍ଧି ପାଉଥିବା ଅସୁରକ୍ଷିତ ଋଣ ପ୍ରସଙ୍ଗ ଉଠାଇଛି। ଫିନଟେକ୍ ଋଣଦାତାଙ୍କ ମୋଟ ଋଣର ୭୦%ରୁ ଅଧିକ ଅସୁରକ୍ଷିତ ଋଣ ରହିଛି। ଏହି ଋଣର ଅଧାରୁ ଅଧିକ ୩୫ ବର୍ଷରୁ କମ୍ ବୟସର ଋଣଗ୍ରହୀତାଙ୍କୁ ଦିଆଯାଇଛି, ଯାହା ଅସୁରକ୍ଷିତ ଋଣ କ୍ଷେତ୍ରରେ ଯୁବ ଋଣଗ୍ରହୀତାଙ୍କ ବର୍ଦ୍ଧିତ ଅଂଶକୁ ପ୍ରତିଫଳିତ କରୁଛି। ବ୍ୟାଙ୍କଗୁଡ଼ିକର ଅନାଦାୟ ଋଣ ସମ୍ପ୍ରତି ହ୍ରାସ ପାଉଥିବାବେଳେ, ଅସୁରକ୍ଷିତ ଋଣ ବଢୁଥିବାରୁ ପୁନର୍ବାର ଏହା ଏନ୍‌ପିଏ ରେ ବୃଦ୍ଧି ଘଟାଇବା ଆଶଙ୍କା ସୃଷ୍ଟି କରିଛି।


**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ବାରିପଦା ଅନୁବିଭାଗୀୟ ଗୃହନିର୍ମାଣ ସମବାୟ ସମିତି ଲିଃର ବାର୍ଷିକ ସାଧାରଣ ସଭା ଆସନ୍ତା ତା.୦୬.୦୨.୨୦୨୬ରିଖ ଶୁକ୍ରବାର ଅପରାହ୍ନ ୩ ଘଟିକା ସମୟରେ ସମିତିର ବାଘଡା ରୋଡ ସ୍ଥିତ କାର୍ଯ୍ୟାଳୟ ଠା ରେ ଅନୁଷ୍ଠିତ ହେବ। ତେଣୁ ସମିତିର ସମସ୍ତ ସଭ୍ୟ ଓ ସଭ୍ୟା ଉକ୍ତ ବାର୍ଷିକ ସାଧାରଣ ସଭା ରେ ଯୋଗ ଦେବା ପାଇଁ ଅନୁରୋଧ।

ସ୍ୱା/- ସଭାପତି

**OFFICE OF THE HEAD MASTER KGBV, GUDIALI, GANJAM**
Letter No. 01/2026 DT: 10.01.2026
KASTURBA GANDHI BALIKA VIDYALAYA, GUDIALI, BLOCK-KABISURYANAGAR, PIN-761104
**TENDER CALL NOTICE**
Sealed Tenders are invited from the registered/reputed firms and manufacturers for supply of the following items like Grocery, Cosmetics & Toilet items, Office and student's stationeries, Dress materials, sleeper, sport shoes & school Bag, to the Kasturba Gandhi Balika Vidyalaya, GUDIALI, KAFISURYANAGAR Block, District-GANJAM for the Year-2025-26 interested parties/firms can purchase The Tender form from the Office of the KGBV, GUDIALI, KABISURYANAGAR BLOCK w.e.f. 13/01/2026 to 19/01/2026 in working days from 10:00 am to 04:00 p.m. on payment of 500/-(Five hundred Rupees only) non refundable in cash or Bank draft payable in the Bank State Bank of India, Kabisuryanagar, GANJAM. The tenders completed in all respect along with requisite documents and Earnest Money(Refundable) in shape of Bank Draft in favour of the HM KGBV GUDIALI payable at State Bank of India KABISUYANAGAR, IFSC-SBIN0002073. The tender forms along with other particulars, the list of items and details instructions can also be downloaded from the dist website **www.ganjam.nic.in.** Tender form should be submitted without EMD will be summarily rejected. Last date of receipt of Tender form is upto 04:00 PM dated 20/01/2026. The KGBV Level Purchase committee meeting will be held on 21/01/2026 at 11.00 AM. in this KGBV for opening of the tender. The KGBV Purchase Committee reserves the right to accept or reject the tender in whole or in part without assigning any reason thereof.
**For more details please contact H.M. PH No- 9861380494**
*SD/-HEAD MISTRESS, KGBV, GUDIALI*

Office of the
**Jaleswar Municipality, Jaleswar** C-2066
Dist.: Balasore, Odisha – 756032Ph.: (06781) 222407
Email: jaleswarmunicipality@gmail.com
No. 144 Date 12.01.26
**SHORT QUOTATION CALL NOTICE**
Sealed Quotations are invited from intending Registered Firms / Suppliers / Manufacturers / Agencies having valid GST, PAN within the jurisdiction of Odisha for repair / supply & installation of: 1) 3.3 KW capacity Elec. Vehicle Charging Station. 2) 4.4 KW Panel Capacity Solar Hybrid Rooftop Photovoltaic Power Plant (H-SPVRT-PP) with 7.2 KWH Battery storage. 3) Electric Semi High Mast Light equipment (as per specification mentioned – list & Terms & Condition can be seen at Office). Available documents from 13.01.2026 to 21.01.2026 up to 01.00 PM (in Office hours). The quotation should reach to the undersigned on or before 22.01.2026 at 03.00 PM through speed post / Registered Post / courier / by hand. The Quotation will be opened on 22.01.2026 at 04.00 PM in the presence of the Quotationer or their authorized representatives.
The undersigned reserves all rights to reject any or all quotations without assigning any reason thereof.
OIPR- Executive Officer
Jaleswar Municipality

C-2057
**BHUBANESWAR MUNICIPAL CORPORATION**
Auction Sale Notice for Parking lots in BMC Area for Khandagiri Mela-2026
No.: 149/BMC Date: 07/01/2026 File No.: 13/26
Sealed Quotations are invited from the intending parties for **Auction of Parking Lots for 14 days** and they are requested to drop it in Tender Box ONLY addressed to the Zonal Commissioner (South West), BMC Bhubaneswar. The Quotations should be submitted in the prescribed format and should be filled up properly. The intending parties may participate for one or more parking lots, but the applications/Quotations will be considered individually for each parking lot. The intending parties must submit the quotation separately for each parking lot. The EMD and Tender Paper cost separately should be in shape of Bank draft drawn in favour of Commissioner, Bhubaneswar Municipal Corporation, Bhubaneswar. The details of the tender are available in BMC/Zone Office notice boards and **BMC Website – http://bmc.gov.in.**
The envelope, containing the tender paper, should be superscribed with **"Auction for Individual Parking Lot (Name and Location) in BMC area".**
The important dates & information are as follows:–
1. Availability of Tender Paper: Downloadable from BMC Website: http://bmc.gov.in / Sale of Tender Paper at ZC (SW) Office from **09.01.2026 to 19.01.2026 (up to 11.00 AM)**
2. Last date for sale of Tender Paper at BMC South-West Zone Office: **19.01.2026 (Up to 11.00 AM)**
3. Last date for submission of Tender Paper: **19.01.2026 up to 3.00 P.M.**
4. Earnest Money Deposit (EMD): **10% of Offset Price**
5. Tender Cost (Non-refundable): **Rs. 500/-** (Rupee Five hundred only)
6. Opening of tender papers: **19.01.2026 at 4.00 PM**
OIPR- Zonal Commissioner (South West)
Bhubaneswar Municipal Corporation

O-2020 E-Mail:rw.kamakhyanagar@yahoo.co.in
**Government of Odisha**
**Office of the Superintending Engineer,**
**Rural Works Division-II, Dhenkanal.**
**Kamakhyanagar**
e-procurement Notice No 23 / Road Work / 2025-26.

| | | |
|---|---|---|
| 1. | Name of the work | : Road Work |
| 2. | Total No. of Works | : 7 (Two) Nos |
| 3. | Tender Cost | : Rs.5.08 to 42.37 lakhs |
| 4. | Class Contractor | : D, C & B equivalent |
| 5. | Period of Completion | : 2 calendar months |
| 6. | Availability of Tender online for bidding | : 12.01.2026. at 11.00 A.M to 19.01.2026 up to 5.00 P.M |
| 7. | Last Date & Time of seeking tender clarification | : 17.01.2026 up to 5.00 PM |
| 8. | Date & Time of opening of Bid | : 20.01.2026 at 11.00 AM |

Other Details can be seen from the website http://tendersorissa.gov.in.
OIPR- Superintending Engineer
Rural Works Division-II, Dkl
Kamakhyanagar

**AFFIDAVIT**
I, **Sherien Shaike,** S/o: Mastan Shaik, Resident At: Niladri Vihar, 1st Line, Berhampur, PIN-760001, PS:Town Thana, Dist: Ganjam, Odisha, Declare by this Affidavit No-715, dt 09.01.2026. That now on wards I shall be known as **SHERIEN SHAIK** for all features purposes

**AFFIDAVIT**
I, **Umesha Chandra Tripathy,** S/o: Pitabas Tripathy, Resident At: Ramakrishnapur, Seragada, Kachakhandi, PIN-761106, PS:Seragada, Dist: Ganjam, Odisha Declare by this Affidavit No: 710, dt 09.01.2026. That now on wards I shall be known as **UMESH CHANDRA TRIPATHY** for all features purposes

**AFFIDAVIT**
By virtue of an affidavit sworn before the Executive Magistrate, Laxmipur, no. 01, dated 02.01.2026, I, TILAI MINYAKA, W/o - Lala Minyaka, D/o - Lambudhar Mandiga, currently residing At - Bandikar, PO - Burja, PS - Laxmipur, Dist-Koraput, Pin - 765013, declare that SANJI MANDIGA, and TILAI MINYAKA is one and same person. Henceforth, I shall be known as **TILAI MINYAKA** for all purposes.

**AFFIDAVIT**
I, Khushbu Sharma, W/o- Aniket resident of Gourpada, Ward No.11, Bargarh, Po./Ps./ Dist.- Bargarh state by this affidavit no. 1355 dtd.11.12. 2025 that, my minor daughter's actual name is Dhwani Sharma and Date of Birth is 25.11.2024 but in her Aadhar card her name has been wrongly mentioned as Pankhudi Sharma. That, **Dhwani Sharma** and **Pankhudi Sharma**, D/o- Khushbu Sharma (mother) & Aniket (father) is same and one person.

**AFFIDAVIT**
By virtue of an affidavit no.3046 before the Executive Magistrate, Sukinda, Jajpur, dtd.06.12.2025 I, Arjuna Barik, Vill- Baragadia, PO- Baragadia, PS- Kalinganagar, Dist.- Jajpur- 755026 do hereby declare that I have changed my minor daughter's name from Jyotirmayee Barik, D/o- Arjun Barik to Jyotrimayee Barik, D/o- Arjuna Barik. Henceforth, she shall be known as **Jyotrimayee Barik** for all purposes.
**Sd/- Arjuna Barik**

**AFFIDAVIT**
By virtue of an affidavit sworn before Executive Magistrate Patnagarh, Affidavit no. 660 on Dated 31.12.2025, I GHASHIRAM BHUE, S/O LATE BHUE, AT : BAGHAPALI, TAMIAN,PS :LARAMBHA, DIST : BALANGIR,ODISHA declare that I have changed my name from GHASI BHUE to GHASHIRAM BHUE. so henceforth I shall be known as GHASHIRAM BHUE for all purposes.

**AFFIDAVIT**
By virtue of an affidavit no.3243 before the Executive Magistrate, Phulbani, dtd.11.12.2025 I, Gopali Malik, At: Pidiaguda, PO: Dimiriguda, PS: Phiringia, District: Kandhamal-762011 hereby declare that I have changed my name from Sundurupi Mallik to Gopali Malik . Henceforth, I shall be known as **Gopali Malik** for all purposes.
**Sd/- Gopali Malik**

**AFFIDAVIT**
By virtue of an affidavit sworn before the Executive Magistrate Padampur District Bargarh dated 10th December 2025, CF No.- 01, I Saudamini Sahu wife of Abadhut Sahu, resident of village- Dunguripali, Po.- Loudidarha, Ps.- Jagdalpur, Block- Jharbandh, Dist.- Bargarh, Pin-768042 hereby declares that for and on behalf of my minor doughter Payal Sahu. I have changed my minor doughter's name from **Pays Sahu** to **Payal Sahu**. Hence she will be known as Payal Sahu for all future purposes.

**AFFIDAVIT**
By virtue of an affidavit (CF No. 01, dtd- 12/01/2026) sworn before the Executive Magistrate, Padampur. I, Padmalochan Meher, S/o- Laba Meher, permanent & current resident of AT- Jhankarpali, PO- Khaliapali, PS- Padampur, Dist- Bargarh, PIN- 768036, Odisha declare that I have changed my minor daughter's name from **Saloni Meher to Shibani Meher.** Henceforth, she shall be known as **Shibani Meher** (new name) for all purposes.
**Padmalochan Meher**

**IN THE COURT OF THE ADDITIONAL DISTRICT JUDGE, KORAPUT**
**RFA Case No. 05 of 2016**
IN THE MATTER OF:
Rajesh Ku. Kher & Ors. ........ Appellants
Versus
Smt. P. Jyoti Rao & Ors. .... Respondents
It is brought to the notice of the respondents namely, (1) Smt. P. Jyoti Rao, Aged about 69 years, Wife of late P. Sankar Rao Resident of Alok Nagar, Shyama Nagar Town, PO/PS: Shyama Nagar, District: Durg (Chhattisgarh); (2) P. Surya Prakash Rao @ China Rao, Aged about 56 years, son of late P. Ramaswamy, Resident of Bus stand, Jeypore, PS: Jeypore Town, District: Koraput (Odisha), (3) Shri P. Vivek Naidu, Aged about 36 years, Son of late P. Shankar Rao, Resident of Alok Nagar, Shyama Nagar Town, PO/PS: Shyama Nagar, District: Durg (Chhattisgarh) that the appellant has preferred an appeal against the order/judgement dtd. 21.03.2014 passed by the Civil Judge (Sr. Div), Koraput in Civil Suit Case No. 07/2013 before this court and the said appeal stands posted to 06.02.2026 for hearing.
The respondents are hereby directed to appear in person or through an advocate duly instructed on the date fixed failing which the appeal will be heard in their absence.
Dated Koraput, this the 9th Day of December 2025
**Addl. District Judge, Koraput**

## ବନ୍ଦେ ମାତରଂ ଧ୍ୱନିରେ ବିନିକା ଉତ୍ସବ ମୁଖର



ବିନିକା,୧୨ ।୧(ସମିସ): ଆଜି ଜାତୀୟ ଯୁବ ଦିବସ ପାଳନ ପରିପ୍ରେକ୍ଷୀରେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ୧୫୦ତମ ବନ୍ଦେ ମାତରଂ ଧ୍ୱନି ଉଚ୍ଚାରଣ ହୋଇଥିଲା । ସ୍ଥାନୀୟ ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ରେଖା ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ଯୁବ ଦିବସ ପାଳନ କାର୍ଯ୍ୟକ୍ରମରେ ବିଦ୍ୟାଳୟ କର୍ମଚାରୀ ଓ ଛାତ୍ରଛାତ୍ରୀ ସାମିଲ ହୋଇ ବନ୍ଦେ ମାତରଂ ଗାନ କରିଥିଲେ । ସେହିପରି ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କର୍ମଚାରୀ ମିଳିତ ହୋଇ ଜାତୀୟ ସଙ୍ଗୀତ ବନ୍ଦେ ମାତରଂ ଗାନ କରିଥିଲେ । ଅନ୍ୟପକ୍ଷରେ ମହିଳା ଡିଗ୍ରୀ କଲେଜ ଛାତ୍ରୀମାନେ ସହର ପରିକ୍ରମା କରି ଯୁବ ସମାଜକୁ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ବିନିକା ସହର ସମେତ ଗ୍ରାମାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକରେ ବନ୍ଦେ ମାତରଂ ଗାନ କରାଯାଇଥିଲା ।

## ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ



ବୌଦ୍ଧ,୧୨ ।୧(ସମିସ): ବୌଦ୍ଧ ଲାୟନ୍ସ କ୍ଲବ୍ ପକ୍ଷରୁ ମର୍ଜାକୁଦ୍‌ରେ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । କାଉନସିଲର ନନ୍ଦ କିଶୋର ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ । ସଭାପତି ଶଙ୍କର ପ୍ରସାଦ ମିଶ୍ର ପରିଚାଳନା କରିଥିଲେ । କ୍ଲବର ଉପ ସଭାପତି ରଂଜିତ ପଟ୍ଟନାୟକ, ସମ୍ପାଦକ ଇଂ ସନ୍ତୋଷ ପୁରୋହିତ, କୋଷାଧ୍ୟକ୍ଷ ନିରୋଦ ମେହେର, ବରିଷ୍ଠ ସଦସ୍ୟ ପ୍ରତାପ ସାହୁ, ଲଳିତ ମେହେର କମ୍ବଳ ବଣ୍ଟନ କରିଥିଲେ ।

## ଜୟ ଜଗନ୍ନାଥ ବଣିକ ସଂଘର ବାର୍ଷିକ ଉତ୍ସବ

ବୌଦ୍ଧ,୧୨ ।୧(ସମିସ): ସାହାଜପାଲ ଜୟ ଜଗନ୍ନାଥ ବଣିକ ସଂଘର ବାର୍ଷିକ ଉତ୍ସବ ହୋଇଯାଇଛି । ସଭାପତି ପୂର୍ଣ୍ଣାନନ୍ଦ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ସଞ୍ଜୟ ମେହେର ସ୍ୱାଗତ କରିଥିଲେ । କୋଷାଧ୍ୟକ୍ଷ ସର୍ବଜୟ ଶତପଥୀ ବଣିକ ସଂଘର ଆୟ ବ୍ୟୟ ଓ ଅନ୍ୟାନ୍ୟ ବିବରଣୀ ଉପସ୍ଥାପନ କରିଥିଲେ । ରାଜ୍ କୁମାର ମେହେର, ଅଧୀନ ମେହେର, ବିଭୂତି ଭୁଷଣ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



## ଦିବ୍ୟାଙ୍ଗ ଯୁବକଙ୍କୁ ମାଡ଼ ମାରି ସରପଞ୍ଚ ଗିରଫ

ତରଭା,୧୨।୧(ସମିସ): ଜଣେ ଦିବ୍ୟାଙ୍ଗ ଯୁବକକୁ ମାଡ ମାରିବା ଅଭିଯୋଗରେ ବଲାଡି ସରପଞ୍ଚଙ୍କୁ ପୁଲିସ ଗିରଫ କରିଛି । ଯାହା ଅଞ୍ଚଳରେ ଚର୍ଚ୍ଚାର ବିଷୟପାଲଟିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ତରଭା ଥାନା ଅଧୀନସ୍ଥ ବଲାଡି ଗ୍ରାମର ଜଣେ ଦିବ୍ୟାଙ୍ଗ ଦୀପକ ସାହୁ(୨୨) ଡିସେମ୍ବର ୩୧ ତାରିଖରେ ତାଙ୍କର ଘର ପଛ ପଟେ ଥିବା ଏକ ପଡିଆ ଜମିକୁ ଶୌଚ ପାଇଁ ଯାଇଥିଲେ । ଉକ୍ତ ଜମିଟି ବଲାଡି ସରପଞ୍ଚଙ୍କ ପରିବାର ନାମରେ ରହିଥିବାରୁ ଆମ ଜମିରେ କାହିଁକି ଶୌଚ ଯାଇଥିଲୁ କହି ସରପଞ୍ଚ ରାଜୁ କୁମ୍ଭାର ଦୀପକକୁ ଗୋଟିଏ ବାଡ଼ି ସାହାଯ୍ୟରେ ମାଡ ମାରିଥିଲେ । ଏନେଇ ଜାନୁଆରୀ ୧ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତି କରି ପୁଲିସ କେଶ ନମ୍ବର ୧/୨୬ ଭାରତୀୟ ଦଣ୍ଡ ସଂହିତାର ଧାରା ୧୨୬(୨), ୧୧୫(୨), ୩୫୧(୨) ଓ ୨୯୬ରେ ଏକ ମାମଲା ରୁଜୁ କରି ୧୧ ତାରିଖରେ ରାଜୁ କୁମ୍ଭାରଙ୍କୁ ଗିରଫ କରିଥିଲା । ସୋମବାର ତାଙ୍କୁ ତରଭା ଜେଏମଏଫସିଙ୍କ କୋର୍ଟରେ ହାଜର କରାଯିବା ପରେ ତାଙ୍କୁ ଜାମିନରେ ଛାଡି ଦିଆଯାଇଥିବା ଜଣାପଡ଼ିଛି ।

## ଗାଁ ଭିତରେ ଭାଲୁ ଦେଖି ଲୋକେ ଛାନିଆ

ପଲଶାଗୋରା,୧୨ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବନାଞ୍ଚଳ ପଲଶାଗୋରା ଅଞ୍ଚଳରେ ୫ରୁ ଅଧିକ ଭାଲୁ ବୁଲୁଛନ୍ତି । ସନ୍ଧ୍ୟା ହେଲେ ବଘିଆବାହାଲ, ବାଘମୁଣ୍ଡା, ଘୁଲୁଘୁଲାପଦର, ପିପିଲିପାଲି ରେ ଭାଲୁ ଆତଙ୍କ ଦେଖାଦେଇଛି । ରବିବାର ଦିନରାତି ବଘିଆବାହାଲ-ଘୁଲୁଘୁଲାପଦର ରାସ୍ତାର ହାଟପଦାସ୍ଥିତ କୁଞ୍ଜ ଖମାରୀଙ୍କ ଘର ସମ୍ମୁଖରେରେ ଦୁଇଟି ଭାଲୁ ଶିଶୁମନ୍ଦିର ପଟକୁ ଯାଉଥିଲେ । ଭିଡିଓ ଭାଇରାଲ ପରେ ଲୋକଙ୍କ ମଧ୍ୟରେ ଭୟ ଦେଖା ଦେଇଛି । ତେବେ ବନ ବିଭାଗ ତରଫରୁ ବନରକ୍ଷୀ ଜ୍ୟୋତି ରଞ୍ଜନ ବାରିକ ଘୁଲୁଘୁଲାପଦର ଗ୍ରାମରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରିଛନ୍ତି । ରବିବାର ଦିନବେଳା ଶିଶୁମନ୍ଦିର ପଛରେ ବନ ବିଭାଗ ଭାଲୁକୁ ଖୋଜିବା ପରେ ମଧ୍ୟ ନ ପାଇବାରୁ ଫେରି ଯାଇଥିଲା; ହେଲେ ସନ୍ଧ୍ୟାରେ ଭାଲୁ ପୁଣି ଗାଁ ମଝିରେ ବୁଲୁଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

# ବିବେକାନନ୍ଦ ଯୁବସମାଜର ଆଦର୍ଶ





ବୌଦ୍ଧ,୧୨ ।୧(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଛି । ସ୍ୱାମୀ ବିବେକାନନ୍ଦ ଯୁବସମାଜର ଆଦର୍ଶ ବୋଲି ଅତିଥିଗଣ ମତ ପ୍ରକାଶ କରିଛନ୍ତି । ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସାମୂହିକ ଗାନ ସହ ଆତ୍ମନିର୍ଭର ଭାରତ ସ୍ୱଦେଶୀ ସଂକଳ୍ପ ପାଠ ମଧ୍ୟ କରାଯାଇଥିଲା । କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ ଅତିଥି ଭାବେ ଯୋଗ ଦେଇଥିଲେ । ମାଇ ଭାରତର ଜିଲ୍ଲା ସଂଯୋଜକ ଆସମାନ ମହାକୁଡ ସ୍ୱାଗତ କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାର ସିଂହ ଧନ୍ୟବାଦ ଜ୍ଞାପନ କରିଥିଲେ । ଅନ୍ୟପକ୍ଷେ ହରଭଙ୍ଗା ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଜନ ଶୁଣାଣିରେ ମଧ୍ୟ ସାମୂହିକ ବନ୍ଦେ ମାତରମ ଗାନ ଓ ସଂକଳ୍ପ ପାଠ ଅନୁଷ୍ଠିତ ହୋଇଥିଲା । ସେହିଭଳି ବୌଦ୍ଧ ନଗରସ୍ଥିତ ଜୟ ମା’ ଭୈରବୀ କ୍ଲବ ତରଫରୁ କ୍ଲବ୍ ପରିସରରେ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଛି । କ୍ଲବର ପୂର୍ବତନ ସଭାପତି ପ୍ରଫୁଲ୍ଲ ସାହୁଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସଂଗଠକ ଚିତ୍ତରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଶ୍ୟାମସୁନ୍ଦର ମହାପାତ୍ର ଯୋଗଦେଇ, ମୁଖ୍ୟବକ୍ତା ଭାବେ ସାହିତ୍ୟିକ ରମେଶ ପ୍ରସାଦ ମେହେର ଯୋଗ ଦେଇଥିଲେ । ଧୀରଜ ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ । ଉପ ସଭାପତି ଅନିଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



ମନମୁଣ୍ଡା: ଶଗଡ଼ାସ୍ଥିତ ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ୍ୟ ସୋମବାର ଜାତୀୟ ଯୁବ ଦିବସ ପାଳିତ ହୋଇଛି । ବନ୍ଦେ ମାତରମ୍‌ର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସାମୂହିକ ଭାବେ ବନ୍ଦେ ମାତରମ୍ ଗାନ କରାଯାଇଥିଲା । ଅଧ୍ୟକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟ ସଭାପତିତ୍ୱ କରିଥିଲେ । ଏନଏନଏସ ପ୍ରୋଗ୍ରାମ ଅଫିସର ଶେଷଦେବ ପର୍ଡିଆଙ୍କ ନେତୃତ୍ୱରେ ଜାତୀୟ ସେବା ଯୋଜନାର ସେଚ୍ଛାସେବୀ, ଛାତ୍ରଛାତ୍ରୀ, ଅଧ୍ୟାପକ ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ ।

## ସିମିଲିଯୋରା ହାଇସ୍କୁଲର ବାର୍ଷିକ କ୍ରୀଡ଼ା



କଣ୍ଟାମାଳ,୧୨ ।୧(ସମିସ): ବରଗାଁ ପଞ୍ଚାୟତ ଅଧୀନ ସିମିଲିଯୋରା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ରଥୀଚରଣ ପୁଟେଲ, ପ୍ରସନ୍ନ ରଣା, ପିନାକଧର ରଣା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ପ୍ରକାଶ ପ୍ରଧାନ ସଭାପତିତ୍ୱ କରିଥିଲେ । ପ୍ରଦୀପ୍ତ ରାଉତ, ପ୍ରମୋଦ ବାଘ, ଅବିନାଶ ଦୀପ, ସରୋଜ ସାମଲ, ଦଶରଥ ବେହେରା, ମୀନାକ୍ଷୀ ନାଏକ, ପ୍ରତିଭା ହୋତା, ଜିତେନ୍ଦ୍ର ରଣା, ସୁଧିର ପୁଟେଲ, ମୋହନ ରଣା ପ୍ରମୁଖ ସହଯୋଗ କରିଥିଲେ ।

## ବାଉଁଶୁଣୀ ଲୋକ ମହୋତ୍ସବର ଶୁଭସ୍ତମ୍ଭ ସ୍ଥାପନ

ଜହ୍ନାପଙ୍କ,୧୨ ।୧(ସମିସ): ବୌଦ୍ଧ ବ୍ଲକ ବାଉଁଶୁଣୀ କଲଚରାଲ୍ ସୋସାଇଟି ଆନୁକୂଲ୍ୟରେ ଫେବୃଆରୀ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ପଞ୍ଚମ ବାଉଁଶୁଣୀ ଲୋକ ମହୋତ୍ସବର ସୋମବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ପୂଜକ କିରଣ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ମହୋତ୍ସବର ଆବାହକ ସରୋଜ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଏଅବସରରେ ବାଉଁଶୁଣୀ ନାଗରିକ କମିଟି ସଭାପତି ତଥା ମହୋତ୍ସବର ଉପଦେଷ୍ଟା ନାରାୟଣ ଦେହୁରୀ, ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ କଳାକାର ଧନଞ୍ଜୟ ପାତ୍ର ଓ ବାଉଁଶୁଣୀ ସରପଞ୍ଚ ଅଇଁଠୁ ମହାଲିକ ଉପସ୍ଥିତ ଥିଲେ । ମହୋତ୍ସବର ସଭାପତି ଉମାଶଙ୍କର ପାଢୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା ।

# ବୌଦ୍ଧ, ହରଭଙ୍ଗାରେ କଂଗ୍ରେସର ବିକ୍ଷୋଭ



ବୌଦ୍ଧ,୧୨ ।୧(ସମିସ): ବୌଦ୍ଧ ସହର ହାତୀଶାଳ ଛକ ନିକଟ ଗାନ୍ଧୀଜୀଙ୍କ ଓଡିଶା ଆଗମନ ସ୍ମୃତି ନିକଟରେ ଜିଲ୍ଲା କଂଗ୍ରେସ ପକ୍ଷରୁ ମନରେଗା ବଞ୍ଚାଅ ସଂଗ୍ରାମ ଓ ପ୍ରତିବାଦ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ବିନ୍ଧ୍ୟାବିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀମାନେ କେନ୍ଦ୍ର ସରକାର ମନରେଗାର ନାମ ଭିବି-ଜି ରାମ-ଜି କରିଥିବାକୁ ନିନ୍ଦା କରାଯାଇ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା । ସିତୁ ନାଏକ, ପ୍ରାଣନାଥ ବେହେରା, ଅର୍ଜୁନ ବେହେରା, ଶିବ ଚରଣ ବେହେରା, ନରହରି ପାଣିଗ୍ରାହୀ, ସୁଧାଂଶୁ ହାତୀ, ଯୋଗେନ୍ଦ୍ର ରାଜହଂସ ପ୍ରମୁଖ ଯୋଗ ଦେଇଥିଲେ । ସେହିଭଳି ହରଭଙ୍ଗା ବ୍ଲକ ସରସରା ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମନରେଗା ବଞ୍ଚାଅ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଯାଇଛି । କଂଗ୍ରେସ କର୍ମୀ ସରସରା ଛକଠାରୁ ବିଭିନ୍ନ ସ୍ଲୋଗାନ ଦେଇ ସରସରା ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ । ସୁରେନ୍ଦ୍ର ସାହୁ, ଉଦ୍ଧବ ବେହେରା, ସୁଶାନ୍ତ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ ।



## ସର୍ବ ଭାରତୀୟ ବରଗୋଛା କ୍ରିକେଟ କପ୍



ମନମୁଣ୍ଡା,୧୨ ।୧(ସମିସ): ବରଗୋଛାର ଶ୍ରୀ ଜଗନ୍ନାଥ ପାଠାଗାର ଆୟୋଜନକ୍ରମେ ଅନୁଷ୍ଠିତ ୧୯ତମ ସର୍ବ ଭାରତୀୟ ବରଗୋଛା କ୍ରିକେଟ କପ-୨୦୨୬ ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ଇମେଜ ୧୧ ଭଦ୍ରକ ଏବଂ କମାଣ୍ଡୋ ୧୧ ଭୁବନେଶ୍ୱର ମଧ୍ୟରେ ହୋଇଥିଲା । ତିନୋଟି ଫର୍ମାଟରେ ଅନୁଷ୍ଠିତ ଏହି ଫାଇନାଲ ମ୍ୟାଚ୍‌ରେ ଭଦ୍ରକ ପ୍ରଥମ ମ୍ୟାଚ୍ ଜିତିଥିବାବେଳେ ଶେଷ ଦୁଇଟି ମ୍ୟାଚ୍‌ରେ ଭୁବନେଶ୍ୱର ବିଜୟୀ ହୋଇ ବରଗୋଛା କପ୍ ଚାମ୍ପିଅନ ହୋଇଥିଲା । ଭୁବନେଶ୍ୱରର ଚିନ୍ମୟ ପରିଡ଼ା ମ୍ୟାନ ଅଫ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ ହୋଇଥିଲେ । ଫାଇନାଲରେ ବିଶ୍ୱଜିତ୍ ପୁରୋହିତ, ରଞ୍ଜିତ ରଞ୍ଜନ ଚାନ୍ଦ ଅମ୍ପାୟାର ଥିଲେ । ଧାରାବିବରଣୀରେ ବୁଦ୍ଧଦେବ ମହାରଣା ଦାୟିତ୍ୱ ନିର୍ବାହ କରିଥିଲେ । ଉଚିତ ଡାଙ୍ଗ ଓ ବିଶ୍ୱାମିତ୍ର ମହଲା ଟୁର୍ଣ୍ଣାମେଣ୍ଟର ମୁଖ୍ୟ ପରିଚାଳକ ରହିଥିଲେ । ଶ୍ରୀ ଜଗନ୍ନାଥ ପାଠାଗାରର ସଭାପତି ଶାନ୍ତନୁ ଥାଟିଙ୍କ ନେତୃତ୍ୱରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ତନ୍ମୟ ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଥିଲା । ଏଥିରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଅଭିନେତ୍ରୀ ଶୀତଲ ପାତ୍ର, ବୌଦ୍ଧ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ବରଗୋଛା ସରପଞ୍ଚ ଲକି କର୍ମୀ, ସମିତି ସଭ୍ୟା ମମତା କୁଅଁର, ଗୁଦ୍ରୁଲିଆ ସରପଞ୍ଚ ଧବଳେଶ୍ୱର ସିଂ, ଶିକ୍ଷାବିତ ନିଲାଞ୍ଚଳ ଭୋଇ, ଆଇନଜୀବୀ କିଶୋର ମେହେର, ପୁରୋହିତ ସୁନା, ଖଲିଆପାଲି ସମିତି ସଭ୍ୟ କେଦାରନାଥ ସାହୁ, ବିଜେପି ନେତା ଅନିଲ ପ୍ରଧାନ, ଡମ୍ବରୁଧର କହଁର, ବିଜେପି ନେତା ପିନାକାଧର ରଣା, ଶୁଣ୍ଡିପଦର ଏସସିଏସ ସମ୍ପାଦକ ଲାଲ ବିହାରୀ ବଗର୍ତ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବିଶିଷ୍ଟ ସାହିତ୍ୟିକ ଡା. ସତ୍ୟନାରାୟଣ ମଲ୍ଲିକ ଅତିଥି ପରିଚୟ ଦେଇଥିଲେ ।

## କ୍ରିକେଟ ପ୍ରତିଯୋଗିତା: ବଙ୍କାପଡ଼ା ଚାମ୍ପିଅନ



ବୌଦ୍ଧ,୧୨ ।୧(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଗୁଡ଼ିଆଳି ଗ୍ରାମରେ ଏକଦିବସୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ସେମିଫାଇନାଲ ମ୍ୟାଚ ଗୁଡ଼ିଆଳି ଓ ଜଗତି ମଧ୍ୟରେ ଏବଂ ଦ୍ୱିତୀୟ ସେମିଫାଇନାଲ ଅମୁରଡ଼ା ମଧ୍ୟରେ ହୋଇଥିଲା । ଏଥିରେ ବଙ୍କାପଡା ଓ ଜଗତି ଫାଇନାଲକୁ ଯାଇଥିଲେ । ଫାଇନାଲ ଖେଳରେ ବଙ୍କାପଡା ଦଳ ଜଗତି ଦଳକୁ ୫ ଉଇକେଟରେ ହରାଇ ଚାମ୍ପିଅନ ହୋଇଥିଲା । ଖେଳକୁ ହରିହର ପଣ୍ଡା ଓ ସତ୍ୟ ପ୍ରଧାନ ପରିଚାଳନା କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଶମ୍ଭୁ ଗିରି, ଦୁଷ୍ଟ ମଲ୍ଲିକ, ବିକ୍ରମ ନାଏକ, ଶେଷଦେବ ନାୟକ ଯୋଗ ଦେଇଥିଲେ । ମା ଭୈରବୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତାରେ ୧୪ଟି ଦଳ ଅଂଶଗ୍ରହଣ କରିଥିଲେ । ସୁଜିତ ପ୍ରଧାନ, ପରୀକ୍ଷିତ ପ୍ରଧାନ, ଲିପୁନ ଗିରି, ରିତୁ ମହାକୁଡ଼, ଜଗନ ପ୍ରଧାନ, ଆଦିତ୍ୟ ସାହୁ, ଚନ୍ଦନ ସାହୁ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

## ଶ୍ରୀରାମ ଚନ୍ଦ୍ର ଟ୍ରଫି କ୍ରିକେଟ ପ୍ରତିଯୋଗିତା
## ମର୍ଯ୍ୟାଦପୁର ଚାମ୍ପିଅନ



ବୌଦ୍ଧ,୧୨ ।୧(ସମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ମର୍ଯ୍ୟାଦପୁର ଖେଳ ପଡିଆରେ ରଘୁନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୨ ତମ ଶ୍ରୀରାମ ଚନ୍ଦ୍ର ଟ୍ରଫି କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ବୁଢ଼ୀପଦର ଓ ମର୍ଯ୍ୟାଦପୁର ମଧ୍ୟରେ ହୋଇଥିଲା । ମର୍ଯ୍ୟାଦପୁର ଦଳ ଟସ୍ ଜିତି ବୁଢ଼ୀପଦର ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ବୁଢ଼ୀପଦର ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ହରାଇ ୧୫୮ ରନ୍ କରିଥିଲା । ଜବାବରେ ମର୍ଯ୍ୟାଦପୁର ଦଳ ୧୩. ୩ ଓଭରରେ ୮ ଉଇକେଟ ହରାଇ ୧୫୯ ରନ୍ କରି ଚାମ୍ପିଅନ ହୋଇଥିଲା । ରଘୁନାଥ ଭୋକ୍ତା ଓ ଭୁବନ ସେଠି ପରିଚାଳନା କରିଥିବା ବେଳେ ରାଜୁ ଅଦର ଧାରା ବିବରଣୀ ପ୍ରଦାନ କରିଥିଲେ । ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖୁଣ୍ଟବନ୍ଧର ପୂର୍ବତନ ସରପଞ୍ଚ ଯୋଗେଶ୍ୱର ମହାକୁଳ, ସମ୍ମାନିତ ଅତିଥି ଭାବେ ଆଇଆରବିର ପୁଲିସ କର୍ମଚାରୀ ସୋନୁ ବେହେରା, ସ୍ୱେଚ୍ଛାସେବୀ ପ୍ରଫୁଲ୍ଲ ଭୋକ୍ତା, ରଂଜିତ ଝାଙ୍କର, ଆଦିତ୍ୟ ବେହେରା, ସୁଦର୍ଶନ ବେହେରା ଯୋଗଦେଇ ରନର୍ସଅପ ବୁଢ଼ୀପଦର ଦଳକୁ ଟ୍ରଫି ସହ ୬ ହଜାର ଓ ଚାମ୍ପିଅନ ମର୍ଯ୍ୟାଦପୁର ଦଳକୁ ଟ୍ରଫି ସହ ୯ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ । ମ୍ୟାନ ଅଫ ଦ ମ୍ୟାଚ ପପୁନ ନାଏକ(ମର୍ଯ୍ୟାଦପୁର) ଓ ମ୍ୟାନ ଅଫ ଦ ସିରିଜ ବିକି ପ୍ରଧାନ (ବୁଢ଼ୀପଦର)ଙ୍କୁ ପୁରସ୍କୃତ କରିଥିଲେ । ଜାନୁଆରୀ ୧ ତାରିଖରୁ ଚାଲିଥିବା ଏହି କ୍ରିକେଟ ପ୍ରତିଯୋଗିତାରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ । ୧୧ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ରଘୁନାଥ କ୍ରିକେଟ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

## ରାଜ୍ୟସ୍ତରୀୟ ଖଟଖଟିଆ କ୍ରିକେଟ କପ୍ ଉଦ୍‌ଯାପିତ
## ୱେଷ୍ଟର୍ଣ୍ଣ ବଲାଙ୍ଗିର ଚାମ୍ପିଅନ



ବୌଦ୍ଧ,୧୨ ।୧ (ସମିସ): କଣ୍ଟାମାଳ ବ୍ଲକ୍ ଖଟଖଟିଆସ୍ଥିତ ଧୁବେନ ଆଟ ଖେଳପଡ଼ିଆରେ ଚାଲିଥିବା ୩୯ତମ ରାଜ୍ୟସ୍ତରୀୟ ଖଟଖଟିଆ କ୍ରିକେଟ କପ-୨୦୨୬ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ୱେଷ୍ଟର୍ଣ୍ଣ ବଲାଙ୍ଗିର ଏଏଫସିସି ବଲାଙ୍ଗିରକୁ ହରାଇ ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଦୁଇଟି ଫର୍ମାଟରେ ହୋଇଥିବା ମ୍ୟାଚରେ ପ୍ରଥମ ଫର୍ମାଟରେ ୱେଷ୍ଟର୍ଣ୍ଣ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ଓଭରରେ ୫ଉଇକେଟ ହରାଇ ୧୨୫ ରନ୍ ଜବାବରେ ଏଏଫସିସି ୮ଉଇକେଟ ବିନିମୟରେ ୧୧୫ରନ୍ କରି ପରାସ୍ତ ହୋଇଥିଲା । ସେହିପରି ଦ୍ୱିତୀୟ ଫର୍ମାଟରେ ମଧ୍ୟ ୱେଷ୍ଟର୍ଣ୍ଣ ଟସ୍ ଜିତି ବ୍ୟାଟିଂ କରି ୫ ଓଭରରେ ୫୯/୩ରେ ସିମିତ ରହିଥିଲା । ଜବାବରେ ଏଏଫସିସି ନିର୍ଦ୍ଧାରିତ ଓଭରରେ ୪୫/୩ରେ ଦୁଇ ଫର୍ମାଟରେ ପରାସ୍ତ ହୋଇ ଉପ ବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ସଭାପତି ରଂଜନ ପାତ୍ରଙ୍କ ତତ୍ତ୍ୱାବଧାନରେ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ସାଂସଦଙ୍କ ବୌଦ୍ଧ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ ଓ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭୁବନେଶ୍ୱର ବସ୍ତିଆ, ବିଜିତ ପ୍ରଧାନ, ପୁରନ୍ଦର କର୍ମୀ, ଶିକ୍ଷକ ସମୀର ପ୍ରଧାନ, କିରଣ ମହାନ୍ତି, କମିଟି ସଂପାଦକ ଆକାଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ସୁରେଶ ବିଶି ଓ ରଘୁବୀର ମିଶ୍ର ଖେଳ ପରିଚାଳନା କରିଥିଲେ । ବିନୋଦ ଭୋଇ, ଜ୍ୟୋତି ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ ।

# 'ସ୍କ୍ରିନ୍ ଟାଇମ୍‌ରୁ ଗ୍ରୀନ୍ ଟାଇମ୍' ପୋଷ୍ଟର ଉନ୍ମୋଚିତ



**ଭବାନୀପାଟଣା, ୧୨।୧(ସମିସ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, କଳାହାଣ୍ଡି ଦ୍ୱାରା ସ୍ଥାନୀୟ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣରେ ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜ୍ୟ ସମ୍ପାଦକ ସ୍ୱେତାଂଶୁ ଶେଖର ବରାଇଙ୍କ ଉପସ୍ଥିତି କ୍ରମେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନୂତନ ରାଷ୍ଟ୍ରୀୟ ଅଭିଯାନ' ସ୍କ୍ରିନ୍ ଟାଇମ୍ ରୁ ଗ୍ରୀନ୍ ଟାଇମ୍ ଅଭିଯାନର ପୋଷ୍ଟର ଉନ୍ମୋଚନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସହ ପ୍ରମୁଖ ଅମିୟ ଜ୍ୟୋତି ଜେନା, ବିଭାଗ ସଂଯୋଜକ ଚୁଡ଼ାମଣି ପ୍ରଧାନି, ନଗର ସମ୍ପାଦକ ଭୋଜରାଜ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଛନ୍ଦାଚରଣ ବେହେରା, ବିଦ୍ୟାଧର ଭୋଇ, ହେମନ୍ତ ନାୟକ, ମହେଶ ତାଣ୍ଡି, ଧନୀ ହିଆଲ, ତପନ ଗହିର, ଅଭୟ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଲାମୁଣ୍ଡାରେ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା, ୧୨।୧ (ସମିସ):** ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ଅବସରରେ ତଥା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଜାତୀୟ ଯୁବ ଦିବସ ଗୋଲାମୁଣ୍ଡା ବ୍ଲକ ସ୍ଥିତ ଶିବାଜୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଛି। ୧୮୭୫ ମସିହାରେ ବଙ୍କିମଚନ୍ଦ୍ର ଚାଟାର୍ଜୀ ଏହାକୁ ରଚନା କରିଥିଲେ। ଏହି ରାଷ୍ଟ୍ରଗୀତ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସମସ୍ତଙ୍କ ପାଇଁ ଉତ୍ସାହ ଓ ପ୍ରେରଣାର ଗୀତ ଥିଲା। ତେବେ ଏହି ଗୀତର ୧୫୦ବର୍ଷ ପୂର୍ତ୍ତି ଅବସରରେ ଆଜି ଗୋଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶହଶହ ଛାତ୍ରଛାତ୍ରୀଙ୍କୁ ନେଇ ଗୋଲାମୁଣ୍ଡା ବ୍ଲକ ପ୍ରଶାସନ ତରଫରୁ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ତ୍ରିପୁର ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାୟକ, ଏବିଡିଓ ବିଜୟ କୁମାର ନାୟକ, ବିଇଓ ରାଜେଶ କୁମାର ନାୟକ ପ୍ରମୁଖ ଯୋଗଦେଇ ଥିଲେ।



## ବିକାଶ କାର୍ଯ୍ୟର ସମୀକ୍ଷା କଲେ ଉନ୍ନୟନ କମିସନର

# ଲକ୍ଷାଧିକ ଟଙ୍କାର କାର୍ଯ୍ୟକ୍ରମ, କାମ ନଦେଖି କେବଳ ସମୀକ୍ଷା

**ନୂଆପଡ଼ା, ୧୨।୧(ସମିସ)**

ନୂଆପଡ଼ା ଜିଲ୍ଲାର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ବିକାଶ କାର୍ଯ୍ୟ ସବୁର ସମୀକ୍ଷା କରିବା ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ଆଜି ନୂଆପଡ଼ା ଜିଲ୍ଲା ଗସ୍ତ କରିଥିଲେ। ସ୍ଥାନୀୟ ଗୋତମା ଏୟାରଷ୍ଟ୍ରିପ୍‌ରେ ଅବତରଣ ପରେ ସେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦାନ କରିଥିଲେ। ଏହି ବୈଠକରେ ଜିଲ୍ଲାପାଳ ମଧୁସୂଦନ ଦାଶ, ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜୟ ଢୋଲକିଆ, ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା, ଡିଆଇଜି ଦକ୍ଷିଣ ପଶ୍ଚିମାଞ୍ଚଳ କୁଅଁର ବିଶାଲ ସିଂ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ସାଂସଦଙ୍କ ପ୍ରତିନିଧି ଆଇନଜୀବୀ ପ୍ରସନ୍ନ ପାଢ଼ୀ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ। ଏହି ଅବସରରେ ଉନ୍ନୟନ କମିଶନର କହିଲେ ଯେ ନୂଆପଡ଼ା ଯେହେତୁ ଏକ ଉପାନ୍ତ ଜିଲ୍ଲା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚାହୁଁଛନ୍ତି ଏହାର ସର୍ବାଙ୍ଗୀନ ବିକାଶ ହେଉ। ଏହା ଦେଶ ତଥା ରାଜ୍ୟରେ ଏକ ଆଦର୍ଶ ଜିଲ୍ଲା ହିସାବରେ ପରିଗଣିତ ହେଉ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନୁଦାନ ପ୍ରଦାନ କରିଥିବା ୧୫୫୫ କୋଟି ଟଙ୍କାର ପ୍ରକଳ୍ପ ଗୁଡ଼ିକର ଅଗ୍ରଗତିର ସେ ସମୀକ୍ଷା କରିଥିଲେ। ଏଥିରୁ କେବଳ ଜଳସେଚନ ପାଇଁ ୮୦୨ କୋଟି ଥିବାରୁ, କୃଷକମାନଙ୍କ ଉନ୍ନତି ପାଇଁ ଏସବୁ ଶୀଘ୍ର ସମାପ୍ତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ୧୦୬୪ ଟି ଗଭୀର ନଳକୂପ ଖନନ ଥିବାରୁ କାମ ଶୀଘ୍ର ସାରି ବିଦ୍ୟୁତ ସଂଯୋଗ ପାଇଁ ଗୁରୁତ୍ୱ ଦେଇଥିଲେ। ଏହା ସହିତ ମଞ୍ଜୁର ହୋଇଥିବା ରାସ୍ତା ଓ କୋଠାବାଡ଼ି ନିର୍ମାଣ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉଭୟ ବିଧାୟକ ଜିଲ୍ଲାର ବିଭିନ୍ନ ସମସ୍ୟା ଉପସ୍ଥାପନ କରି ଏହାର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲାପାଳ ଜିଲ୍ଲାରେ ଗ୍ରହଣ କରାଯାଉଥିବା ଅଭିନବ କାର୍ଯ୍ୟପନ୍ଥା, ଯେପରିକି ପ୍ରବାସୀ ଶ୍ରମିକ ସମସ୍ୟାର ସମାଧାନ ପାଇଁ ଅଭିଯାନ, ବର୍ଦ୍ଧିତ ଜନ ଶୁଣାଣୀ, ପ୍ଲାଷ୍ଟିକ ମୁକ୍ତ ଅଭିଯାନ, ଝିଅପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନଟିଏ, ପକ୍ଷୀ ପାଇଁ ଦିନଟିଏ, ବରିଷ୍ଠ ନାଗରିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା, ଗାଁ ରେ ରାଜସ୍ୱ ପ୍ରଶାସନ, ୱାର୍ଡରେ ପୌର ପ୍ରଶାସନ, ମାସିକ ଜିଲ୍ଲା ଉନ୍ନୟନ ବୈଠକ ଇତ୍ୟାଦି ବିଷୟରେ ସୂଚନା ଦେଇଥିଲେ। ଉନ୍ନୟନ ଆୟୁକ୍ତ ଏସବୁର ପ୍ରଶଂସା କରିଥିଲେ। ଏହାପରେ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କହିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଆମେ ନୂଆପଡ଼ାକୁ ଆସି ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ବିସ୍ତୃତ ଭାବରେ ସମୀକ୍ଷା କଲୁ। କିଛି ପ୍ରକଳ୍ପ କାମ ଶେଷ ହେଇଯାଇଛି, କିଛି ଆଗେଇ ଚାଲିଛି, କିଛି ପ୍ରକଳ୍ପ ଟେଣ୍ଡର ଆହ୍ୱାନ ପ୍ରକ୍ରିୟା ଚାଲିଛି, ଆଉ କିଛି ପ୍ରକଳ୍ପର ଡି ପି ଆର୍ ପ୍ରସ୍ତୁତ ସରିଛି। ଆମେ ସବୁ ପ୍ରକଳ୍ପ ଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କଲୁ। ଆମେ ଆଶା କରିଛୁ, ଜିଲ୍ଲାବାସୀଙ୍କ ସହଯୋଗରେ ଓ ସମସ୍ତ ଅଧିକାରୀଙ୍କ ପ୍ରଚେଷ୍ଟାରୁ ସବୁ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ ହେବ। ଉନ୍ନୟନ କମିଶନରଙ୍କ ଗସ୍ତ ପରେ ଜିଲ୍ଲାର ପ୍ରକଳ୍ପ ସବୁ ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଜିଲ୍ଲାବାସୀ ଆଶା ପୋଷଣ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି କମିସନର ଜିଲ୍ଲାକୁ ଆସିଥିଲେ। ଜିଲ୍ଲାବାସୀଙ୍କ ବହୁ ଆଶା ଆକାଂକ୍ଷା ଥିଲା ଯେ ଏଭଳି ଏକ ଉଚ୍ଚସ୍ତରୀୟ ଟିମ ଜିଲ୍ଲାର ଭାତ ହାଣ୍ଡିରୁ କିଛି ଭାତ ଚିପୁଡିଲା ଭଳି ଜିଲ୍ଲାର କିଛି ପ୍ରକଳ୍ପ ବୁଲି ଦେଖିବେ ବୋଲି ଅନାଇ ଚାହିଁ ବସିଥିଲେ, ହେଲେ ବିଳମ୍ବରେ ଆସି ଶୀଘ୍ର ଚାଲି ଯାଇଥିଲେ। ଅନ୍ୟପଟେ ଦିନ ତମାମ ଜିଲ୍ଲାର ୫ଟି ଯାକ ବ୍ଲକ ଅଞ୍ଚଳରୁ ସମସ୍ତ ବିଭାଗୀୟ ଅଧିକାରୀମାନେ ଆସି ଜଗି ରହିଥିଲେ।



# ଜୁନାଗଡ଼ ହାଇସ୍କୁଲରେ ପିଏମ୍‌ଶ୍ରୀ ଉତ୍ସବ

**ଜୁନାଗଡ଼, ୧୨।୧(ସମିସ):** କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ସ୍ଥିତ ଜୁନାଗଡ଼ ହାଇସ୍କୁଲରେ ବିଦ୍ୟାଳୟସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନେପାଳ ଚନ୍ଦ୍ର ବାଗ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସ୍ୱତନ୍ତ୍ର ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦଙ୍କ ପ୍ରତିନିଧି ଅନୀଲ କୁମାର ନନ୍ଦ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ନଗରପାଳ ହିମାଦ୍ରୀ ନାଏକ, ପୁରାତନ ଛାତ୍ର ସଂସଦର ସଭାପତି ସନ୍ତୋଷ ସିଂହ ଦେଓ, ସମ୍ପାଦକ କୁବଳେଶ୍ୱର ପାଣିଗ୍ରାହୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରୁପାକ୍ଷ ନାଏକ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ତପନ ମାଝୀ ଓ କାଉନସିଲର ହିମାଦ୍ରୀ ସିନ୍ଧୁର ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବ ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରଦର୍ଶନୀ ଷ୍ଟଲ ସଜାଯାଇଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାନେ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ତପିମଣି ଯାନୀ, ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ତପନ ମାଝୀ, ଡିପିଇଓ ରୁପସାିଙ୍ଗ ରାଉତ, ପିଏସଏସ କୋର୍ଡିନେଟର ପ୍ରଶାନ୍ତ ନନ୍ଦ, ଶିକ୍ଷାବିତ ମନୋରଞ୍ଜନ ପାଣିଗ୍ରାହୀ, ବିଜୟ ପାଢ଼ୀ ଆଲୁମିନି ସତ୍ୟ ସିଂହ, ବାଲାଜୀ ଯାଦବ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବରିଷ୍ଠ ଶିକ୍ଷକ ମଳୟ ମୁଣ୍ଡ ଓ ସଞ୍ଜୀବ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।



## ପର୍ଲା ଫୁଟବଲ ଚାମ୍ପିଅନ ଟ୍ରଫି ଉଦ୍‌ଘାଟିତ

# ୨-୦ ଗୋଲରେ ବଙ୍କାପଲା ବିଜୟୀ

**ଧର୍ମଗଡ଼, ୧୨।୧(ସମିସ):** ଧର୍ମଗଡ଼ ବ୍ଲକ ପର୍ଲାଗ୍ରାମଠାରେ ଆୟୋଜିତ ଫୁଟବଲ ଚାମ୍ପିଅନ ଟ୍ରଫିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଫୁଟବଲ କେବଳ ପ୍ରତିଯୋଗିତା ମୂଳକ ନୁହଁ ବରଂ ବନ୍ଧୁତା ସ୍ଥାପନ କରିବା ରେ ପ୍ରେରଣା ଯୋଗାଏ କହି ମୁଖ୍ୟ ଅତିଥି ଖେଳାଳିଙ୍କୁ ଉତ୍ସାହ କରିଥିଲେ। ଉଦ୍‌ଘାଟନେ ଦିବସରେ ବଙ୍କାପଲା -ଧର୍ମଗଡ଼ ଟିମ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ସଂଘର୍ଷ ପୂର୍ଣ୍ଣ ଖେଳରେ ବଙ୍କାପଲା ୨-୦ଗୋଲରେ ବିଜୟୀ ହୋଇଛି। ସମ୍ମାନିତ ଅତିଥି ଭାବେ ପର୍ଲା ସରପଞ୍ଚ ବ୍ରିଜଲାଲ ନାଏକ, ସମିତି ସଭ୍ୟା ପୂର୍ଣ୍ଣମୀ ଝାଙ୍କର, କଦଲିମୁଣ୍ଡା ସରପଞ୍ଚ ଘନକେଶି ବୋଡ଼କିଆ, ସମାଜସେବୀ ଘନଶ୍ୟାମ ଅଗ୍ରୱାଲ, ଅଧ୍ୟକ୍ଷ ନବକୁମାର ସୁନାରୀ, ବିଜ୍ଞାନଶିକ୍ଷକ ତେଜେଶ୍ୱର ସାହୁ, ସମାଜସେବୀ ମନୋଜ କୁମାର ପଟ୍ଟଯୋଶୀ, ବରିଷ୍ଠ ଖେଳାଳି ଲକ୍ଷ୍ମୀକାନ୍ତ ଧଙ୍ଗଡ଼ାମାଝୀ, ପୂର୍ବତନ ସରପଞ୍ଚ ସୁବାସ ବୋଡ଼କିଆ ପ୍ରମୁଖ ଉପସ୍ଥିତ ଥିଲେ। ପର୍ଲା ଫୁଟବଲ କମିଟି ସଭାପତି-କାମାକ୍ଷ ଦାସ, ଉପସଭାପତି-ମାନସ ରଞ୍ଜନ ଦାସ, ସମ୍ପାଦକ-ପାରେଶ୍ୱର ସାହୁ, ସହ ସମ୍ପାଦକ -ଚିନ୍ମୟ ଦାସ, ସହ ସମ୍ପାଦକ-ଅରକ୍ଷିତ ବାରିକ, କୋଷାଧ୍ୟକ୍ଷ-ଲଛମନ ଗୋପାଳ ସମେତ ସଦସ୍ୟ-କୃଷ୍ଣ ମୋହନ ଶବର, ସଂଗ୍ରାମ ଦାସ, ରଞ୍ଜିତ ଶବର, ଅର୍ଜୁନ ଗୋପାଳ ପ୍ରମୁଖ ସହଯୋଗ କରିଥିଲେ। ଖେଳ ପରିଚାଳନା -ତାପସ କୁମାର ଦାସ ସହ ଭୁପେନ୍ଦ୍ର ଗୋପାଳ, ସଞ୍ଜୀବ ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ।



# ଥୁଆମୂଳ ରାମପୁର ବିଜେଡି ପକ୍ଷରୁ ବନ୍ଧୁମିଳନ



**ଥୁଆମୂଳ ରାମପୁର, ୧୨।୧(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀ ଅଧୀନ ଥୁଆମୂଳ ରାମପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ରବିବାର ଦଳୀୟ କର୍ମୀମାନଙ୍କୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀଙ୍କ ଉପସ୍ଥିତିରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ବ୍ଲକ ସଭାପତି କପିଳାସ ନାଏକଙ୍କ ସଭାପତିତ୍ୱରେ ଜିଲ୍ଲା ସାଧାରଣ ସମ୍ପାଦକ ମାଣିକ୍ୟ ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ସଦସ୍ୟା ଟୁନି ଖୋସ୍ଲା, କାର୍ଯ୍ୟକାରୀ ସଭାପତି କୈଳାସ ପରିଚ୍ଛା, ଯୁବନେତା ଫଟୁସିଂ ଭୋଇ, ବ୍ଲକର ଦୁଇଟି ଜୋନ୍‌ର ସଭାପତି କୃଷ୍ଣଚନ୍ଦ୍ର ସାହୁ, ଲାଲ ନାଏକ ଓ ଅନ୍ୟ ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଦଳୀୟ ସଭାପତି ସମ୍ପାଦକଙ୍କ ସହିତ ବରିଷ୍ଠ ବିଜେଡି କର୍ମୀମାନେ ଯୋଗଦେଇ ଥିଲେ। ବିଜେପି ସରକାରର କାର୍ଯ୍ୟକଳାପ ଉପରେ ରାଜ୍ୟବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଥିବା ବେଳେ ସରକାର ସବୁ କ୍ଷେତ୍ରରେ ନିଜର ଅପାରଗତା ପ୍ରଦର୍ଶନ କରୁଛି। ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନ କାଳରେ ବିକାଶର ଗତିପଥ ଶୀର୍ଷକୁ ଛୁଇଁଥିଲା। କିନ୍ତୁ ବର୍ତ୍ତମାନ ସରକାରରେ ତାହା ହ୍ରାସ ହେବାରେ ଲାଗିଛି। ସରକାର ବଦଳିଛି ସତ କିନ୍ତୁ ଲୋକଙ୍କ ହୃଦୟରେ ଏବେବି ନବୀନ ପଟ୍ଟନାୟକଙ୍କ ଶାସନ କାଳର ବିଜେଡି ସରକାରକୁ ଯଥେଷ୍ଟ ଭଲପାଇବା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଲୋକଙ୍କ ସମସ୍ୟା ବୁଝିବା ସହିତ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ ବିଧାୟକ ଶ୍ରୀ ଦିଶାରୀ। ତୃଣମୂଳସ୍ତରରୁ ଦଳକୁ ମଜଭୁତ କରିବା ସହିତ ପୁନଃଲୋକଙ୍କ ଆସ୍ଥା ଓ ଭରସାର ନିକଟତର ହେବା ସେଥିପାଇଁ ସମସ୍ତ ନେତୃବୃନ୍ଦ ନିଜନିଜ ଅଞ୍ଚଳରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ ବିଧାୟକ ଶ୍ରୀ ଦିଶାରୀ। ଅଞ୍ଚଳର ସମସ୍ୟା ସମାଧାନ ନ କଲେ, ବିଭିନ୍ନ କ୍ଷେତ୍ରରେ ଲୋକଙ୍କ ହକ୍ ପାଇଁ ଲଢେଇ ଜାରି ରଖିବାକୁ ପରାମର୍ଶ ଦେଇଛନ୍ତି।

# ବିଭିନ୍ନ ସ୍ଥାନରେ ବିବେକାନନ୍ଦଙ୍କ ଜୟନ୍ତୀ




**ନୂଆପଡ଼ା, ୧୨।୧ (ସମିସ):** ନୂଆପଡ଼ା ଜିଲ୍ଲା ନ୍ୟାସନାଲ ମହାବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ହିତେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ପଶ୍ଚିମ ସମ୍ଭାଗ ପ୍ରମୁଖ ପ୍ରଫେସର ଚନ୍ଦ୍ରଶେଖର ଚନ୍ଦ୍ରକାର ମୁଖ୍ୟ ଅତିଥି, ଅଧ୍ୟାପକ ବୈଦ୍ୟନାଥ ଗଡ଼ତିଆ, ଅଧ୍ୟାପିକା ମମତା ପଟ୍ଟନାୟକ, ଡ.ପ୍ରଣତି ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ଜୀବନଦର୍ଶନ ଉପରେ ଆଲୋଚନା କରିବା ସହିତ ବିଶ୍ୱର ସମଗ୍ର ଯୁବ ସମାଜ ତାଙ୍କୁ ଆଦର୍ଶ ରୂପେ ଗ୍ରହଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଯୁବରେଡକ୍ରସ ଜିଲ୍ଲା ଆବାହକ-ସମ୍ପାଦକ ଶିବ ପ୍ରସାଦ ସା ସ୍ୱାଗତଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପକ ବୈକୁଣ୍ଠ ବେହରା ସଂଯୋଜନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ହେମାଳ ସା ଧନ୍ୟବାଦ ଅର୍ପଣ କରିଥିଲେ।



**କୋକସରା:** କୋକସରା ବ୍ଲକ ଭୂର୍ଷାଗୁଡା ସ୍ୱାମୀ ବିବେକାନନ୍ଦ ଯୁବ ସଂଘ ଦ୍ୱାରା ସୋମବାର ବିବେକାନନ୍ଦ ଜୟନ୍ତୀ ତଥା ରାଷ୍ଟ୍ରୀୟ ଯୁବ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଗ୍ରାମର ନକୁଳ ନାଏକ, ଦୁର୍ଜନ ମାଝୀ, ୱାର୍ଡସଭ୍ୟ ଦୈତାରୀ ମାଝୀ, ଟଙ୍କଧର ନାଏକ, ଭୂମିସୂତା ମାଝୀ, ରାଜେନ୍ଦ୍ର ଦାସ ନିଜ ନିଜ ଅଭିଭାଷଣ ରଖିଥିଲେ। ସଂଘ ସଭାପତି ଶିବାନ ମାଝୀ ସ୍ୱାଗତବାର୍ତ୍ତା ପ୍ରଦାନ କରିଥିବାବେଳେ ଜିତେନ୍ଦ୍ର କୁମାର ଠାକୁର ପରିଚାଳନା କରିଥିଲେ। ସଂଘ ଉପସଭାପତି ସୁଦର୍ଶନ ମାଝୀ, ସହ କୋଷାଧ୍ୟକ୍ଷ ଲଳିତ ଦିଆରୀ, ଉପଦେଷ୍ଟା ଲବ ମାଝୀ, ପଦ୍ମଲୋଚନ ମାଝୀ, ଉଗ୍ରେସନ ପୂଜାରୀ, ରୂପଧର ମାଝୀ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ସମ୍ପାଦକ କ୍ଷୀରୋଦ କୁମାର ନାଏକ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ।

# ପାରା ବ୍ୟାଡମିଣ୍ଟନ ଖେଳାଳି ଆକାଶ ମୁଣ୍ଡଙ୍କୁ ସମ୍ବର୍ଦ୍ଧନା



**କୋକସରା, ୧୨।୧(ସମିସ):** କୋକସରା ବ୍ଲକ ଆମପାଣି ବୁଢ଼ାରଜା ବ୍ୟାଡମିଣ୍ଟନ ଆସୋସିଏସନ୍ ପକ୍ଷରୁ ଜାତୀୟସ୍ତରର ପାରା ବ୍ୟାଡମିଣ୍ଟନ ଖେଳାଳି ଆକାଶ ରଞ୍ଜନ ମୁଣ୍ଡକୁ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ସମୟରେ ବୁଢ଼ାରଜା ବ୍ୟାଡମିଣ୍ଟନ ଆସୋସିଏସନ୍‌ର ତ୍ରିନାଥ ପ୍ରଶ୍ନ ରାୟ, ଋତୁରାଜ ମାଝୀ, ବିନୋଦ କୁମାର ସିଂ, ପ୍ରିତମ, ଅଗ୍ରୱାଲ, ଲାଲୁ ପଟେଲ, ଜିତେନ୍ଦ୍ର ପଣ୍ଡା, ସୁନୀଲ ଯୋଷୀ, ସପ୍ନେନ୍ଦୁ ମୁଣ୍ଡ, ଜୟ ଶଙ୍କର ପାଠୀ, ସୁରେଶ କୁମାର ସାହୁ ସମେତ ଆମପାଣି ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ପୁରୁଣା ଘରେ ଚାଲୁଛି ପ୍ରାଣୀସମ୍ପଦ ବିଭାଗ କାର୍ଯ୍ୟାଳୟ

# ଔଷଧ ରଖିବାକୁ ସ୍ଥାନ ନାହିଁ; କର୍ମଚାରୀଙ୍କ ଦାବି କେବେ ଶୁଣିବେ ସରକାର

**ଭବାନୀପାଟଣା, ୧୨।୧(ସମିସ)**

ପ୍ରାଣୀସମ୍ପଦର ସ୍ୱାସ୍ଥ୍ୟ ଓ ସୁରକ୍ଷା ଏବଂ କୃଷି କ୍ଷେତ୍ରରେ ସୃଜନଶୀଳତାର ବିକାଶ ବ୍ୟବସ୍ଥାରେ ସଂସ୍କାର ଆବଶ୍ୟକ ପଡୁଛି। କିନ୍ତୁ ରାଜ୍ୟ ସରକାର କେବଳ ମେଳା ମହୋତ୍ସବର ମାହୋଲ ସୃଷ୍ଟିକରି ପ୍ରାଣୀସମ୍ପଦ ଦାୟିତ୍ୱ ନିଜ ମୁଣ୍ଡ ଉପରୁ ଓହ୍ଲାଇ ଦେଉଥିବା ଲକ୍ଷ୍ୟ କରାଯାଇଛି। ଆଗାମୀ ଦିନରେ ପ୍ରାଣୀସମ୍ପଦର ଗତି କୁଆଡ଼କୁ ଯିବ ତାହା କହିବା ମୁସ୍କିଲ। ପୂର୍ବ ସରକାର ମଧ୍ୟ ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ବିଭାଗର ମେଳା କରିଆସୁଥିଲେ। ପ୍ରକୃତ ଚାଷୀ ଏବଂ ପ୍ରାଣୀ ସମ୍ପଦ ବିଭାଗର ଭଲମନ୍ଦ ପ୍ରତି ନଜର ରଖି କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ଏହିମେଳା ଜିଲ୍ଲାସଦର ମହକୁମାରୁ ବ୍ଲକସ୍ତରରେ ମଧ୍ୟ ଅନୁଷ୍ଠିତ ହେଉଛି। ପ୍ରାୟ ଏକ କୋଟି ଟଙ୍କା ମେଳା ମହୋତ୍ସବରେ ଶ୍ରାଦ୍ଧ ହେଉଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ପ୍ରାଣୀ ସମ୍ପଦ ବିଭାଗର କର୍ମଚାରୀଙ୍କ ସମସ୍ୟା ଓ ନ୍ୟାର୍ଯ୍ୟ ଦାବି ପ୍ରତି ଧ୍ୟାନ ଦିଆଯା ନ ଥିବା ଅନୁମାନ କରାଯାଉଛି। ସେହିପରି କଳାହାଣ୍ଡି ପ୍ରରିପ୍ରେକ୍ଷୀରେ କୁହାଯାଇପାରେ ଯେ ଭଲ ଅଫିସ ଘରଟିଏ ନାହିଁ। ଦଦରାଘର ଗ୍ୟାରେଜରେ ମୂଲ୍ୟବାନ ଔଷଧ ଆଦି ରଖିବାକୁ ହେଉଛି। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟରେ ଗଦା ଗଦା ସମସ୍ୟା। ନୂତନ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ନିର୍ମାଣ ପାଇଁ ଆସିଥିବା କୋଟିଏ ଟଙ୍କା ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହୋଇଥିଲେ ହେଁ ତାହା କାର୍ଯ୍ୟକାରୀ ହେଉ ନ ଥିବା ଦେଖାଯାଇଛି। ଯଦିଓ ମତ୍ସ୍ୟ ବିଭାଗ କାର୍ଯ୍ୟ ନିର୍ବାହୀ ଇଞ୍ଜିନିୟରଙ୍କୁ ଅଗ୍ରୀମ ଆକାରରେ ଟଙ୍କା ପ୍ରଦାନ କରାଯାଇଥିଲେ ସୁଦ୍ଧା ବର୍ଷେ ହୋଇଯିବ, ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। ଜିଲ୍ଲା ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ପୁରୁଣା ପାଞ୍ଚ ବଖରାରେ ଚାଲିଛି। କାର୍ଯ୍ୟାଳୟର ସଭା ଗୃହ ନାହିଁ ଓ ସ୍ଥାୟୀ ଔଷଧ ଭଣ୍ଡାର ଗୃହ ନଥିବାରୁ ଘୋର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବାବେଳେ ପ୍ରାଣୀ ଚିକିତ୍ସା ଏବଂ ଔଷଧ ଓ ଉପକରଣ ରଖିବା ପାଇଁ ଚିନ୍ତା ବଢ଼ାଉଛି। ସବୁ ସାମଗ୍ରୀ ବିଭିନ୍ନ ସ୍ଥାନରେ ରଖାଯାଇଛି ଓ ବଣ୍ଟନ କରାଯାଉଛି। ବର୍ଷା ଦିନେ ଅବସ୍ଥା ନ କହିଲେ ଭଲ। ଗ୍ୟାରେଜ ନ ଥିବାରୁ ଅଫିସ ଗାଡ଼ି ଗୁଡ଼ିକ ଖୋଲା ଆକାଶ ତଳେ ରହୁଛି। ଦୁଇଟି ବଡ଼ ବୁଢ଼ା ଗଛ, କାର୍ଯ୍ୟାଳୟ ପରିସରରେ ରହିଥିବା କାରଣରୁ ବର୍ଷା ଦିନେ ଡାଳ ଭାଙ୍ଗି କର୍ମଚାରୀଙ୍କ ବିପଦର କାରଣ ସାଜିଛି। ସେହିପରି କର୍ମଚାରୀମାନେ ବର୍ଷବର୍ଷ ଧରି ସେମାନଙ୍କ କେତେକ ଦାବି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ସତ କିନ୍ତୁ ଫଳ ଶୂନ୍ୟ ହେବାରୁ ନିରବି ଯାଇଛନ୍ତି। ଗତଥର ଯେଉଁମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରି ଦାବି ପୂରଣ ସକାଶେ ଅଡ଼ି ବସିଥିଲେ। ଦାବି ପୂରଣ ପରିବର୍ତ୍ତେ ଓଲଟା ୩୨ଦିନର ଦରମା ସରକାର ବନ୍ଦ କରିଦେଇଛନ୍ତି। ଓଡ଼ିଶା ପ୍ରାଣୀ ଚିକିତ୍ସା ବୈଷୟିକ ସେବା କ୍ୟାଡ଼ରର ବିଭିନ୍ନ ଦାବି ତଥା ସଠିକ୍ ଭାବେ କ୍ୟାଡ଼ର ପୁନର୍ଗଠନ ଓ ଭିଟି / ଏଲଟି, ଜୁନିଅର ଏଲ.ଇ.ଓ, ସିନିଅର ଏଲ.ଇ.ଓର ମୂଳ ପଦ ସଂଖ୍ୟା ବଢ଼ାଇବା, ପଦଗୁଡ଼ିକର କାର୍ଯ୍ୟସାରଣୀ ପ୍ରସ୍ତୁତ କରିବା, ପ୍ରତ୍ୟେକ ପଦ ପାଇଁ ଅଲଗା କାର୍ଯ୍ୟ ନିର୍ଦ୍ଧାରଣ କରିବା, ଚାରିଟି ପଦର କାମ ପ୍ରାୟତଃ ସମାନ ରହୁଥିବାରୁ କର୍ମଚାରୀମାନେ ସେଇ ଗୋଟିଏ କାମ କରି ବୀତସ୍ପୃହ ହୋଇଗଲେଣି। ଏଣୁ ବର୍ତ୍ତମାନ ପରିବର୍ତ୍ତନ ଆବଶ୍ୟକ ବୋଲି ଦାବି ହେଉଛି। କ୍ୟାଡର କରୁଥିବା କାର୍ଯ୍ୟାବଳୀ ନିମନ୍ତେ ସରକାରୀ ସ୍ୱୀକୃତି ଓ ଦୁଇ ବର୍ଷିୟା ଡିପ୍ଲୋମାର ପୁନଃପ୍ରଚଳନ ଦାବି ହେଉଛି। ଚତୁର୍ଥ ଶ୍ରେଣୀ କର୍ମଚାରୀ ମାନଙ୍କ, ପାଇଁ ଅଲଗା ପଦ ସୃଷ୍ଟି କରାଯାଉ। ଏଲଆଇ କ୍ୟାଡ଼ରର ମୂଳଦରମା ହାର ବଢ଼ାଇ ଗ୍ରେଡ୍ ପେ ୪୨୦୦/- ରେ ନିର୍ଦ୍ଧାରଣ କରାଯାଉ। ଚୁକ୍ତିଭିତ୍ତିକ ଏଲଆଇମାନଙ୍କୁ ୨୦୧୩ ପରିବର୍ତ୍ତେ, ୨୦୦୮ କୁ ଚାକିରି କାଳରେ ଗଣିବା ଓ ସେହିଦିନରୁ ସ୍ଥାୟୀ କାରାଯାଉ ବୋଲି ନିର୍ଦ୍ଦିଷ୍ଟ କିଛି ଦାବି ପ୍ରତି ସରକାର ଗମ୍ଭୀରତାର ସହିତ ବିଚାରକୁ ନେବା ସମୟ ଆସିଛି। କଳାହାଣ୍ଡିରେ ୧୪୦ଏଲ ଆଇ ପଦରୁ ଅଛନ୍ତି ୮୬ଜଣ। ବିଭିନ୍ନ ପଦ ପଦ ଖାଲି ପଡ଼ିଛି। ଅଥଚ କୋଟି କୋଟି ଟଙ୍କା ବ୍ୟୟରେ ରାଜ୍ୟବ୍ୟାପୀ ମେଳା ମହୋତ୍ସବ କରି ଚାଲିଛନ୍ତି। ଆଗାମୀ ଦିନରେ ମେଳା ମହୋତ୍ସବ ଏହି ସରକାର ପଞ୍ଚାୟତସ୍ତରରେ ମଧ୍ୟ କରିପାରନ୍ତି। କିନ୍ତୁ କଳାହାଣ୍ଡି ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର ଦୟନୀୟ ସ୍ଥିତି ଏବଂ କର୍ମଚାରୀଙ୍କ ଦାବିସମୂହର ପୁନର୍ବିଚାର କରି ସାହାଯ୍ୟ ଓ ସହଯୋଗ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।




**ମେଳା ମହୋତ୍ସବରେ ସୀମିତ କି ପ୍ରାଣୀ ସମ୍ପଦ ବିଭାଗର ବିକାଶ**

# ପ୍ରହସନ ପାଲଟିଲା ୧୨ ଘଣ୍ଟିଆ ପାଟଣାଗଡ଼ ବନ୍ଦ

- ପୁରୁଣା ଡାକ୍ତରଖାନାରେ ଓପିଡି ଦାବି
- ମଧ୍ୟାହ୍ନ ୧୨ଟା ପରେ ପରିସ୍ଥିତି ସ୍ୱାଭାବିକ
- ଆସିଲେନି ନେତୃତ୍ୱ ନେଇଥିବା ସାମାଜିକ କର୍ମୀ
- ଆନ୍ଦୋଳନକାରୀଙ୍କୁ ଉଠାଇ ନେଲା ପୁଲିସ

ପାଟଣାଗଡ଼,୧୨।୧ (ସମିସ)

ଗଙ୍ଗାସାଗରଠାରେ ନବ ନିର୍ମିତ ନୂତନ ଡାକ୍ତରଖାନାକୁ ଗତ ୨୯ ତାରିଖରେ ସମସ୍ତ ସ୍ୱାସ୍ଥ୍ୟ ସେବା ସ୍ଥାନାନ୍ତର କରାଯାଇଛି। ଏହାପରେ ସ୍ଥାନୀୟ ପୁରୁଣା ଡାକ୍ତରଖାନାରେ ଡାକ୍ତର ନିଯୁକ୍ତି ସହ ଓପିଡି ଖୋଲାଯାଇ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାପାଇଁ ଦାବି ହୋଇଆସୁଛି। ଏନେଇ ଗତ ସୋମବାର ଓ ଶନିବାର ପୁରୁଣା ଡାକ୍ତରଖାନା ସମ୍ମୁଖରେ ଜନସାଧାରଣ ରାସ୍ତା ରୋକ କରି ଦାବି ଜଣାଇଥିଲେ; କିନ୍ତୁ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପୂରଣ ନ ହେବାରୁ ସ୍ଥାନୀୟ କିଛି ସାମାଜିକ କର୍ମୀ ସୋମବାର ପାଟଣାଗଡ଼ ୧୨ ଘଣ୍ଟିଆ ବନ୍ଦ ହେବା ନେଇ ଡାକରା ଦେଇଥିଲେ। ଏହାକୁ ନେଇ କିଛି ସେଚ୍ଛାସେବୀ ସାମାଜିକ ଗଣମାଧ୍ୟମରେ ଅସନ୍ତୋଷ ପ୍ରକାଶ କରିଥିଲେ। ସୋମବାର ସକାଳ ୮ଟାରେ ପୁରୁଣା ଡାକ୍ତରଖାନା ସମ୍ମୁଖରେ ସହରବାସୀ ଏକତ୍ରିତ ହୋଇ ରାସ୍ତାରୋକ ସହ ଆନ୍ଦୋଳନ କରିଥିଲେ; କିନ୍ତୁ ଆନ୍ଦୋଳନର ନେତୃତ୍ୱ ନେଇଥିବା ଦୁଇ ସାମାଜିକ କର୍ମୀଙ୍କ ଦେଖା ନ ଥିଲା। ପାଟଣାଗଡ଼ ପୁଲିସ ଆନ୍ଦୋଳନ ସ୍ଥଳକୁ ଆସି ବୁଝାସୁଝା କରିବାକୁ ଉଦ୍ୟମ ପରେ ମଧ୍ୟ ଆନ୍ଦୋଳନକାରୀ ତାଙ୍କ ଜିଦରେ ଅଟଳ ରହିଥିଲେ। ପରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ଗାଡ଼ିରେ ବସାଇ ଥାନାକୁ ନେଇଥିଲେ। ଥାନା ପରିସରରେ କିଛି ସମୟ ପର୍ଯ୍ୟନ୍ତ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ୧୦ ଦିନ ଭିତରେ ଦାବି ପୂରଣ କରାଯିବା ନେଇ ପ୍ରତିଶ୍ରୁତି ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅନ୍ୟପଟେ ଆନ୍ଦୋଳନରେ ନେତୃତ୍ୱ ନେଇଥିବା ସାମାଜିକ କର୍ମୀ କୁଆଡେ ଗଲେ ବୋଲି ଚର୍ଚ୍ଚା ହୋଇଥିଲା। ରବିବାର ପାଟଣାଗଡ଼ ବନ୍ଦ ଡାକରା ନେଇ ଗଣମାଧ୍ୟମରେ ବୟାନ ଦେଇଥିବା ସାମାଜିକ କର୍ମୀ ଗିରିରାଜ ଭୋଇ ଓ ଜଗନ ମେହେର ପୁଲିସ ଭୟରେ ଫେରାର ହୋଇଯାଇଥିବା ଲୋକେ କହିଥିଲେ। ନୀରିହ ଜନସାଧାରଣଙ୍କୁ ମୋହରା ବନାଇ ଦୁଇ ସାମାଜିକ କର୍ମୀ ଆନ୍ଦୋଳନ ସମୟରେ ନ ରହିବା ଘଟଣା ସ୍ଥାନୀୟ ଜନସାଧାରଣ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ସକାଳୁ ସହରର ଦୋକାନ ବଜାର ବନ୍ଦ ରହିଥିଲା। ଆନ୍ଦୋଳନକାରୀଙ୍କୁ ପୁଲିସ ଉଠାଇନେବାପରେ ୧୨ ଘଣ୍ଟିଆ ବନ୍ଦ ଡାକରାର ପ୍ରଭାବ ଫିକା ପଡିଥିଲା। ମଧ୍ୟାହ୍ନ ୧୨ଟା ପରେ ସହରର ଦୋକାନ ବଜାର ଖୋଲିବା ସହ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ୫ ପ୍ରକଳ୍ପର ଶିଳାନ୍ୟାସ



ବୌଦ୍ଧ,୧୨।୧(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସୱାନ ହଲ୍‌ରେ ଆଭାସୀ ମାଧ୍ୟମରେ କନ୍ଧମାଳ ନିର୍ବାଚନ ମଣ୍ଡଳୀର ୫ଟି ରାସ୍ତାର ଉନ୍ନତ୍ତି କରଣ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଉତ୍ସବରୁ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିଳାନ୍ୟାସ କରିଥିଲେ। ରାଜ୍ୟ ପୂର୍ତ୍ତ, ଆଇନ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଥିଲେ। ବୌଦ୍ଧରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଅନ୍ୟତମ ସମ୍ମାନୀତ ଅତିଥି ଭାବେ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସନ୍ଦୀପ ଛୁଆଲ ସିଂ, ସହକାରୀ ନିର୍ବାହୀ ଯନ୍ତ୍ରୀ କୁନା ଚରଣ ସିଂ, ଆଞ୍ଚଳିକ ପରିବହନ ଅଧିକାରୀ ସୁଷମା ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ପ୍ରମୁଖ ଯୋଗ ଦେଇଥିଲେ।

## କନ୍ଧମାଳ ହାଇସ୍କୁଲର ବାର୍ଷିକ କ୍ରୀଡ଼ା



କନ୍ଧମାଳ,୧୨।୧(ସମିସ): କନ୍ଧମାଳ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ। ପ୍ରଧାନଶିକ୍ଷକ ମନୋରଂଜନ ପ୍ରଧାନଙ୍କ ତତ୍ୱାବଧାନରେ ସ୍ଥାନୀୟ ଶିବ ମନ୍ଦିରରୁ କ୍ରୀଡା ମଶାଲ ଅଣାଯାଇଥିଲା। କନ୍ଧମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁମନ୍ତ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମିଳିତ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଂଜୀବ ପ୍ରହରାଜ ଓ ବରିଷ୍ଠ ଶିକ୍ଷୟତ୍ରୀ ହେମ ହେମବନ୍ତୀ ବାଘ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ସୁଦାମ ଚରଣ ମିଶ୍ର ଓ ସୌରଭ ସାହୁ ବିଭିନ୍ନ ପ୍ରତିଯୋଗିତା ପରିଚାଳନା କରିଥିଲେ। ଶିକ୍ଷକ ବନମାଳୀ ମେହେର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଆଲୋକ ପରଡ଼ିଆ, ସତ୍ୟଜିତ ପଣ୍ଡା ସରୋଜ ସାହୁ, ଶିକ୍ଷୟତ୍ରୀ ମୀରାବାଇ ଧାରୁଆ, ସୁଭଦ୍ରା ମାଝୀ , ଶିକ୍ଷକ ଦେବାଶ୍ରିତ ପ୍ରଧାନ, ବୀରଭଦ୍ର ମିଶ୍ର, ନବକୁମାର ସାହୁ, କର୍ମଚାରୀ ମନୋଜ ବନଛୋର, ନିଳୀମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ତ୍ରୟୋବିଂଶତମ ବଲାଙ୍ଗିର ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ



ବଲାଙ୍ଗିର, ୧୨।୧(ସମିସ): ସ୍ଥାନୀୟ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ତ୍ରୟୋବିଂଶତମ ବଲାଙ୍ଗିର ଉପଖଣ୍ଡ ସ୍ତରୀୟ ଲୋକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଯାଇଛି। ଉପଜିଲ୍ଲାପାଳ ଆଲୋକ ପଟେଲଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଜଗଦାନନ୍ଦ ଛୁରିଆ, ବାଳମକୁନ୍ଦ ବେହେରା, ନରେନ୍ଦ୍ରନାଥ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଲୋକନୃତ୍ୟ, ଲୋକବାଦ୍ୟ, ଲୋକ ସଙ୍ଗୀତ, ଲୋକ ନାଟକ ଆଦି ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ବିଶାରଦ ଗୁରୁ ରବୀନ୍ଦ୍ର କୁମାର ଜେନା, ଲୋକଧର୍ମୀ ପ୍ରଦର୍ଶନ କଳା ଗୁରୁ ସୁମନ ବନଛୋରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମାନନ୍ଦ ବନଛୋର, କାଳି ପ୍ରସାଦ ଷଡଙ୍ଗି, ଘାସିରାମ ମିଶ୍ର, ମୁରଲିଧର ପତି, ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର, ଅନୁପ୍ରିୟା ମିଶ୍ର, ଦୀପକ ବରାଳ, ବସୁଦେବ ମେହେର, ସନାତନ ଠାକୁର, ବ୍ୟାସଦେବ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ଡେପୁଟି କଲେକ୍ଟର ନେସଲା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡେପୁଟି କଲେକ୍ଟର ସତ୍ୟଜିତ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସଂଗୀତା ଦାସ, ମଧୁ ସୁଦନ ନାୟକ ଓ ଜ୍ୟୋତି ପ୍ରକାଶ ସାହୁ ସଭା ସଂଯୋଜନା କରିଥିଲେ।

## ଅଣ୍ଡା ଦୋକାନରୁ ୪୩ ଲିଟର ମଦ ଜବତ, ଜଣେ ଗିରଫ



ଡୁଙ୍ଗୁରିପାଲି,୧୨।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ପୁଲିସ ଏକ ଅଣ୍ଡା ଦୋକାନରୁ ୪୩ ଲିଟର ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି। ଗତ କିଛିଦିନ ପୂର୍ବରୁ ସ୍ନାକ୍ସ ଦୋକାନରୁ ୬୫ ଲିଟର ବିଦେଶୀ ମଦ ଜବତ କରି ଦୁଇ ଜଣକୁ ପୁଲିସ ଗିରଫ କରିଥିଲା। ସୂଚନାମୁତାବକ, ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରବିବାର ରାତିରେ ଗଜବନ୍ଧ ଛକ ଏକ ଅଣ୍ଡା ଦୋକାନରେ ଚଢ଼ଉ କରି ପ୍ରାୟ ୪୩ ଲିଟର ବିଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତ ଦୋକାନୀ ପଣ୍ଡରାପାଳି ଗ୍ରାମର ଧନେଶ୍ୱର ସାହୁକୁ ଗିରଫ କରିଥିଲା। ଓଡିଶା ଏକ୍ସସାଇଜ ଆକ୍ଟ ଅନୁଯାୟୀ ରାମପୁର ଥାନାରେ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରିଥିବା ରାମପୁର ଥାନା ଅଧିକାରୀ ଡ଼ୋଲାମଣୀ ନାଇକ ସୂଚନା ଦେଇଛନ୍ତି।

## ମା' ଓ ମମତା କକ୍ଷ ଉଦଘାଟିତ



ଡୁଙ୍ଗୁରିପାଲି,୧୨।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଆନ୍ଧରିବାଞ୍ଜି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାର ପ୍ରଥମ ନିର୍ମିତ ମା' ଓ ମମତା କକ୍ଷ ଉଦଘାଟିତ ହୋଇଯାଇଛି। ସମସ୍ତ ମହିଳାଙ୍କ ପାଇଁ ନୂତନ ଭାବେ ନିର୍ମିତ ବିଶ୍ରାମ ଗୃହ ସହ ଶିଶୁମାନଙ୍କ ପାଇଁ, ସ୍ତନ୍ୟପାନ ପାଇଁ ନିର୍ମିତ ମା' ଓ ମମତା କକ୍ଷକୁ ଜିଲ୍ଲାପାଳ ଡ. ନୃପରାଜ ସାହୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଆରକ୍ଷୀ ଅଧିକ୍ଷକ, ନାରାୟଣ ନାଏକ, ବ୍ଲକ୍ ଅଧ୍ୟକ୍ଷା ଅହଲ୍ୟା ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ବାଡା, ସରପଞ୍ଚ ତେଯୋମୟୀ ସାହୁ, ପଞ୍ଚଯାତ ପିଇଓ ମୁକେଶ ସମନ୍ତରାୟ, ପଞ୍ଚଯାତର ୱାର୍ଡ ମେମ୍ବର, ଏମବିକେ, ସିଆରପିଙ୍କ ସମେତ ମା'ମାନେ ଯୋଗଦେଇଥିଲେ।

### ପାପକ୍ଷୟ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

## ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ



ବିନିକା,୧୨।୧(ସମିସ): ବିନିକା ପାପକ୍ଷୟ ଲୋକ ମହୋତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଦ୍ୱିତୀୟ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକିଥିଲା। ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରଙ୍କ ସଂଗୀତ ପରିବେଷଣ ସାଙ୍ଗକୁ ବରଗଡ଼ ମା' ଦିବ୍ୟ ରୂପା କଳା ପରିଷଦର ରୁମୁକୁ ଝୁମାନା, ମୋର ବେଗମ୍ ଫଟାଇ ଖାଇଲି ବେଲ ଆଦି ଲୋକ ନୃତ୍ୟରେ ମଞ୍ଚ ଦୁଲୁକିଥିଲା। କଳାକାରଙ୍କ ନୃତ୍ୟ ଶୈଳୀ ଦେଖି ଦର୍ଶକଙ୍କ ବିଭୋର ହୋଇଥିଲେ। ଦର୍ଶକଙ୍କ ତାଳିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ମହୋତ୍ସବ କମିଟି ସଭାପତି ପ୍ରଶାନ୍ତ ଦଣ୍ଡସେନାଙ୍କ ସଭାପତିତ୍ୱ ଓ ହିମାଂଶୁ ଭୂଷଣ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଶେଷଜ୍ଞ ଡ. ଅଶ୍ୱିନୀ ପୂଜାରୀ, ଡ. ବେଣୁଧର ପାଣ୍ଡେ, ସିଦ୍ଧାର୍ଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ରେଖା ପ୍ରଧାନ, ଶିକ୍ଷାବିତ୍ ମିନତି ମିଶ୍ର, ସଚେତନ ନାଗରିକ ସନ୍ତୋଷ ପଣ୍ଡା, ପୂର୍ବତନ ଇଓ ଦୁଃଖୀରାମ ନାଏକ, ଶିଳ୍ପପତି ବୁଲୁ ପାତ୍ର, କମିଟି ସମ୍ପାଦକ ଧର୍ମେନ୍ଦ୍ର ସାହୁ ,ଡ. ଆଭାସ ରଞ୍ଜନ ବାବୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ଡ. ସାହୁ ଅଞ୍ଚଳର କଳା, ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗଞ୍ଜେଇ ଚାଲାଣ ମାମଲାର ଫେରାର ଅଭିଯୁକ୍ତ ଗିରଫ

ତରଭା,୧୨।୧(ସମିସ): ୨୦୨୫ ଜୁଲାଇ ୧୭ ତାରିଖରେ ୯ କୁଇଣ୍ଟାଲ ଗଞ୍ଜେଇ ଚୋରାଚାଲାଣ କରି ତରଭା ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଏଥିରେ ଅନ୍ୟ ଜଣେ ଅଭିଯୁକ୍ତ କୌଶଳ କ୍ରମେ ଫେରାର ହୋଇଯାଇଥିଲା। ରବିବାର ବିଳମ୍ବିତ ରାତ୍ରିରେ ଫେରାର ଅଭିଯୁକ୍ତ ବୌଦ୍ଧ ଜିଲ୍ଲା କଣ୍ଟାମଲ ଥାନା ବରଡ଼ିପଦର ଗ୍ରାମର ଚନ୍ଦନ କର (୩୯)ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରଯାଇଥିବା ପୁଲିସ ସୂଚାଇଛି। ଗଞ୍ଜେଇ ଗାଡି ଗୁଡିକୁ ପାର କରାଇବାରେ ଚନ୍ଦନ ମୁଖ୍ୟ ଭୂମିକା ନିଭାଉଥିଲା ବୋଲି ପୁଲିସ କହିଛି।

## ଜିଲ୍ଲାପାଳଙ୍କ ନିର୍ମାଣାଧୀନ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ



ହରଭଙ୍ଗା, ୧୨।୧(ସମିସ): ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ହରଭଙ୍ଗାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପରିଦର୍ଶନ କରିଛନ୍ତି। ଏହି ପ୍ରକଳ୍ପ ମାଧ୍ୟମରେ ମହାନଦୀରୁ ହରଭଙ୍ଗା ବ୍ଲକର ବିଭିନ୍ନ ଗ୍ରାମ ସହ କନ୍ଧମାଳ ଜିଲ୍ଲାର ଫୁଲବାଣୀର ବିଭିନ୍ନ ଅଞ୍ଚଳକୁ ପାନୀୟ ଜଳ ଯୋଗାଣ କରାଯିବ। ଏହି ପ୍ରକଳ୍ପର କାର୍ଯ୍ୟ ତୁରନ୍ତ ସାରିବାକୁ କାର୍ଯ୍ୟ ନିର୍ବାହୀ ସଂସ୍ଥା ଏଲଏଣ୍ଡଟିର ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

### ■ କ୍ଷୀରୋଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ସେମିଫାଇନାଲରେ ଗୁମୁରଡୁଲା

ବୀରମହାରାଜପୁର,୧୨।୧(ସମିସ): ବୀରମହାରାଜପୁର ବ୍ଲକ୍ ଦୁର୍ଜନତୈଲା ପଞ୍ଚାୟତର ସାଗଜୁରୀ ଗ୍ରାମର ଖେଳ ପଡ଼ିଆରେ ୧୭ତମ କ୍ଷିରୋଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଥିଲା ତୃତୀୟ ଦିବସ। ସୋମବାର ତିନୋଟି ମ୍ୟାଚ ମଧ୍ୟରୁ ପ୍ରଥମ ମ୍ୟାଚଟି ସାଗଜୁରୀ ଓ ସିଣ୍ଢୋଲ ମଧ୍ୟରେ ହୋଇଥିଲା। ସିଣ୍ଢୋଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୭୬ ରନ୍ କରିଥିଲା। ଜବାବରେ ସାଗଜୁରୀ ଦଳ ଆବଶ୍ୟକୀୟ ୭୭ ରନକୁ ୫.୨ ଓଭରରେ ୨ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚଟି କଳାପଥର ଓ ଗୁମୁରଡୁଲା ମଧ୍ୟରେ ହୋଇଥିଲା। ଏଥିରେ ଗୁମୁରଡୁଲା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୮୧ ରନ କରିଥିଲା। ଜବାବରେ କଳାପଥର ୬ ଓଭରରେ ୩ ଉଇକେଟରେ ୭୬ ରନ କରି ପରାସ୍ତ ହୋଇଥିଲା। ତୃତୀୟ ମ୍ୟାଚଟି ପ୍ରଥମ ମ୍ୟାଚର ବିଜେତା ସାଗଜୁରୀ ଓ ଦ୍ୱିତୀୟ ମ୍ୟାଚର ବିଜେତା ଗୁମୁରଡୁଲା ମଧ୍ୟରେ ହୋଇଥିଲା। ଏଥିରେ ସାଗଜୁରୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟରେ ୫୩ ରନ କରିଥିଲା। ଗୁମୁରଡୁଲା ଦଳ କୌଣସି ଉଇକେଟ ନ ହରାଇ ଆବଶ୍ୟକୀୟ ୫୪ ରନ ସଂଗ୍ରହ କରି ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ପୁରସ୍କାର ବିତରଣ ଉତ୍ସବରେ ଭାରତୀୟ ସୈନ୍ୟ ବାହିନୀରେ କାର୍ଯ୍ୟରତ ଶ୍ରୀକାନ୍ତ ମହାକୁର ଓ କ୍ରୀଡ଼ାବିତ ଚିତ୍ତରଞ୍ଜନ କମ୍ପ ଅତିଥି ଭାବେ ଯୋଗଦେଇ ଗୁମୁରଡୁଲାର ଭୀମକାର ପଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ମନରଞ୍ଜନ ହାତୀ ଓ ଭରତ ଥାପା ଅମ୍ପାୟାର, ସୁଶିଲ ସେଠୀ ସ୍କୋରିଙ୍ଗ ଏବଂ ରମାକାନ୍ତ ଗହିର ଧାରା ବିବରଣୀ ପ୍ରଦାନ କରିଥିଲେ।

## ବୌଦ୍ଧେରେ ଜୀବନ ଶୈଳୀ ପ୍ରଦର୍ଶନୀ ଉତ୍ସବ




ବୌଦ୍ଧ, ୧୨।୧ (ସମିସ): ସଂଗ୍ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଧାରଣୀୟ ଓ ଜୀବନ ଶୈଳୀ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍ ଲାଲ୍ ଦୁବେ ସଭାପତିତ୍ୱ କରିଥିଲେ। ବୌଦ୍ଧ ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଚ୍ଛାୟତ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ଡି ଏସ୍ ଏସ୍ ଜୟନ୍ତ ପ୍ରଧାନ, ଡିପିଇଓ ଆନନ୍ଦ ବେହେରା ଏବଂ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ସଂଗ୍ରାମରର ପ୍ରଧାନ ଶିକ୍ଷକ ଭରତ ମେହେର ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ବୌଦ୍ଧ ପଞ୍ଚାୟତ କଲେଜର ଉଦ୍ଭିଦ ବିଭାଗର ଅଧ୍ୟାପକ ଡ. ପ୍ରବୀର ଦାସ, ଦହ୍ୟା ପି ଏମ୍ ଶ୍ରୀ ବିଦ୍ୟାଳୟର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଚିରଞ୍ଜିବୀ ପଟ୍ଟନାୟକ ଏବଂ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ଅବସପ୍ରାପ୍ତ ବିଜ୍ଞାନ ଶିକ୍ଷକ ପ୍ରମୋଦ ଚାନ୍ଦ ବିଚାରକ ଭାବେ ଯୋଗ ଦେଇଥିଲେ। ସଂଗ୍ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ନବର ଶ୍ରେଣୀ ଛାତ୍ର ବିବେକ ଭୋଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

ଟୁଟୁସୀଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀର ଛାତ୍ରୀ ଦେବସ୍ମିତା କରଡିଆ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ର ସ୍ୱାଗତ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗ ଦେଇଥିଲେ।

## ମାର୍ଚ୍ଚ ୧୮ରୁ ରାଜ୍ୟସ୍ତରୀୟ କୋଶଲୀ ନାଟବାଦୀ




ବଲାଙ୍ଗିର,୧୨।୧(ସମିସ): ସ୍ଥାନୀୟ ସଦାଇପାଲି ସାଇଟ୍ କଲେଜ ରାଧାକୃଷ୍ଣ ରଙ୍ଗମଞ୍ଚରେ ମାର୍ଚ୍ଚ ୧୮ରୁ ୨୧ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ମହାକୋଶଲ କୋଶଲୀ ନାଟବାଦୀ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ସାଇଟ୍ କଲେଜ ସଂପାଦକ ନାରାୟଣ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ବୈଠକରେ ତିନୋଟି କୋଶଲୀ ନାଟକ ଓ ତିନୋଟି ଲୀଳାନାଟକ ପ୍ରଦର୍ଶିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଇଚ୍ଛୁକ ନାଟ୍ୟଦଳ ଶୀଘ୍ର ଉପଦେଷ୍ଟା ଡ. ଶ୍ରୀକର ମିଶ୍ରଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

## ଡୁଙ୍ଗୁରିପାଲିରେ ଅଭିଯୋଗ ଶୁଣାଣି

ଡୁଙ୍ଗୁରିପାଲି,୧୨।୧(ସମିସ)



ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍‌ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଡୁଙ୍ଗୁରିପାଲି ବ୍ଲକ୍ ଅନ୍ଧାରିବାଞ୍ଜୀ ପଞ୍ଚାୟତ କାର୍ଯ୍ୟାଳୟର ପ୍ରାଙ୍ଗଣଠାରେ ଅନୁଷ୍ଠିତ ହୋଇଯାଇଛି। ଡୁଙ୍ଗୁରିପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ(ଏସ୍‌ପି) ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ସର୍ବମୋଟ ୫୨ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ୩୭ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୫ ଗୋଟି ସାମୁହିକ ରହିଥିଲା। ତନ୍ମଧ୍ୟରୁ ୮ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବ୍ଲକ୍ ଅଧ୍ୟକ୍ଷା ଅହଲ୍ୟା ସାହୁ, ସହକାରୀ ଜିଲ୍ଲାପାଳ ଅଜିତ କୁମାର ତ୍ରିପାଠୀଙ୍କ ସମେତ ତହସିଲଦାର ବିମଳ କିଶୋର ପାତ୍ର, ସରପଞ୍ଚ ତେଜୋମୟୀ ସାହୁ, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ, କର୍ମଚାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଦୁଇ ଭିନ୍ନକ୍ଷମ ହିତାଧିକାରୀ ଅନ୍ଧରିବାଞ୍ଜୀର ମାଧବୀ ନାୟକ ଓ ଗଣିଆର ଗ୍ରାମର ଟିଟୁ ସୁନାଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିଥିଲେ।

## ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ, ଉଦ୍‌ଘାଟିତ

ବଲାଙ୍ଗିର, ୧୨।୧(ସମିସ): ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେଥିମଧ୍ୟରୁ ସିନଖମନଠାରୁ ଭୂତିଆରବାହାଲ, ବଲାଙ୍ଗିରଠାରୁ ଅର୍ଜୁନପୁର, ପଥରଚେପା-ଭଇଁଷା, ବଲାଙ୍ଗିର-ଚନ୍ଦନଭାଟି ରାସ୍ତାର ଉନ୍ନତିକରଣ, ବଲାଙ୍ଗିର ସହରର ଡ୍ରେନ ନିର୍ମାଣର ଶିଳାନ୍ୟାସ କରିଛନ୍ତି। ସେହିପରି ଲୋଇସିଂହା-ଭରସୁଜା, ସାଲେଭଟା-ଆଗଲପୁର, ସାଲେଭଟା-କୁଟାସିଂହା, ୪ଲେନ ବିଶିଷ୍ଟ ବଲାଙ୍ଗିର ବାଇପାସ ରାସ୍ତାର ଉନ୍ନତିକରଣ ଓ ପ୍ରଶସ୍ତୀକରଣର ଉଦ୍‌ଘାଟନ କରିଛନ୍ତି। ଏହାସହ ସଇଁତଳା, କଣ୍ଟାବାଞ୍ଜି ଓ ଟିଟିଲାଗଡରେ ନୂତନ ଅଟଳ ବସଷ୍ଟାଣ୍ଡର ଲୋକର୍ପଣ କରିଛନ୍ତି। ଏଥିରେ ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର ଯୋଗ ଦେଇଥିଲେ। କଣ୍ଟାବାଞ୍ଜି ନୂତନ ଅଟଳ ବସଷ୍ଟାଣ୍ଡର ଲୋକର୍ପଣ କାର୍ଯକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗମନ୍ତ୍ରୀ ରବି ନାରାୟଣ ନାଏକ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଉପସ୍ଥିତ ଥିଲେ। ଟିଟିଲାଗଡର ନୂତନ ଅଟଳ ବସଷ୍ଟାଣ୍ଡର ଲୋକାର୍ପଣ କାର୍ଯ୍ୟକ୍ରମରେ ଟିଟିଲାଗଡ ବିଧାୟକ ନବୀନ ଜୈନ ଯୋଗ ଦେଇଥିଲେ। ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଆଶୁତୋଷ ଜେନା, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ନେଣ-ଦେଣ ସମୟରେ ସତର୍କ ରୁହନ୍ତୁ। ଦୀର୍ଘଦିନରୁ ଅଟକିଥିବା କାମ ପୂରା ହେବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ବୈବାହିକ ଜୀବନରେ ଚାଲିଥିବା ସମସ୍ୟାରୁ ମୁକ୍ତି ମିଳିବ।

**ବୃଷ:** ନୂତନ କାମ ଆରମ୍ଭ କରିବାକୁ ଭଲ ସମୟ। କୋର୍ଟ ସମ୍ବନ୍ଧୀୟ ମାମଲାର ସମାଧାନ ହେବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**ମିଥୁନ:** ଯାନବାହନ କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। ବ୍ୟବସାୟରେ କମ୍ ନିବେଶ କରି ଅଧିକ ଲାଭ ପାଇବେ। ପିଲାଙ୍କ ବଦମାସ ସ୍ୱଭାବରେ ପିତାମାତା ବିବ୍ରତ ହୋଇପାରନ୍ତି।

**କର୍କଟ:** ଅଫିସରେ ସହକର୍ମୀଙ୍କ ସହଯୋଗ ମିଳିବ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ବ୍ୟବସାୟ ଆରମ୍ଭ କରିବା ପାଇଁ ଗୁରୁଜନଙ୍କ ପରାମର୍ଶ ଲୋଡ଼ିବେ।

**ସିଂହ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ସମ୍ମାନ ହାନି ଯୋଗ। ଘରେ ପୂଜାପାଠ ଆୟୋଜନ କରିବେ। ସ୍ୱାସ୍ଥ୍ୟପ୍ରତି ଅଧିକ ଯତ୍ନଶୀଳ ହୁଅନ୍ତୁ। ଅବିବାହିତଙ୍କ ପାଇଁ ଉତ୍ତମ ପ୍ରସ୍ତାବ ଆସିପାରେ।

**କନ୍ୟା:** ଧନପ୍ରାପ୍ତି ଯୋଗ ରହିଛି। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବିଦେଶ ଯାତ୍ରା କରିପାରନ୍ତି। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଧାର୍ମିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନୂତନ ଯାନବାହନ କିଣି ପାରନ୍ତି। ଅଫିସରେ କାର୍ଯ୍ୟଭାର ବଢ଼ିବ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟା ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ।

**ଧନୁ:** ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ନିବେଶରୁ କ୍ଷତି ସହିବାକୁ ପଡ଼ିପାରେ।

**ମକର:** କର୍ମତତ୍ପର ରହିବେ। ଆଧ୍ୟାତ୍ମିକ ଦିଗରୁ ଦିନଟି ଭଲ। କର୍ମକ୍ଷେତ୍ରରେ କାମ ଚାପ ରହିବ। ଅନ୍‌ଲାଇନ୍‌ରେ କାମ କରୁଥିବା ଲୋକଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟରୁ ଆଶାଜନକ ଲାଭ ମିଳି ନ ପାରେ। ଚାକିରିରେ ବଦଳି ସମ୍ଭାବନା ଅଛି। ଭବିଷ୍ୟତ ପାଇଁ ସଞ୍ଚୟ କରିବେ ଓ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ।


## ଆଜିର ଇତିହାସ

- ୧୫୫୯ - ଏଲିଜାବେଥ୍ ପ୍ରଥମ ଇଂଲଣ୍ଡର ସାମ୍ରାଜ୍ଞୀ ହେଲେ।
- ୧୯୧୦ - ନ୍ୟୁୟର୍କରୁ ପ୍ରଥମ ରେଡ଼ିଓ ପ୍ରସାରଣ ଆରମ୍ଭ ହେଲା।
- ୧୯୩୦ - ମିକି ମାଉସ୍‌ର କମିକ୍ ଷ୍ଟ୍ରିପ୍ ପ୍ରକାଶ ପାଇଲା।
- ୧୯୯୫ - ବେଲାରୁସ୍ [uncertain reading] ନାଟୋର ୨୪ତମ ସଦସ୍ୟ ହେଲା।
- ୨୦୦୯ - ଜାମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲା ନ୍ୟାସନାଲ୍ କନ୍‌ଫରେନ୍ସର ଅଧ୍ୟକ୍ଷ ହେଲେ।



## ଧୂମପାନ ଧରିବ କାଚ

ସର୍ବସାଧାରଣ ସ୍ଥାନରେ ଧୂମପାନ ନିଷେଧର ନିୟମ ଥିଲେ ବି ଅନେକ ଏହାକୁ ମାନି ନ ଥାନ୍ତି। ସେହିପରି ଏଭଳି କାର୍ଯ୍ୟ କରୁଥିବା ଲୋକଙ୍କୁ ଚିହ୍ନଟ କରିବା ପାଇଁ ଏହିସବୁ ସ୍ଥାନରେ ସିସିଟିଭି ମଧ୍ୟ ନ ଥାଏ। ତେବେ ଏହି ସମସ୍ୟାର ଚୀନ୍ ଏକ ନିଆରା ସମାଧାନ ବାହାର କରିଛି। ଦକ୍ଷିଣ ଚୀନ୍‌ର ଏକ ସପିଂ ସେଣ୍ଟରର ପୁରୁଷଙ୍କ ଶୌଚାଳୟର ଦ୍ୱାରରେ ଏମିତି ଏକ କାଚ ଲଗାଇଛି, ଯାହା ଭିତରେ ଧୂମପାନ କଲେ ଏହି କାଚ ପାରଦର୍ଶୀ (ଟ୍ରାନ୍ସପରେଣ୍ଟ) ହୋଇଯିବ। ଗ୍ୱାଙ୍ଗଡୋଙ୍ଗ ଅଞ୍ଚଳରେ ଥିବା ଶେନଜେନର ଦୁଇଟି ଜୁଏଲାରି ମଲ୍ ଶୁଇବେଇ ଇଣ୍ଟରନ୍ୟାସନାଲ ସେଣ୍ଟର ଏବଂ ଶୁଇବେଇ ଜିନଜୁଆ ବିଲଡିଂର ଏହି ଘଟଣା ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଛି। ଏହି ଗ୍ଲାସ୍‌ରେ ଏକ ବିଶେଷ ଟେକ୍ନିକ୍‌ର ଉପଯୋଗ କରାଯାଇଛି। ତେବେ ଲୋକଙ୍କୁ ଏହା ବାବଦରେ ଜଣାଇବା ପାଇଁ ଶୌଚାଳୟ ଦ୍ୱାରରେ ଏକ ନୋଟିସ୍ ଲଗାଯାଇଛି। ଏଥିରେ ଉଲ୍ଲେଖ ଅଛି, 'ଧୂମପାନ କରିବା ଦ୍ୱାରା କାଚ ପାରଦର୍ଶୀ ହୋଇଯିବ। ଯଦି ଅନଲାଇନ୍‌ରେ ଭାଇରାଲ ହେବାକୁ ଚାହାନ୍ତି ନାହିଁ, ଧୂମପାନରୁ ଦୂରେଇ ରୁହନ୍ତୁ।' ଶେନଜେନରେ ଧୂମପାନ କଡ଼ାକଡ଼ି ଭାବେ ମନା। ସେହିପରି ସପିଂ ସେଣ୍ଟର ମଧ୍ୟ ଧୂମପାନ ରହିତ ସ୍ଥାନ। କିଛି ଲୋକ ଏହି ଟେକ୍ନିକ୍‌କୁ ଜାତୀୟସ୍ତରରେ ବ୍ୟବହାର ପାଇଁ ଦାବି କରିଛନ୍ତି। ଅନ୍ୟପଟେ ଏହି ସିଷ୍ଟମକୁ ଅଧିକ ଅପଡେଟ୍ କରିବା ଦିଗରେ କାର୍ଯ୍ୟ ଜାରି ରହିଛି।



## ମାନିକ୍ୱିନ୍ ନା ଶବ!

ମେକ୍ସିକୋ ଚିହୁଆହୁଆସ୍ଥିତ ଏକ ବ୍ରାଇଡାଲ ସପ୍ ଦୀର୍ଘ ୯୦ ବର୍ଷ ଧରି ଗ୍ରାହକଙ୍କ ଧ୍ୟାନ ଆକର୍ଷଣର କେନ୍ଦ୍ର ପାଲଟିଛି। 'ଲା ପପୁଲାର' ନାମକ ଏହି ଦୋକାନଟି ତା'ର ପୋଷାକ କିମ୍ବା କୌଣସି ବିଶେଷ ଅଫର୍ ପାଇଁ ଚର୍ଚ୍ଚାରେ ନାହିଁ। ଏହାର ପ୍ରସିଦ୍ଧିର ମୁଖ୍ୟ କାରଣ ହେଉଛି, ଦୋକାନ ସମ୍ମୁଖରେ ଥିବା 'ଲା ପାସ୍‌କ୍ୟୁଲିଟା ମାନିକ୍ୱିନ୍'। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଦୋକାନର ମାଲିକ ନିଜ ଝିଅର ମୃତ୍ୟୁ ପରେ ତାଙ୍କର ଶବକୁ ସଂରକ୍ଷଣ କରି ଏହାକୁ ମାନିକ୍ୱିନ୍ ଭଳି ସଜାଇ ରଖିଛନ୍ତି। ଏହି ଘଟଣାଟି ୨୫ ମାର୍ଚ୍ଚ, ୧୯୩୦ ମସିହାର। ଦୋକାନ ମାଲିକାଣୀ ପାସ୍‌କ୍ୟୁଲା ଏସ୍ପାର୍ଜାଙ୍କ ଝିଅର ବିବାହ ଦିନ ଥିଲା। ବିବାହ ଦିନ ଝିଅଟିର ମୃତ୍ୟୁ ହୋଇ ଯାଇଥିଲା। ତେବେ କୌଣସି ବିଷାକ୍ତ ବୁଢ଼ିଆଣୀ କାମୁଡ଼ିବାରୁ କିମ୍ବା ତାଙ୍କ ମା' ଏହି ବିବାହରେ ରାଜି ନଥିବାରୁ ସେ ବିଷପିଇ ଆତ୍ମହତ୍ୟା କରିଥିବା ଲୋକେ କୁହନ୍ତି। ଝିଅର ପିତା ଶବକୁ ପୋତିବା ପରିବର୍ତ୍ତେ ଏହାକୁ ସଂରକ୍ଷଣ କରି ଦୋକାନ ସମ୍ମୁଖରେ ବିବାହ ପୋଷାକ ପିନ୍ଧାଇ ଛିଡ଼ା କରି ଦେଇଥିବା ସ୍ଥାନୀୟ ଲୋକେ କୁହନ୍ତି। କାରଣ ମାନିକ୍ୱିନ୍‌ଟି ଅବିକଳ ଦୋକାନ ମାଲିକଙ୍କ ଝିଅ ଭଳି ଦେଖାଯାଉଥିଲା। ଏହି ଘଟଣାକୁ ୯୦ ବର୍ଷ ବିତି ଯାଇଥିଲେ ମଧ୍ୟ ପାସ୍‌କ୍ୟୁଲିଟା ସେହିପରି ସେଠାରେ ରହିଛି। ଏହି ମାନିକ୍ୱିନ୍‌କୁ ଦେଖିବା ପାଇଁ ଦୋକାନକୁ ଦୂରଦୂରାନ୍ତରୁ ପର୍ଯ୍ୟଟକ ଆସନ୍ତି। କିଛି ଲୋକଙ୍କ କହିବାନୁଯାୟୀ, ପାସ୍‌କ୍ୟୁଲିଟା ଆଖି ହଲାଇବା ସହ ହାତ ମଧ୍ୟ ହଲାଇଥାଏ। ସେହିପରି କିଛି ସ୍ଥାନୀୟ ଲୋକଙ୍କ କହିବାକଥା, ଏହି ମାନିକ୍ୱିନ୍‌ଟି ରାତିରେ ଜୀବନ୍ତ ହୋଇଯାଏ ଓ ଏହା ନିଜେ ପୋଷାକ ବଦଳାଇଥାଏ। ଏନେଇ ଦୋକାନର ମାଲିକ ଓ ଏଥିରେ କାର୍ଯ୍ୟରତ କର୍ମଚାରୀଙ୍କ କହିବାକଥା, ଏହା ଏକ ହାଇ ବଜେଟ୍‌ର ମ୍ୟାନିକ୍ୱିନ୍। ୧୯୩୦ ମସିହାରେ ଏହା ନୂଆ ଆସିଥିବାରୁ ଲୋକେ ଏହାକୁ ଶବକୁ ସଂରକ୍ଷଣ କରାଯାଇଥିବା କଥା ଭାବୁଛନ୍ତି। ସାମାଜିକ ଗଣମାଧ୍ୟମରେ ଏହି ମାନିକ୍ୱିନ୍‌ର ଭିଡିଓ ବେଶ୍ ଭାଇରାଲ ହେଉଛି।



## ଅଲଗା ହେଲେ ତାରା-ବୀର!

ବଲିଉଡ୍ ଅଭିନେତ୍ରୀ ତାରା ସୁତାରିୟା ଓ ବୀର ପହାରିଆଙ୍କ ପ୍ରେମ ସମ୍ପର୍କ ଅନେକ ଦିନରୁ ଖବରର ଶିରୋନାମା ପାଲଟିଥିଲା। ଏବେ ଉଭୟଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଯାଇଥିବା ଚର୍ଚ୍ଚା ହେଉଛି। କିଛି ଦିନ ପୂର୍ବରୁ ଉଭୟ ସମ୍ପର୍କରେ ଥିବା କଥାକୁ ବିଧିବଦ୍ଧ ଭାବେ ଘୋଷଣା କରିଥିଲେ। ଏହାପରେ ଉଭୟଙ୍କୁ ଅନେକ ବଲିଉଡ୍ ପାର୍ଟିରେ ମଧ୍ୟ ଏକାଠି ଦେଖିବାକୁ ମିଳିଥିଲା। ଏକ ପଡ୍‌କାଷ୍ଟରେ ମଧ୍ୟ ତାରା, ବୀରଙ୍କ କଥା କହିଥିଲେ। ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଛି ଯେ, ତାରା ଓ ବୀର ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଛନ୍ତି। ଏପି ଢିଲୋନଙ୍କର ଏକ କନସର୍ଟଙ୍କୁ ନେଇ ଦୁହିଁଙ୍କ ମଧ୍ୟରେ ବିବାଦ ହେବାପରେ ଉଭୟ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ନିକଟରେ ମୁମ୍ବାଇରେ ଏପି ଢିଲୋନଙ୍କର ଏକ କନସର୍ଟରେ ତାରା ଓ ବୀର ଯୋଗ ଦେଇଥିଲେ। ଏଥିରେ ଏପି ଢିଲୋନଙ୍କ ସହ ତାରା ମଞ୍ଚରେ ନାଚୁଥିଲେ। ବୀର ମଞ୍ଚ ତଳେ ରହି ତାରାଙ୍କୁ ସମର୍ଥନ କରୁଥିଲେ। ଏହି ସମୟରେ ଏପି ଢିଲୋନ ତାରାଙ୍କୁ ନିବିଡ଼ ଆଲିଙ୍ଗନ କରିଥିଲେ। ଏହାକୁ ମଞ୍ଚ ତଳେ ଉପସ୍ଥିତ ଥିବା ବୀର ସହଜରେ ଗ୍ରହଣ କରିପାରି ନ ଥିଲେ। ଏବେ ବୀରଙ୍କର ପ୍ରତିକ୍ରିୟା ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେବାକୁ ଲାଗୁଛି। ଯଦିଓ ଉଭୟ ବ୍ରେକ୍‌ଅପ୍ ଖବର ଉପରେ କିଛି ମନ୍ତବ୍ୟ ନେଇ ନାହାନ୍ତି, କିନ୍ତୁ ଏହି କନସର୍ଟ ଯୋଗୁଁ ବୀର ଓ ତାରାଙ୍କ ସମ୍ପର୍କରେ ତିକ୍ତତା ଆସିଥିବା ଚର୍ଚ୍ଚା ହେଉଛି।

---



## ସୁବର୍ଣ୍ଣା



## ପ୍ରାଣୀପାଳକଙ୍କ ପାଇଁ ଉପଯୋଗୀ ଯନ୍ତ୍ର

ଗାଈ, ଛେଳି, ମଇଁଷିଙ୍କ ଶାରୀରିକ ବୃଦ୍ଧି ପାଇଁ ସନ୍ତୁଳିତ ଖାଦ୍ୟ ଆବଶ୍ୟକ। ହେଲେ ବଜାରରେ ମିଳୁଥିବା ଖାଦ୍ୟ ସପ୍ଲିମେଣ୍ଟ ଅଧିକ ମହଙ୍ଗା ଥିବାରୁ କ୍ଷୁଦ୍ର ଚାଷୀ ଏହାକୁ କିଣି ପାରନ୍ତି ନାହିଁ। ଫଳରେ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ ପ୍ରଭାବିତ ହୁଏ। ତେଣୁ ଏହି ସମସ୍ୟାକୁ ଦୂର କରିବାକୁ ପଶ୍ଚିମବଙ୍ଗ, ଜଲପାଇଗୁଡି ଜିଲ୍ଲାର ୩୯ ବର୍ଷୀୟ କର୍ଣ୍ଣଦେବ ରାୟ ଏକ ଉପଯୋଗୀ ଏବଂ ଶସ୍ତା ଯନ୍ତ୍ର ତିଆରି କରିଛନ୍ତି। ଏହାକୁ ୟୁରିଆ ମିନେରାଲ ମୋଲାସେସ ବ୍ଲକ୍ ମେକର୍ କୁହାଯାଏ। ଏହା ପ୍ରାଣୀଙ୍କ ଲାଗି ପୋଷକଯୁକ୍ତ ମିନେରାଲ ବ୍ଲକ୍ ତିଆରି କରେ। ଯାହା ଦ୍ୱାରା ଗାଈ ଏବଂ ଛେଳିଙ୍କୁ ଆବଶ୍ୟକୀୟ ଖଣିଜଦ୍ରବ୍ୟ ଓ ଭିଟାମିନ୍ ମିଳିଥାଏ। ଏହି ଯନ୍ତ୍ରଟି ଏକ ଘଣ୍ଟାରେ ୨୦ରୁ ୨୫ ପୋଷକଯୁକ୍ତ ବ୍ଲକ୍ ତିଆରି କରିପାରିବ। ଗାଈ ଦୁଗ୍ଧ ଉତ୍ପାଦନରେ ଏହି ବ୍ଲକ୍ ଅଧିକ ପ୍ରଭାବୀ। ସେହିପରି ଛେଳିଙ୍କ ଶାରୀରିକ ଓଜନ ବୃଦ୍ଧି କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଯନ୍ତ୍ରଟି ୬୫ କିଲୋ। ଏହା ମଜବୁତ। ଏହା ୨୨ ଇଞ୍ଚ ଲମ୍ବା, ୧୧.୫ ଚଉଡ଼ା ଏବଂ ୩୬ ଇଞ୍ଚ ଉଚ୍ଚା। ଏହାକୁ ଚାଷୀମାନେ ନିଜ ସୁବିଧା ଅନୁସାରେ ବ୍ୟବହାର କରି ପାରିବେ। ଏହି ବ୍ଲକ୍‌ର ବ୍ୟବହାର କେବଳ ପ୍ରାଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆଣିବ ତାହା ନୁହେଁ ବରଂ ଗ୍ରାମୀଣ ଯୁବପିଢ଼ିଙ୍କୁ ରୋଜଗାରର ଅବସର ଦେବ।

## କୁକୁଡ଼ା ମଳରୁ ଜୈବିକ ଖତ



ଫସଲ ବୃଦ୍ଧି ପାଇଁ ଚାଷୀମାନେ ୟୁରିଆ, ଡିଏପି ଏବଂ ଅନ୍ୟାନ୍ୟ ରାସାୟନିକ ସାର ପ୍ରାୟତଃ ବ୍ୟବହାର କରିଥାନ୍ତି। କାଳକ୍ରମେ ଏହା ମାଟିର ଉର୍ବରତାକୁ ହ୍ରାସ କରିଥାଏ। କୁକୁଡ଼ା ମଳ ଓ ମୂତ୍ର ଫସଲରେ ଉତ୍କୃଷ୍ଟ ଜୈବିକ ଖତ ଭାବେ କାମ ଦିଏ। ଏହା ମାଟି ସଂରଚନା ସୁଧାରିବା ସହ ଜିଆ ବୃଦ୍ଧିରେ ସାହାଯ୍ୟ କରେ। ସାଧାରଣତଃ ଫାର୍ମରେ କୁକୁଡ଼ା ରହିବା ପାଇଁ କୁଣ୍ଡା ଓ ଭୁସି ତଳେ ପକାଯାଇଥାଏ। କୁକୁଡ଼ା ଏହା ଉପରେ ମଳ ଓ ପରିସ୍ରା କରନ୍ତି। ଏହା କିଛି ସମୟ ପରେ ପୋଷକତତ୍ତ୍ୱଯୁକ୍ତ ଜୈବିକ ଖତରେ ବଦଳିଯାଏ। ତେଣୁ ପୋଲଟ୍ରିଫାର୍ମରୁ ବାହାରୁଥିବା ଏହି ବର୍ଜ୍ୟକୁ ଦୈନିକ ଏକାଠି କରି ସୁରକ୍ଷିତ ସ୍ଥାନରେ ରଖି ଜମିରେ ଖତରୂପେ ବ୍ୟବହାର କରାଯାଇପାରିବ। ଏହା ମାଟିକୁ ଫସ୍‌ଫସିଆ କରିଥାଏ। ରାସାୟନିକ ସାରଠାରୁ ଏହା ବେଶ୍ ପ୍ରଭାବୀ। ଧାନ, ପରିବା, ଫଳ ଗଛରେ ଏହାକୁ ଆବଶ୍ୟକତା ଅନୁସାରେ ପ୍ରୟୋଗ କରିବା ଆବଶ୍ୟକ। ଡିପ୍‌ଲିଟର ପଦ୍ଧତିରେ କୁକୁଡ଼ା ପାଳନ କରୁଥିବା ଚାଷୀଙ୍କ ପାଇଁ ଏହା ସାରର ଏକ ଉତ୍କୃଷ୍ଟ ଉତ୍ସ ଅଟେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ପନିପରିବା ତଳିଘରାକୁ ନଡ଼ା ଦ୍ୱାରା ଆଚ୍ଛାଦିକରଣ କରନ୍ତୁ।
- ଧାନ ତଳି ଉପାଡ଼ିବା ୨ରୁ ୩ଦିନ ପୂର୍ବରୁ ୨ରୁ ୩ ସେମି ଠିଆ ପାଣି ରଖନ୍ତୁ।
- ରବି ଫସଲରେ ଶୋଷକ କୀଟ, ପତ୍ରପୋଡ଼ା ଓ ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ଅଛି। ତେଣୁ ନିୟମିତ ଫସଲରେ ପୋକ ଓ ରୋଗର ସର୍ବେକ୍ଷଣ କରନ୍ତୁ।
- ଗୋଲାପ ଗଛରେ ଉକୁଣିଆ ପୋକ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ଫିନୋପାଇରକ୍ସିମେଟ ୫% ଇସି ୨ ମିଲି ମିଶାଇ ସିଞ୍ଚନ କରନ୍ତୁ।
- ଗାଈଙ୍କୁ ଚର୍ମବିଣ୍ଡି ରୋଗ ହେଲେ ଦେହରେ ଆବୁ ଫଳିବା ସହ ଜ୍ୱର ଆସେ। ରୋଗ ମୁଖ୍ୟତଃ ମଶା, ମାଛି ଦ୍ୱାରା ବ୍ୟାପିଥାଏ। ତେଣୁ ଗୁହାଳକୁ ସଫା ରଖନ୍ତୁ। ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ।

## ପିଆଜ ଚାରାରୋପଣର ପରବର୍ତ୍ତୀ ଯତ୍ନ

**ଆମ ରାଜ୍ୟର ଚାଷୀଭାଇ ପ୍ରତିବର୍ଷ ଅକ୍ଟୋବର-ନଭେମ୍ବର ମାସ ମଧ୍ୟରେ ପିଆଜ ଚାରା ପକାନ୍ତି। ଡିସେମ୍ବର ସୁଦ୍ଧା ଚାରାକୁ ମୁଖ୍ୟ ଜମିରେ ଲଗାଇଥାନ୍ତି। ତେବେ ଜାନୁଆରୀରେ ପିଆଜ ଚାରା ରୋପଣର ପରବର୍ତ୍ତୀ ଯତ୍ନ ତଥା ଖତସାର ପ୍ରୟୋଗ ଓ ଜଳସେଚନ ଉପରେ ଅଧିକ ଧ୍ୟାନ ନ ଦେଲେ ଲାଭଯୁକ୍ତ ଅମଳ ମିଳିପାରି ନ ଥାଏ। ଏଥିପ୍ରତି ସତର୍କ ରହିବା ଜରୁରି।**

ବର୍ତ୍ତମାନ ପିଆଜର ଆକାର ଏବଂ ଓଜନ ବୃଦ୍ଧି ହେବାର ସମୟ। ଏହି ସମୟରେ ଜମିରେ ଆର୍ଦ୍ରତା ଅଧିକ କିମ୍ବା ବହୁତ କମ୍ ହେଲେ ପିଆଜର ବିକାଶ ହୁଏନି। ତେଣୁ ହେକ୍ଟର ପ୍ରତି ୧୨୦ କିଗ୍ରା. ଯବକ୍ଷାରଜାନ, ୬୦କିଗ୍ରା. ଫସ୍‌ଫରସ୍ ଏବଂ ୬୦ କିଗ୍ରା. ପଟାସ ସାର ପ୍ରୟୋଗ ଆବଶ୍ୟକ।



**ଜଳସେଚନ:** ତଳି ଲଗାଇବାର ପରବର୍ତ୍ତୀ ଅବସ୍ଥାରେ ମାଟିର ଜଳଧାରଣ କରିବା କ୍ଷମତାକୁ ବିଚାରକୁ ନେଇ ଜଳସେଚନର ବ୍ୟବସ୍ଥା କରିବାକୁ ପଡ଼ିଥାଏ। ଅଧିକ ଜଳ ଏବଂ ବାରମ୍ବାର ୟୁରିଆ ପ୍ରୟୋଗ ଯୋଗୁଁ ଗଛ ମୂଳ ସଢ଼ି ଥାଏ। ତେଣୁ ପାଗ ଦେଖି ଜମିରେ ପାଣି ମଡ଼େଇବା ଭଲ। ପିଆଜଗଛର ଖାଦ୍ୟ ସଂଗ୍ରହକାରୀ ଚେରଗୁଡ଼ିକ ମାଟିର ଉପରି ଭାଗରେ ରହୁଥିବାରୁ ଜମି ସର୍ବଦା ଓଦା ରହିବା ଦରକାର। କିନ୍ତୁ ଜମିରେ ପାଣି ଜମି ରହିବା ଅନୁଚିତ। ଗଛ ବଢ଼ିବା ସମୟରେ ଅଧିକ ବ୍ୟବଧାନରେ କମ୍ ଥର ଏବଂ ପିଆଜ ଫୁଲିବା ସମୟରେ କମ୍ ବ୍ୟବଧାନରେ ଅଧିକଥର (ଲଗାଇବାର ୬୦ ଦିନରୁ ୧୧୦ ପର୍ଯ୍ୟନ୍ତ) ପାଣି ମଡ଼ାଇବା ଆବଶ୍ୟକ। ଫସଲରେ ଘାସ ନିୟନ୍ତ୍ରଣ କରିବା ଜରୁରି।

ସେହିପରି ପିଆଜ ପାକଳ ହୋଇ ପତ୍ର ହଳଦିଆ ପଡ଼ି ଆସିବାର ୧୫-୨୦ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରି ଦିଅନ୍ତୁ। ସକାଳ ଏବଂ ସନ୍ଧ୍ୟା ସମୟରେ ହାଲୁକା ପାଣି ଦେଇ ପାରିବେ।

## ଏ ମାସର ଚାଷ

**ଶୀତରତୁରେ କମ୍ ତାପମାତ୍ରାରେ ବିଭିନ୍ନ ପ୍ରକାର ପନି ପରିବା ଚାଷ କରାଯାଏ। ନିର୍ଦ୍ଦିଷ୍ଟ ଚାଷପାଇଁ ଜମି ପ୍ରସ୍ତୁତ ହୁଏ। ତାହା ସହିତ ଏହି ମାସରେ ମୃତ୍ତିକା ପରୀକ୍ଷା, ଉଚିତ ମାତ୍ରାର ପୋଷକତତ୍ତ୍ୱ, ଜଳ ପ୍ରୟୋଗ ଏବଂ ଘାସ ନିୟନ୍ତ୍ରଣକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ।**

ଚାଷ ପୂର୍ବରୁ ମାଟି ପ୍ରସ୍ତୁତ କରାଯାଏ। ଏଥିପାଇଁ ଜମିରେ ଗୋବର, ଖତ କିମ୍ବା କୋକୋପିଟ୍ ମିଶାଇ ଜମି ପ୍ରସ୍ତୁତ କରିପାରିବେ। ଏହାଦ୍ୱାରା ସଠିକ୍ ସମୟରେ ଜଳ ସିଞ୍ଚନ, ଜୈବିକ ଖତ ବ୍ୟବହାର ଏବଂ କୀଟନିୟନ୍ତ୍ରଣ ଦ୍ୱାରା ଫସଲ ଗୁଣବତ୍ତା ଏବଂ ଉତ୍ପାଦନ



ଉଭୟ ବଢ଼ିଥାଏ। ଅତ୍ୟାଧୁନିକ କୌଶଳରେ ବ୍ରୋକଲି ଚାଷ କରାଯାଇପାରିବ।

- ଆଳୁ, ଟମାଟୋ, ବାଇଗଣ, ମଟର, ଲାଉ, ମେଥି, ପାଳଙ୍ଗ, ମୂଳା, ବିଟ୍, ଫ୍ରେଞ୍ଚବିନ୍, କଲରା, ପୋଟଳ ଲେମ୍ବୁ, ଅମୃତଭଣ୍ଡା ଚାଷ ପାଇଁ ଏବେ ବିହନ ବୁଣି ପାରିବେ।
- ମଟର ଫସଲରେ ପାଉଡରି ମିଲ୍ଡ୍ୟୁ ବା ପତ୍ର ପାଉଁଶିଆ ରୋଗ ଦେଖାଦେଲେ ପରିଚାଳନା କରନ୍ତୁ। ଚଣା, ମଟର ଏବଂ ମସୁର ଫସଲରେ ଜଳ ସିଞ୍ଚନରେ ଧ୍ୟାନ ଦେବା ଜରୁରି। ସଂକ୍ରାମକ ରୋଗ ନିୟନ୍ତ୍ରଣ ପାଇଁ ସୁବନ୍ଦୋବସ୍ତ କରନ୍ତୁ।
- ପାଳଙ୍ଗ, ମେଥି ଏବଂ ଧଣିଆ ପତ୍ରକୁ କାଟି ବଜାରକୁ ପଠାନ୍ତୁ। ଏଥିରୁ ମଞ୍ଜି ରଖିବାକୁ ଚାହୁଁଥିଲେ, ପତ୍ର କାଟିବା ସ୍ଥଗିତ ରଖନ୍ତୁ।

# ସୋଫିଙ୍କ ସହ ଧାୱନଙ୍କ ନିର୍ବନ୍ଧ



ନୂଆଦିଲ୍ଲୀ, ୧୨।୧ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଶିଖର ଧାୱନ ଓ ତାଙ୍କର ବାନ୍ଧବୀ ଆୟର୍ଲାଣ୍ଡର ସୋଫି ସାଇନଙ୍କ ମଧ୍ୟରେ ନିର୍ବନ୍ଧ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମରେ ଫଟୋ ଶେୟାର କରି ୪୦ ବର୍ଷୀୟ ଧାୱନ ଏହି ସୂଚନା ତାଙ୍କର ପ୍ରଶଂସକଙ୍କୁ ଜଣାଇଛନ୍ତି। ଉଭୟ ଧାୱନ ଓ ସୋଫିଙ୍କ ହାତ ଏହି ଫଟୋରେ ରହିଛି। ଯେଉଁଥିରେ ସୋଫିଙ୍କ ହାତରେ ନିର୍ବନ୍ଧ ମୁଦି ପିନ୍ଧି ଦେଖିବାକୁ ମିଳୁଛି। 'ଆମର ନିର୍ବନ୍ଧ ଲାଗି ଦେଇଥିବା ଭଲପାଇବା, ଆଶୀର୍ବାଦ ଓ ଶୁଭକାମନା ଲାଗି ଋଣୀ। ସବୁଦିନ ଲାଗି ଆମେ ଏକାଠି ରହିବା ଲାଗି ନିଷ୍ପତ୍ତି ନେଇଛୁ' ବୋଲି ଧାୱନ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଫେବୃଆରୀ ୩ୟ ସପ୍ତାହରେ ଧାୱନ ଓ ସୋଫିଙ୍କ ବିବାହ ଦିଲ୍ଲୀ-ଏନସିଆର୍‌ର ଏକ ବଡ଼ ହୋଟେଲରେ ଅନୁଷ୍ଠିତ ହେବ ବୋଲି ପୂର୍ବରୁ ରିପୋର୍ଟ ପ୍ରକାଶ ପାଇଥିଲା। ପ୍ରକାଶଯୋଗ୍ୟ, ଗତବର୍ଷ ଚାମ୍ପିଅନ୍ସ ଟ୍ରଫି ସମୟରେ ଧାୱନ ଓ ସୋଫିଙ୍କ ସମ୍ପର୍କକୁ ନେଇ ପ୍ରଥମେ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଧାୱନଙ୍କ ଏହା ୨ୟ ବିବାହ ହେବ। ଏଥିପୂର୍ବରୁ ସେ ୨୦୧୨ରେ ତାଙ୍କଠାରୁ ୮ ବର୍ଷ ବଡ଼ ଅଷ୍ଟ୍ରେଲୀୟ କିକ୍‌ବକ୍ସର ଆୟେଶା ମୁଖାର୍ଜୀଙ୍କ ବିବାହ କରିଥିଲେ। ତେବେ ୨୦୨୩ ଅକ୍ଟୋବରରେ ଉଭୟଙ୍କ ବିବାହ ବିଚ୍ଛେଦ ଘଟିଥିଲା।

# ଦ୍ୱିତୀୟ ବିବାହ କଲେ ମଣ୍ଟି ପାନିସାର୍



ଲଣ୍ଡନ, ୧୨।୧ (ଏଜେନ୍ସି): ଇଂଲଣ୍ଡର ପୂର୍ବତନ ପଞ୍ଜାବୀ କ୍ରିକେଟର ମଣ୍ଟି ପାନିସାର୍ ଦ୍ୱିତୀୟ ବିବାହ କରିଛନ୍ତି। ଗତକାଲି ସେ ସୁବ୍ରାନି ଜୋହାଲଙ୍କୁ ବିବାହ କରିଥିବା ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ପୂର୍ବରୁ ଗୁରୁଶରର ରତନଙ୍କ ସହ ପାନିସାର୍‌ଙ୍କର ବିବାହ ହୋଇଥିଲା। କିନ୍ତୁ ଏହା ୩ ବର୍ଷରେ ଭାଙ୍ଗିଯାଇଥିଲା। ବିବାହ ବିଚ୍ଛେଦ ହେଲା ବେଳକୁ ପାନିସାର୍‌ଙ୍କୁ ମାତ୍ର ୩୧ ବର୍ଷ ହୋଇଥିଲା। ଏବେ ସେ ୪୩ ବର୍ଷରେ ଲିସେଷ୍ଟର ବାସିନ୍ଦା ମିଡ୍ ଏଜୁକେସନାଲ ଟ୍ରଷ୍ଟରେ କାର୍ଯ୍ୟକରୁଥିବା ଜୋହାଲଙ୍କୁ ବିବାହ କରିଛନ୍ତି। ଜଣେ ସ୍ପିନର ଭାବେ ଇଂଲଣ୍ଡ ପକ୍ଷରୁ ୫୦ଟି ଟେଷ୍ଟ, ୨୬ଟି ଦିନିକିଆ ଓ ଗୋଟିଏ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ଯଥାକ୍ରମେ ୧୬୭, ୧୭ ଓ ୨ଟି ୱିକେଟ ଅକ୍ତିଆର କରିଛନ୍ତି।

## ମହିଳା ପ୍ରିମିୟର ଲିଗ୍: ମନ୍ଧାନା, ହାରିସଙ୍କ ଅର୍ଦ୍ଧଶତକ

# ଦ୍ୱିତୀୟ ବିଜୟ ସହ ଶୀର୍ଷରେ ଆର୍‌ସିବି

ନଭି ମୁମ୍ବଇ, ୧୨।୧(ଏଜେନ୍ସି)

ମହିଳା ପ୍ରିମିୟର ଲିଗ୍‌ରେ ସୋମବାର ଏଠାରେ ଅନୁଷ୍ଠିତ ୫ମ ଲିଗ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୯ ୱିକେଟ୍‌ରେ ୟୁପି ୱାରିୟର୍ଜଙ୍କୁ ହରାଇଦେଇଛି। ଓପନର୍ ଗ୍ରେସ ହାରିସଙ୍କ ଦମ୍‌ଦାର ଅର୍ଦ୍ଧଶତକୀୟ ଇନିଂସ ଖେଳି ଆର୍‌ସିବିକୁ କ୍ରମାଗତ ୨ୟ ବିଜୟ ଭେଟି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଦୁଇଟି ମ୍ୟାଚରୁ ୪ ପଏଣ୍ଟ ସହ ଆର୍‌ସିବି ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି। ଗୁଜରାଟ ଜାଏଣ୍ଟସ ସମାନ ୪ ପଏଣ୍ଟ ପାଇଥିଲେ ମଧ୍ୟ ରନରେଟ୍ ଆଧାରରେ ଦ୍ୱିତୀୟ ସ୍ଥାନକୁ ଖସିଯାଇଛି।

ୟୁପି ୱାରିୟର୍ଜ ପକ୍ଷରୁ ଧାର୍ଯ୍ୟ ୧୪୪ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରି ବେଙ୍ଗାଲୁରୁ ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପନର୍ ଅଧିନାୟିକା ମନ୍ଧାନା ଓ ଗ୍ରେସ୍ ହାରିସ ପ୍ରଥମ ୱିକେଟ୍ ଭାଗୀଦାରିରେ ୭୦ ବଲରୁ ୧୩୭ ରନ ଉଠାଇ ଦଳକୁ ଏକପାଖିଆ ବିଜୟ ନିକଟତର କରାଇଥିଲେ। ତେବେ ୮୫ ରନ କରି ଖେଳୁଥିବା ହାରିସଙ୍କୁ ଆଉଟ୍ କରି ଶିଖା ପାଣ୍ଡେ ୧୨ତମ ଓଭରରେ ଏହି ଯୋଡ଼ିକୁ ଭାଙ୍ଗିଥିଲେ। ହାରିସ ୪୦ ବଲ୍‌ର ଏହି ଅର୍ଦ୍ଧଶତକୀୟ ପାଳିରେ ୫ଟି ଛକା ଓ ୧୦ଟି ଚୌକା ମାରିଥିଲେ। ଏହାପରେ ରିଚା ଘୋଷ ଅଧିନାୟିକା ମନ୍ଧାନାଙ୍କ ସହ ଯୋଗଦେଇ ଦଳକୁ ୪୭ ବଲ୍ ଓ ୯ ୱିକେଟ୍ ବଳକା ଥାଇ ବିଜୟୀ କରାଇଥିଲେ। ୯ଟି ଚୌକା ବଳରେ ମନ୍ଧାନା ୩୨ ବଲରୁ ୪୭ ରନ ଓ ରିଚା ୨ ବଲରୁ ୪ ରନ କରି ଅପରାଜିତ ରହିଥିଲେ।



ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁପି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୪୩ ରନ୍ ସଂଗ୍ରହ କରିଛି। ଦଳ ପକ୍ଷରୁ ଡିଆଣ୍ଡ୍ରା ଡଟିନ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରି ୪୦ ଓ ଦୀପ୍ତି ଶର୍ମା ୪୫ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟିକା ମେଗ୍ ଲାନ୍ନିଂ ୧୪, ଫୋଏବ ଲିଚଫିଲ୍ଡ ୨୦, ହର୍ଲିନ ଦେଓଲ ୧୧ ରନ କରିଥିଲେ। ବୋଲିଂରେ ବେଙ୍ଗାଲୁରୁ ପକ୍ଷରୁ ନାଦିନ ଡି କ୍ଲେର୍କ ଓ ଶ୍ରେୟଙ୍କା ପାଟିଲ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

**ଆଜିର ମ୍ୟାଚ୍**
**ମୁମ୍ବାଇ ଇଣ୍ଡିଆନ୍ସ-ଗୁଜରାଟ ଜାଏଣ୍ଟସ**
**ଆରମ୍ଭ: ରାତି ୭ଟା ୩୦**

## ● ମୁମ୍ବଇ ମ୍ୟୁନ୍‌ସିପାଲ ନିର୍ବାଚନ

# ଦର୍ଶକଙ୍କ ବିନା ଖେଳାଯିବ ୨ଟି ମ୍ୟାଚ୍

ମୁମ୍ବଇ, ୧୨।୧(ଏଜେନ୍ସି): ଡିୱାଇ ପାଟିଲ ଷ୍ଟାଡିୟମ୍‌ରେ ବିନା ଦର୍ଶକରେ ଖେଳାଯିବ ମହିଳା ପ୍ରିମିୟର ଲିଗ୍‌ର ୨ ଦିନର ମ୍ୟାଚ୍। ଏହା ଫଳରେ କ୍ରମାଗତ ଲୋକପ୍ରିୟତା ଅର୍ଜନ କରିଥିବା ଏହି ଟୁର୍ଣ୍ଣାମେଣ୍ଟର ଖେଳ ଦେଖିବାକୁ ଦର୍ଶକ ବଞ୍ଚିତ ହେବେ। ଘଟଣାରୁ ଜଣାଯାଇଛି ଜାନୁଆରୀ ୧୫ରେ ମୁମ୍ବଇରେ ମ୍ୟୁନ୍‌ସିପାଲ ନିର୍ବାଚନ ଅନୁଷ୍ଠିତ ହେବ। ଏଣୁ ପୁଲିସ୍ ନିର୍ବାଚନରେ ବ୍ୟସ୍ତ ରହୁଥିବାରୁ ଜାନୁଆରୀ ୧୪ ଓ ୧୫ରେ ଷ୍ଟାଡିୟମ୍‌ରେ ସୁରକ୍ଷା ଯୋଗାଇ ଦେଇପାରିବ ନାହିଁ ବୋଲି ବିସିସିଆଇକୁ ଜଣାଇ ଦିଆଯାଇଛି। ଫଳରେ ଏହି ଦୁଇ ଦିନ ଦର୍ଶକଙ୍କ ଲାଗି ଷ୍ଟାଡିୟମ୍ ବନ୍ଦ ରହିବ। ୧୪ରେ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ୟୁପି ୱାରିୟର୍ଜ, ୧୫ରେ ମୁମ୍ବଇ ଇଣ୍ଡିଆନ୍ସ ଓ ୟୁପି ୱାରିୟର୍ଜ ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଆଗ୍ରହୀ ଦର୍ଶକମାନେ ଟେଲିଭିଜନରେ ଏହି ଖେଳ ଉପଭୋଗ କରିପାରିବେ।

## ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରୁ ବାଦ୍ | ପନ୍ତ୍‌ଙ୍କ ପରେ ସୁନ୍ଦର

ଭଦୋଦରା, ୧୨।୧(ଏଜେନ୍ସି): ଦୀର୍ଘ ୩ ସପ୍ତାହ ପରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିବା ଭାରତୀୟ ଦଳ ଆଘାତ ସମସ୍ୟାକୁ ନେଇ ଅଡୁଆରେ ପଡ଼ିଛି। ଗତକାଲିଠାରୁ ଆରମ୍ଭ ହୋଇଥିବା ଦିନିକିଆ ସିରିଜ୍‌ରୁ ୱାଶିଂଟନ ସୁନ୍ଦର ଦ୍ୱିତୀୟ ଭାରତୀୟ ଖେଳାଳିଭାବେ ଦଳରୁ ବାଦ୍ ପଡ଼ିଛନ୍ତି। ପୂର୍ବରୁ ସିରିଜ୍ ଆରମ୍ଭ ହେବା ପୂର୍ବରୁ ୱିକେଟରକ୍ଷକ ଋଷଭ ପନ୍ତ୍ ବାଦ୍ ପଡ଼ିଥିଲେ। ନ୍ୟୁଜିଲାଣ୍ଡ ସହ ପ୍ରଥମ ଦିନିକିଆରେ ବୋଲିଂ କରୁଥିଲାବେଳେ ବଲ ଫିଲ୍ଡ କରିବାକୁ ଯାଇ ସୁନ୍ଦର ଆହତ ହୋଇଛନ୍ତି। ତାଙ୍କ ମାଂସପେସୀ ଟାଣି ହୋଇଯାଇଥିବା ଜାଣିବାକୁ ମିଳିଛି। ଫଳରେ ସେ ମାତ୍ର ୫ ଓଭର ବୋଲିଂ କରିପାରିଥିଲେ। ରନ୍ ଚେଜ୍ କଲାବେଳେ ମଧ୍ୟ ବହୁ କଷ୍ଟରେ ବ୍ୟାଟିଂ କରିଥିଲେ ସୁନ୍ଦର। ଖେଳ ପରେ ତାଙ୍କ ଆଘାତ ସମସ୍ୟାର ତର୍ଜମା କରାଯାଇଥିଲା। ସେଥିରେ ସମସ୍ୟା ଗମ୍ଭୀର ଥିବାରୁ ତାଙ୍କୁ ସିରିଜ୍‌ର ଅବଶିଷ୍ଟ ୨ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବା ଦିଲ୍ଲୀ ରଣଜୀ ଦଳର ଅଧିନାୟକ ଆୟୁଷ ବଦୋନିଙ୍କୁ ସାମିଲ କରାଯାଇଛି। ପୂର୍ବରୁ ପନ୍ତ୍‌ଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ଦଳରେ ସାମିଲ କରାଯାଇଥିଲା। ଟି-୨୦ ସିରିଜ୍ ଲାଗି ମନୋନୀତ ତିଲକ ବର୍ମାଙ୍କୁ ମିଶାଇ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବାକୁ ମନୋନୀତ ହୋଇଥିବା ୩ଜଣ ଖେଳାଳି ଆଘାତ ସମସ୍ୟା ଯୋଗୁ ଦଳରୁ ବାଦ୍ ପଡ଼ିଛନ୍ତି।

# ଟି-୨୦ ବିଶ୍ୱକପ୍: ତିରୁଅନନ୍ତପୁରମ, ଚେନ୍ନଇରେ ଖେଳିପାରେ ବାଂଲାଦେଶ

ଦୁବାଇ, ୧୨।୧(ଏଜେନ୍ସି): ମୁସ୍ତାଫିଜୁର ରହମନଙ୍କୁ ଆଇପିଏଲ୍‌ରୁ ବାଦ୍ ଦେବା ପରେ ଖେଳାଳିଙ୍କ ଜୀବନପ୍ରତି ବିପଦ ଥିବା ଦର୍ଶାଇ ଭାରତରେ ବାଂଲାଦେଶ ଟି-୨୦ ବିଶ୍ୱକପ୍ ଖେଳିବ ନାହିଁ ବୋଲି ଆଇସିସିକୁ ଅନୁରୋଧ କରିଛି। କିନ୍ତୁ ଏହା ଉପରେ କୌଣସି ନିଷ୍ପତ୍ତି ନିଆଯାଇପାରି ନାହିଁ। କିନ୍ତୁ ବାଂଲାଦେଶର ଭେନ୍ୟୁ ଭାରତରୁ ଶ୍ରୀଲଙ୍କାକୁ ସ୍ଥାନାନ୍ତର ନ କରିବାକୁ ଆଇସିସି ଓ ସହ ଆୟୋଜକ ବିସିସିଆଇ ରାଜି ନୁହଁନ୍ତି। ବାଂଲାଦେଶ ତାହାର ଲିଗ୍ ମ୍ୟାଚ୍ କୋଲକାତା ଓ ମୁମ୍ବଇରେ ଖେଳିବାର କାର୍ଯ୍ୟକ୍ରମ ରହିଛି।

ଏହି ଦୁଇଟି ଭେନ୍ୟୁକୁ ତାମିଲନାଡୁର ଚେନ୍ନଇ ଓ କେରଳର ତିରୁଅନନ୍ତପୁରମରେ ଆୟୋଜନ କରିବାକୁ ଯୋଜନା ହୋଇଛି। ଉଭୟ ରାଜ୍ୟର କ୍ରିକେଟ ବୋର୍ଡକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏହି ଦୁଇଟି ରାଜ୍ୟରେ ବାଂଲା ବିରୋଧି ମନୋଭାବ ସାଧାରଣତଃ ନାହିଁ। ଏଣୁ ମ୍ୟାଚ୍ ସେଠାରେ ମ୍ୟାଚ୍ ହେଲେ ବିଶେଷ କିଛି ଅସୁବିଧା ହେବ ନାହିଁ ବୋଲି ଉଭୟ ଆଇସିସି ଓ ବିସିସିଆଇ ଆଶା ପ୍ରକାଶ କରିଛନ୍ତି।

# ମା'ଙ୍କ ନିକଟକୁ ସମସ୍ତ ଟ୍ରଫି ପଠାଇଥା'ନ୍ତି କୋହଲି



ଭଦୋଦରା, ୧୨।୧ (ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜର ପ୍ରଥମ ମ୍ୟାଚକୁ ଘରୋଇ ଭାରତ ୪ ୱିକେଟ୍‌ରେ ଜିତିନେଇଛି। ୯୩ ରନର ମ୍ୟାଚ ବିଜୟୀ ପାଳି ଖେଳିଥିବା ବିରାଟ କୋହଲି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଯେଉଁଥି ପାଇଁ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୭୧ଥର ଲାଗି କୋହଲି ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ସେହିଭଳି ଦିନିକିଆ କ୍ରିକେଟ୍‌ରେ ଏହା ତାଙ୍କର ୪୫ତମ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଥିଲା। ପୁରସ୍କାର ଗ୍ରହଣ ଅବସରରେ ବିରାଟ କୋହଲି ଏକ ବଡ଼ ଖୁଲାସା କରିଛନ୍ତି। 'ତୁମ ପାଖରେ କେତୋଟି ପ୍ଲେୟର ଅଫ୍ ଦି ଆୱାର୍ଡ ଟ୍ରଫି ରହିଛି' ବୋଲି ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଏହାର ଉତ୍ତରରେ ୩୭ ବର୍ଷୀୟ କୋହଲି କହିଥିଲେ ଯେ 'ସତ କହିବାକୁ ଗଲେ ମୋର କୌଣସି ଧାରଣା ନାହିଁ। ମୁଁ ମୋର ସମସ୍ତ 'ପ୍ଲେୟର ଅଫ୍ ଦି ମ୍ୟାଚ୍ ଟ୍ରଫି' ଗୁରୁଗ୍ରାମରେ ରହୁଥିବା ମା'ଙ୍କ ନିକଟକୁ ପଠାଇ ଦେଇଥାଏ। ମୋ ମା' ପୁରସ୍କାର ରଖିବାକୁ ବହୁତ ଭଲ ପାଆନ୍ତି।

## ମହମ୍ମଦ୍ ନବିଙ୍କ ସ୍ୱପ୍ନ ପୂରଣ ହେଲା | ବିପିଏଲ୍‌ରେ ଏକାଠି ଖେଳିଲେ ବାପ-ପୁଅ



ସିଲହଟ୍, ୧୨।୧(ଏଜେନ୍ସି): ପୁଅ ହାସନ ଈସାଖିଲଙ୍କ ସହ ଏକାଠି ଖେଳିବାକୁ ଆଫଗାନିସ୍ତାନର କିଂବଦନ୍ତି କ୍ରିକେଟର ମହମ୍ମଦ୍ ନବି ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ଗତକାଲି ଅନୁଷ୍ଠିତ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍) ପୂରଣ ହୋଇଛି। ଢାକା କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଉଭୟ ୪୧ ବର୍ଷୀୟ ବାପ ନବି ଓ ୧୯ ବର୍ଷୀୟ ପୁଅ ଈସାଖିଲ ନୋଆଖାଲି ଏକ୍ସପ୍ରେସ୍ ଟିମ୍‌ରୁ ଖେଳିଥିଲେ। କେବଳ ଉଭୟ ମ୍ୟାଚ୍ ଖେଳି ନ ଥିଲେ, ବରଂ ଦଳକୁ ୪୧ ରନ୍‌ର ବଡ଼ ବ୍ୟବଧାନରେ ବିଜୟୀ କରାଇଥିଲେ। ଏହି ମ୍ୟାଚ୍‌ରେ ଈସାଖିଲ ଇନିଂସ ଓପନ କରି ୯୨ ରନ୍ କରିଥିଲେ। ସେ ମଧ୍ୟ ପିତା ନବିଙ୍କ ସହ ୫୩ ରନ୍‌ର ପାର୍ଟନରସିପ୍ କରିଥିଲେ। ଏହି ମ୍ୟାଚ୍ ବିଜୟୀ ଇନିଂସ ଯୋଗୁଁ ଈସାଖିଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ■ ବିଜୟ ହଜାରେ ଟ୍ରଫି

# ସେମିରେ କର୍ଣ୍ଣାଟକ, ସୌରାଷ୍ଟ୍ର

ବେଙ୍ଗାଲୁରୁ, ୧୨।୧(ଏଜେନ୍ସି): କର୍ଣ୍ଣାଟକ ଓ ସୌରାଷ୍ଟ୍ର ଚଳିତବର୍ଷର ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଏଠାରେ ପ୍ରଥମ କ୍ୱାର୍ଟର ଫାଇନାଲରେ କର୍ଣ୍ଣାଟକ ଭିଜେଡି ମେଥଡ ଅନୁଯାୟୀ ମୁମ୍ବଇକୁ ୯ ୱିକେଟରେ ଓ ସୌରାଷ୍ଟ୍ର ୭ ୱିକେଟରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି। ଆସନ୍ତାକାଲି ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲରେ ଦିଲ୍ଲୀ ସହ ବିଦର୍ଭର ଓ ପଞ୍ଜାବ ସହ ମଧ୍ୟପ୍ରଦେଶର ମୁକାବିଲା ହେବ। ଆଜିର ପ୍ରଥମ କ୍ୱାର୍ଟରରେ ବ୍ୟାଟିଂ କରି ମୁମ୍ବଇ ୮ ୱିକେଟରେ ୨୫୪ ରନ୍ କରିଥିଲା। ସ୍ପିନ ଅଲରାଉଣ୍ଡର ସାମ୍ସ ମୁଲାନି ୮୬, ଅଧିନାୟକ ସିଦ୍ଧେଶ ଲାଡ ୩୮ ଓ ସାଇରାଜ ପାଟିଲ ଅପରାଜିତ ୩୩ ରନ୍ କରିଥିଲେ। କର୍ଣ୍ଣାଟକ ପକ୍ଷରୁ ବିଦ୍ୟାଧର ପାଟିଲ ୩ଟି ୱିକେଟ ପାଇଥିଲେ। କର୍ଣ୍ଣାଟକ ବ୍ୟାଟିଂ ଆରମ୍ଭ କରି ୩୩ ଓଭରରେ ୧ ୱିକେଟ ହରାଇ ୧୮୭ ରନ୍ କରିଥିଲାବେଳେ ବର୍ଷା ଓ ଆଲୋକ ଅଭାବରୁ ଖେଳ ବନ୍ଦ ରଖାଯାଇଥିଲା। ଫଳରେ ଭିଜେଡି ମେଥଡ ଅନୁଯାୟୀ କର୍ଣ୍ଣାଟକକୁ ୩୩ ଓଭରରେ ୧୩୪ ରନ୍‌ର ଟାର୍ଗେଟ ରହିଥିଲା। ଏଣୁ କର୍ଣ୍ଣାଟକକୁ ୫୫ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା। ଦେବଦତ୍ତ ପାଡିକଲ ୮୧ ଓ କରୁନ ନାୟାର ୭୪ ରନ୍‌ରେ ଅପରାଜିତ ରହିଥିଲେ। ସେହିପରି ଦ୍ୱିତୀୟ କ୍ୱାର୍ଟରରେ ଅଭିଷେକ ଗୋସ୍ୱାମୀ ୮୮ ଓ ସମୀର ରିଜଭୀଙ୍କ ଅପରାଜିତ ୮୮ ରନ୍ ସହାୟତାରେ ଉତ୍ତରପ୍ରଦେଶ ୮ ୱିକେଟରେ ୩୧୦ ରନ୍ କରିଥିଲା। ଜବାବରେ ହାର୍ଭିକ ଦେଶାଇଙ୍କ ଅପରାଜିତ ୧୦୦ ରନ୍ ସହାୟତାରେ ସୌରାଷ୍ଟ୍ର ୪୦.୧ ଓଭରରେ ୩ ୱିକେଟ ହରାଇ ୨୩୮ ରନ କରିଥିଲାବେଳେ ବର୍ଷା ଓ ଆଲୋକ ଅଭାବରୁ ଖେଳ ସମ୍ଭବ ହୋଇ ନ ଥିଲା। ଫଳରେ ଭିଜେଡି ମେଥଡ ଅନୁଯାୟୀ ସୌରାଷ୍ଟ୍ରକୁ ୧୭ ରନ୍‌ରେ ବିଜୟୀ ଘୋଷିତ କରାଯାଇଥିଲା।

# ଓଡ଼ିଶା ଆସିବେ ଚେସ୍ କିଂବଦନ୍ତି ଆନନ୍ଦ



ଭୁବନେଶ୍ୱର, ୧୨।୧(ସମିସ): ଭାରତୀୟ ଚେସର କିଂବଦନ୍ତି ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କ ସହ ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ)ର ସଭାପତି ଆର୍କାଡି ଡିଭୋରକୋଭିଚ୍, ଉପସଭାପତି ଡାନା ରେଜିନ୍‌ଙ୍କ ସମେତ ଦେଶ ଓ ବିଦେଶର ଚେସ୍ କର୍ମକର୍ତ୍ତା ଓ ଖେଳାଳି ଓଡ଼ିଶା ଆସିବେ। କିଟ୍ ଡିମ୍‌ଡ ୟୁନିଭର୍ସିଟି ଆନୁକୂଲ୍ୟରେ କିଟ୍ କ୍ୟାମ୍ପସ ଓ ଏକ ଘରୋଇ ହୋଟେଲରେ ଆସନ୍ତା ଜାନୁଆରୀ ୧୪ରୁ ୧୬ ଯାଏ ସୋସିଆଲ ଆଣ୍ଡ ଏଜୁକେସନାଲ ଚେସ୍ ଉପରେ ଏକ କର୍ମଶାଳା ଆୟୋଜିତ ହେବ। ଏହି ଅବସରରେ କିଟ୍ ଇଣ୍ଟରନ୍ୟାସନାଲ ଚେସ୍ ହଲ ଓ ଚେସ୍ ଗ୍ରାଉଣ୍ଡକୁ ଆନନ୍ଦ ଉଦ୍‌ଘାଟନ କରିବେ। ଫିଡେ ସଭାପତି ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଟୁର୍ଣ୍ଣାମେଣ୍ଟରେ ୪୦ଟି ଦେଶର ପ୍ରାୟ ୫,୨୦୦ ଚେସ୍ ଖେଳାଳି ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି ବୋଲି କିଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଏପରି କର୍ମଶାଳା ଦେଶରେ ପ୍ରଥମଥର ଆୟୋଜିତ ହେଉଛି ଓ ଏଥିଲାଗି ଭାରତର ଖେଳାଳିମାନେ ବେଶ ଉତ୍ସାହିତ ଅଛନ୍ତି ବୋଲି ଇଭେଣ୍ଟ କମିସନ ସଦସ୍ୟ ରଞ୍ଜନ ମହାନ୍ତିଙ୍କଠାରୁ ଜଣାଯାଇଛି।

# କଳିଙ୍ଗରେ ୧୭ରୁ ମାଗଣାରେ ଖେଳ ଦେଖିବେ ଦର୍ଶକ

**ହକି ଇଣ୍ଡିଆ ଲିଗ୍**

ଭୁବନେଶ୍ୱର, ୧୨।୧(ସମିସ): ଓଡ଼ିଶା ତଥା ଭୁବନେଶ୍ୱର ହକି ପ୍ରେମୀଙ୍କ ଲାଗି ଏକ ଶୁଭ ଖବର। ଏଠାରେ ଜାନୁଆରୀ ୧୭ରୁ ୨୬ ତାରିଖଯାଏ ଖେଳାଯିବାକୁ ଥିବା ପୁରୁଷ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ସମସ୍ତ ମ୍ୟାଚ୍ ଦର୍ଶକ ମାଗଣାରେ ଦେଖିପାରିବେ। ଏ ସମ୍ପର୍କରେ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲର ଅଧ୍ୟକ୍ଷ ଦିଲୀପ ତିର୍କୀ ଘୋଷଣା କରିବା ସହ ଜାତୀୟ ତଥା ଅନ୍ତର୍ଜାତୀୟ ଖେଳାଳିଙ୍କ ଖେଳ ଦେଖିବାକୁ ଓଡ଼ିଶାର ସମସ୍ତ ହକିପ୍ରେମୀ କଳିଙ୍ଗ ଷ୍ଟାଡିୟମ୍ ଆସିବାକୁ ଅନୁରୋଧ କରିଛନ୍ତି। ଦର୍ଶକମାନେ https://ticketgenie.in/event/Hero-Hockey-India-League-୨୦୨୫-୨୬ ୱେବ୍‌ସାଇଟ୍‌ରେ ନିଜ ଟିକଟ ସଂରକ୍ଷିତ କରିପାରିବେ। ଏଥର ପୁରୁଷ ଏଚ୍‌ଆଇଏଲ୍‌ରେ ୮ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଟାଇଟଲ ଦାବିଦାର ରହିଛି। ଏଚ୍‌ଆଇଏଲ୍‌ର ତୃତୀୟ ଭାଗର ସମସ୍ତ ମ୍ୟାଚ୍ କଳିଙ୍ଗରେ ଖେଳାଯିବ। ଏଠାରେ ୯ଦିନ ମ୍ୟାଚ୍ ଅନୁଷ୍ଠିତ ହେବ। ଜାନୁଆରୀ ୨୪ରେ ବିଶ୍ରାମ ଦିବସ, ଜାନୁଆରୀ ୧୯, ୨୧, ୨୨ ଓ ୨୫ରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳାଯିବ। ଜାନୁଆରୀ ୨୩ରେ କ୍ୱାଲିଫାୟର-୧ ଓ ଏଲିମିନେଟର ଖେଳାଯିବ। ଜାନୁଆରୀ ୨୫ରେ କ୍ୱାଲିଫାୟର-୨, ଜାନୁଆରୀ ୨୬ରେ ତୃତୀୟ ସ୍ଥାନ ଓ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ହକି ଇଣ୍ଡିଆ ଲିଗ୍

# ଏସଜି ପାଇପର୍ସର ପ୍ରଥମ ବିଜୟ

ରାଞ୍ଚି, ୧୨।୧ (ଏଜେନ୍ସି)

ଏସ୍‌ଜି ପାଇପର୍ସ ଦଳ ଚଳିତ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ପୁରୁଷ ବିଭାଗରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ସୋମବାର ସ୍ଥାନୀୟ ଜୟପାଲ୍ ସିଂହ ଆଷ୍ଟ୍ରୋ ଟର୍ଫରେ ଅନୁଷ୍ଠିତ ଏକ ମ୍ୟାଚରେ ପାଇପର୍ସ ୨-୧ ଗୋଲ୍‌ରେ ହାଇଦରାବାଦ୍ ତୁଫାନ୍ସକୁ ପରାସ୍ତ କରିଥିଲା। ତୋମାସ ଡୋମେନେ ଡବଲ୍ ଗୋଲ୍‌ସ୍କୋର କରି ପାଇପର୍ସକୁ ଟୁର୍ଣ୍ଣାମେଣ୍ଟରେ ପ୍ରତୀକ୍ଷିତ ବିଜୟ ପଏଣ୍ଟ ଭେଟି ଦେଇଥିଲେ। ଏଥିସହ ପାଇପର୍ସ ୩ଟି ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ସୁଟ୍‌ଆଉଟ୍ ପରାଜୟ ସହ ୪ ପଏଣ୍ଟ ପାଇ ଟେବଲ୍‌ର ୫ମ ସ୍ଥାନରେ ରହିଛି।

ହାଇଦରାବାଦ୍ ତୁଫାନ୍ସ ବିପକ୍ଷ ଏହି ମ୍ୟାଚର ପ୍ରଥମାର୍ଦ୍ଧରେ ପାଇପର୍ସ ଦଳ ପ୍ରଭାବ ବିସ୍ତାର କରି ଖେଳିଥିଲା। ପ୍ରଥମ କ୍ୱାର୍ଟରର ୮ମ ମିନିଟ୍‌ରେ ଆର୍ଜେଣ୍ଟିନା ଫରୱାର୍ଡ ଡୋମେନ ପ୍ରଥମ ଗୋଲ୍ ଦେଇ ପାଇପର୍ସକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ଦ୍ୱିତୀୟ କ୍ୱାର୍ଟରର ଶେଷ ତଥା ୨୯ତମ ମିନିଟ୍‌ରେ ଡୋମେନ ବ୍ୟକ୍ତିଗତ ୨ୟ ଗୋଲ୍ ଦେଇଥିଲେ। ଫଳରେ ପ୍ରଥମ ୩୦ ମିନିଟ୍‌ରେ ୨ଟି ଗୋଲ୍ ଦେଇ ପ୍ରଥମାର୍ଦ୍ଧକୁ ପାଇପର୍ସ ନିଜ ନାମରେ କରିଥିଲା।



ତେବେ ଏହାପରେ ଦ୍ୱିତୀୟାର୍ଦ୍ଧରେ ତୁଫାନ୍ସ ପ୍ରତ୍ୟାବର୍ତ୍ତନ କରିଥିଲା। ତୃତୀୟ କ୍ୱାର୍ଟରରେ ଓଡ଼ିଆ ଖେଳାଳି ଅମନଦୀପ୍ ଲାକ୍ରା ଗୋଟିଏ ଗୋଲ୍ ଦେଇ ତୁଫାନ୍ସର ଖାତା ଖୋଲିଥିଲେ। ଏହାପରେ ପରବର୍ତ୍ତୀ ୧୯ ମିନିଟ୍ ମଧ୍ୟରେ ତୁଫାନ୍ସ ଗୋଲ୍‌କୁ ଶୁଝାଇବା ଲାଗି ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲା। ଫଳରେ ପାଇପର୍ସ ୨-୧ ଗୋଲ୍‌ରେ ବାଜିମାତ୍ କରିନେଇଥିଲା। ସୋମବାର ଅନ୍ୟ ଏକ ମ୍ୟାଚରେ ତାମିଲନାଡୁ ଡ୍ରାଗନ୍ସ ବିପକ୍ଷରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଗଭର୍ଣ୍ଣିଂ କାଉନସିଲ୍ ୨-୦ ଗୋଲରେ ଅଗ୍ରଣୀ ରହିଛି। ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୩ଟି ମ୍ୟାଚରୁ ୩ଟି ବିଜୟ ସହ ୮ ପଏଣ୍ଟ ପାଇ ଶୀର୍ଷରେ ରହିଛି।

# ବାର୍ସିଲୋନାକୁ ୧୬ତମ ସୁପର୍ କପ୍ ଟାଇଟଲ

ଜେଦ୍ଦା, ୧୨।୧ (ଏଜେନ୍ସି): ରାଫିନାଙ୍କ ଡବଲ୍ ଗୋଲ୍ ବଳରେ ବାର୍ସିଲୋନା ୩-୨ ଗୋଲରେ ରିଅଲ ମାଦ୍ରିଦକୁ ପରାସ୍ତ କରି ସୁପର୍ କପ୍ ଟାଇଟଲ୍ ହାସଲ କରିଛି। ସ୍ପାନିଶ ସୁପର୍ କପ୍‌ର ୪୧ତମ ସଂସ୍କରଣ ଫାଇନାଲ ସାଉଦୀ ଆରବରେ ଖେଳାଯାଇଥିଲା। ପ୍ରଥମାର୍ଦ୍ଧରେ ମ୍ୟାଚ୍ ୨-୨ ଗୋଲ୍‌ରେ ବରାବର୍ ରହିଥିଲା। ଏହି ୪ଟି ଗୋଲ୍‌ରୁ ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମରେ ୩ଟି ଗୋଲ୍ ହୋଇଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୭୩ତମ ମିନିଟ୍‌ରେ ରାଫିନା ବ୍ୟକ୍ତିଗତ ୨ୟ ଓ ଦଳ ପାଇଁ ୩ୟ ଗୋଲ୍‌ଟି ଦେଇ ବାର୍ସିଲୋନାକୁ ଚାମ୍ପିଅନ କରାଇଥିଲେ। ଏଥିସହ ବାର୍ସିଲୋନା ରେକର୍ଡ ୧୬ଥର ଲାଗି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ଟାଇଟଲ୍ ହାସଲ କରିଛି।

## ଅସ୍ମିତା ଜାତୀୟ ଭାରୋତ୍ତୋଳନ ଲିଗ୍ ଉଦ୍‌ଯାପିତ

# ମୌସୁମୀଙ୍କୁ ଡବଲ୍ ସ୍ୱର୍ଣ୍ଣ, ଓଡ଼ିଶା ରନର୍ସଅପ୍



ଭୁବନେଶ୍ୱର, ୧୨।୧(ସମିସ): ଉତ୍ତରପ୍ରଦେଶର ମୋଦିନଗରଠାରେ ଚାଲିଥିବା ଅସ୍ମିତା ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଶେଷ ଦିନରେ ଓଡ଼ିଶା ମୌସୁମୀ ଦାସ ୨ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଯୁବ ଓ ସିନିୟର ବିଭାଗର ୭୭ କେଜିରୁ ଉଦ୍ଧ୍ୱର୍ ବିଭାଗର ସେ ସ୍ନାଚ୍‌ରେ ୭୦ କେଜି, କ୍ଲିନ୍ ଆଣ୍ଡ ଜର୍କରେ ୯୪ କେଜି ଓଜନ ଉଠାଇଥିଲେ। ମୋଟରେ ୧୬୪ କେଜି ଓଜନ ଉଠାଇଥିବା ମୌସୁମୀଙ୍କୁ ୨ଟି ସ୍ୱର୍ଣ୍ଣପଦକ ମିଳିଥିଲା। ଏହାକୁ ମିଶାଇ ଟୁର୍ଣ୍ଣାମେଣ୍ଟର ଉଭୟ କନିଷ୍ଠ ଓ ବରିଷ୍ଠ ବିଭାଗରେ ରନର୍ସଅପ୍ ହୋଇଛି। ଦଳର ପ୍ରତିଯୋଗୀମାନେ ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୩ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଓଡ଼ିଶା ଦଳର ଏହି ସଫଳତା ଲାଗି କୋଚ୍ ଯଜ୍ଞନାରାୟଣ ନନ୍ଦ, ଗୋପାଳକୃଷ୍ଣ ଦାସ ଓ ପଦ୍ମିନୀ ମହାନ୍ତି, ମ୍ୟାନେଜର ଟାଙ୍ଗ ଦେବୀଙ୍କୁ ଓଡ଼ିଶା ଭାରୋତ୍ତୋଳନ ସଂଘ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS